# ସ୍ୱେଚ୍ଛାକୃତ ଅନୁଶାସନ

## ଶିକ୍ଷାବିତ୍, ସ୍ୱେଚ୍ଛାସେବୀ, କ୍ଷେତ୍ରକର୍ମୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସୂଚନା ପୁସ୍ତିକା







Plan
Be a part of it.

ସି.ୱାଇ.ଏସ୍.ଡି. - ପ୍ଲାନ୍
କରଞ୍ଜିଆ, ମୟୂରଭଞ୍ଜ, ଓଡିଶା

cysd
Enable - Empower - Include...

# ହିଂସାମୁକ୍ତ ବିଦ୍ୟାଳୟ ପରିବେଶ

ଶିଶୁକୈନ୍ଦ୍ରିକ ଗୋଷ୍ଠୀ ବିକାଶ ସି.ଓ୍ୱାଇ.ଏସ୍.ଡି.-ପ୍ଲାନ୍ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଓଡିଶାର ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟରତ।

ଗୁଣାତ୍ମକ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ବିଦ୍ୟାଳୟମାନଙ୍କରେ ହିଂସା ସଂପୂର୍ଣ୍ଣ ଭାବରେ ନିଷେଧ ହେବା ଆବଶ୍ୟକ। ଏଥିପାଇଁ ଆଇନ୍ ପ୍ରଣୟନ ହୋଇଛି ଏବଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଦଣ୍ଡ ବା ନିର୍ଯ୍ୟାତନା ଦେବା ବିରୁଦ୍ଧରେ କଡା ତାଗିଦ୍ କରିଛନ୍ତି। କିନ୍ତୁ ଦୁଃଖର କଥା ଆଜିବି ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଶାରୀରିକ ତଥା ମାନସିକ ଯନ୍ତ୍ରଣାର ଶିକାର ହେଉଛନ୍ତି। ଏହାର କୁପରିଣାମ ଅନେକ। ବେଳେବେଳେ ଭାରସାମ୍ୟ ହରାଇ ନିରୀହ ଶିଶୁଟିଏ ଆତ୍ମହତ୍ୟା କରିବା, ବିକଳାଙ୍ଗ ହେବା ଅଥବା ମୃତ୍ୟୁବରଣ କରିବା ଭଳି ଅଭାବନୀୟ ଘଟଣାମାନ ଘଟୁଛି। ପିଲାଙ୍କୁ ଶୃଙ୍ଖଳିତ କରିବା ପାଇଁ ଦଣ୍ଡର ବ୍ୟବହାର ଏହାର ମୂଳ କାରଣ। ଏଭଳି ଭୁଲ୍ ଅବଧାରଣାକୁ ଦୂର କରିବା ପାଇଁ ଏହି ପୁସ୍ତିକାଟିକୁ ରଚନା କରାଯାଇଛି।

ଆଶା ଏହି ପ୍ରଶିକ୍ଷଣ ପୁସ୍ତିକାଟି ଶିକ୍ଷକ, ଶିକ୍ଷୟତ୍ରୀ, କ୍ଷେତ୍ରକର୍ମୀ ଏବଂ ଶିକ୍ଷାପ୍ରବନ୍ଧନ ସହ ଜଡିତ ଅଧିକାରୀଙ୍କ ପାଇଁ ବେଶ୍ ଉପାଦେୟ ପ୍ରମାଣିତ ହେବ। ଏହା ଦ୍ୱାରା ବିଦ୍ୟାଳୟରେ ଘଟୁଥିବା ହିଂସା ଦୂର ହୋଇପାରିଲେ ଏକ ଆଦର୍ଶ ବିଦ୍ୟାଳୟ ଗଠନ କରିବା ନିଶ୍ଚିତଭାବେ ସମ୍ଭବପର।

ଆସନ୍ତୁ, ସମସ୍ତେ ମିଶି ନିରୀହ ଶିଶୁଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତକୁ ବିକଶିତ କରିବା।

**ସି.ଓ୍ୱାଇ.ଏସ୍.ଡି.- ପ୍ଲାନ୍ ପ୍ରକଳ୍ପ**

# ମାର୍ଗ ଦର୍ଶନର ଉଦ୍ଦେଶ୍ୟ କ'ଣ

**ପିଲାମାନେ ଅନେକ ସମୟରେ ପରିବାର, ଗୋଷ୍ଠୀ, ଶିକ୍ଷା ଅନୁଷ୍ଠାନ, ସୁଧାର ଗୃହ, କର୍ମସ୍ଥାନ ଏବଂ ରାସ୍ତାଘାଟରେ ହିଂସାର ଶିକାର ହୁଅନ୍ତି । ଆମେ ଚତୁପାର୍ଶ୍ୱରେ ଘଟୁଥିବା ଘଟଣାକୁ ଅନୁଧ୍ୟାନ କଲେ ଏଭଳି ହିଂସାର ବ୍ୟାପକତା ସହଜରେ ଅନୁମାନ କରି ହେବ ।**

ପିଲାମାନଙ୍କ ବିରୁଦ୍ଧରେ ହିଂସା ଆଦୌ ଗ୍ରହଣୀୟ ନୁହେଁ । ପ୍ଲାନ / plan ର ସିଦ୍ଧାନ୍ତ ଅନୁଯାୟୀ ଏହା ସପକ୍ଷରେ କୌଣସି ଯୁକ୍ତିତର୍କ କ୍ଷମଣୀୟ ନୁହେଁ ।

ଏହି ସିଦ୍ଧାନ୍ତ ଉପରେ ମାର୍ଗଦର୍ଶିକାଟି ପର୍ଯ୍ୟବସିତ । ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ ତଥା ଶିକ୍ଷକ, ଗ୍ରାମ୍ୟ ଶିକ୍ଷା ସମିତି, ବିଦ୍ୟାଳୟ ପରିଚାଳନା ସମିତି, ଅଭିଭାବକ ଶିକ୍ଷକ ସଂଘ - ଏହାର ବ୍ୟବହାର କରିପାରନ୍ତି । ଏହି ପୁସ୍ତିକାଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ସରକାରୀ / ବେସରକାରୀ ସ୍ତରରେ ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ଉଦ୍ୟମ କରୁଥିବା ବିଭାଗ ତଥା କ୍ଷେତ୍ରକର୍ମୀମାନଙ୍କ ନିମନ୍ତେ ବେଶ୍ ସହାୟକ ହେବ । ବର୍ତ୍ତମାନ ଅନେକ ପ୍ରଶିକ୍ଷଣ ପୁସ୍ତିକାରେ ଶାରୀରିକ ଦଣ୍ଡ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଲାଗି ବିଷୟବସ୍ତୁ ସାମିଲ କରାଯାଇଛି । ଏହା ଏକ ଦଣ୍ଡନୀୟ ଅପରାଧ ବୋଲ ଶିକ୍ଷକମାନେ ପ୍ରାୟତଃ ଜାଣନ୍ତି ।

ମାର୍ଗଦର୍ଶିକା ପ୍ରସ୍ତୁତି ପାଇଁ ତଥ୍ୟ ସଂଗ୍ରହ ସମୟରେ ଏ ବିଷୟରେ ଯଥେଷ୍ଟ ସୂଚନା ମିଳିଛି । କିନ୍ତୁ ପ୍ରାୟତଃ ଶିକ୍ଷକମାନେ ଶାରୀରିକ ଦଣ୍ଡ ଦ୍ୱାରା ପିଲାମାନଙ୍କ ଉପରେ ପଡୁଥିବା ମାନସିକ ଓ ଶାରୀରିକ କୁପ୍ରଭାବ ବିଷୟରେ ଅବଗତ ନୁହଁନ୍ତି । ସ୍ୱେଚ୍ଛାକୃତ ଅନୁଶାସନ ସମ୍ପର୍କରେ ସେମାନଙ୍କ ନିକଟରେ ସୂଚନା ନାହିଁ । ତେଣୁ ଶୃଙ୍ଖଳା ରକ୍ଷା କରିବା ପାଇଁ ଅଧିକାଂଶ ସମୟରେ ଦଣ୍ଡର ସାହାଯ୍ୟ ନିଅନ୍ତି ।

କିଛି ଶିକ୍ଷକ ପିଲାମାନଙ୍କୁ ଶୃଙ୍ଖଳିତ କରିବା ପାଇଁ କୌଣସି ନିୟମର ଆବଶ୍ୟକ ନାହିଁ ବୋଲି କହିଛନ୍ତି । ଏହାଦ୍ୱାରା ପିଲାମାନେ ଅବହେଳିତ ହେବା ସଂଗେ ସଂଗେ ସେମାନଙ୍କର ମୌଳିକ ଅଧିକାରଗୁଡ଼ିକରୁ ବଞ୍ଚିତ ହୁଅନ୍ତି । ଏହି ପୁସ୍ତିକା ଦ୍ୱାରା ଏଭଳି ଅବ୍ୟବସ୍ଥାର ପ୍ରତିକାର କରାଯିବା ସହ କୌଣସି ହିଂସାର ବ୍ୟବହାର ନ କରି ପିଲାମାନଙ୍କୁ ଶୃଙ୍ଖଳିତ କରିବା ନିମନ୍ତେ ଶିକ୍ଷକଙ୍କ ପାଇଁ ଅନେକ ନୂତନ କୌଶଳ ବିଷୟରେ ଉଲ୍ଲେଖ କରାଯାଇଛି । ଏହାଦ୍ୱାରା ଶ୍ରେଣୀ ଗୃହରେ ତଥା ବିଦ୍ୟାଳୟରେ ସ୍ୱେଚ୍ଛାକୃତ ଅନୁଶାସନ ସଂସ୍କୃତି ସୃଷ୍ଟି କରିବାରେ ସେମାନେ ସଫଳ ହେବେ ।

ଏହା ପ୍ରମାଣିତ ଯେ କେବଳ ଶିକ୍ଷାର୍ଥୀ ଏବଂ ଶିକ୍ଷକ ସଂପର୍କ କିମ୍ବା ପିଲାଙ୍କ ପ୍ରତି ସେମାନଙ୍କ ଆଚରଣ ସୁଧୁରିଲେ ହିଂସା ମୁକ୍ତ ବିଦ୍ୟାଳୟ ସୃଷ୍ଟି କରିବା ସମ୍ଭବପର ନୁହେଁ । ଏଥିପାଇଁ ଅନେକ ପ୍ରଶାସନିକ ଅବ୍ୟବସ୍ଥା ଓ ପରିବେଶ ସମ୍ବନ୍ଧୀୟ ଆବଶ୍ୟକତାଗୁଡ଼ିକୁ ଦୃଷ୍ଟି ଦେବା ଆବଶ୍ୟକ । ଏଭଳି ନହେଲେ ଉଭୟ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କର ଚିନ୍ତନ ଶୈଳୀ ଏବଂ ବ୍ୟବହାରରେ ନକରାତ୍ମକ ପ୍ରଭାବ ପରିଲକ୍ଷିତ ହେବା ସ୍ୱାଭାବିକ । ସମାଧାନ ଖୋଜିବା ବେଳେ ଅଯଥା ତର୍କ ଏବଂ ପ୍ରକୃତ କାରଣଗୁଡ଼ିକ ଖୋଜିବା ଆବଶ୍ୟକ ।

# ମାର୍ଗଦର୍ଶିକା ପ୍ରସ୍ତୁତି ପ୍ରଣାଳୀ

ରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ବିଦ୍ୟାଳୟମାନଙ୍କରେ ଦିଆଯାଉଥିବା ଶାରୀରିକ ଦଣ୍ଡ ସଂପର୍କରେ ପ୍ଲାନ ଦ୍ୱାରା ଅଧ୍ୟୟନ କରାଯାଇଛି । ସଂଗୃହିତ ତଥ୍ୟଗୁଡ଼ିକୁ DIET / BRC ଏବଂ CRC ପ୍ରତିନିଧିଙ୍କ ଦ୍ୱାରା ବ୍ୟବହୃତ ଅନୁଶାସନର ବିଭିନ୍ନ ପଦ୍ଧତି ଏବଂ ଚଳନୀ ସଂପର୍କରେ ଅବଗତ ହେବା ନିମନ୍ତେ କର୍ମଶାଳାଗୁଡିକରେ ବିଶେଷ ଧ୍ୟାନ ଦିଆଯାଇଛି । ମାଧ୍ୟମିକ ସ୍ତରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ସହ ମଧ୍ୟ ଆଲୋଚନା ହୋଇଛି । ଆବଶ୍ୟକସ୍ଥଳେ ଉପରୋକ୍ତ ପ୍ରତିନିଧିମାନଙ୍କ ବ୍ୟତୀତ ଗ୍ରାମ୍ୟଶିକ୍ଷା ସମିତି ଏବଂ ଶିକ୍ଷକ ଅଭିଭାବକ ସଂଘ ତଥା ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀଙ୍କ ସହ ବ୍ୟକ୍ତିଗତ ଆଲୋଚନା ହୋଇଛି । ଏତଦ୍‌ବ୍ୟତୀତ ଉପଲବ୍ଧ ଗ୍ରନ୍ଥ, ଅନ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶିକା, ପ୍ରକାଶିତ ତଥା ଅପ୍ରକାଶିତ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀଗୁଡ଼ିକର ସମୀକ୍ଷା ହୋଇଛି । କିଛି ତଥ୍ୟକୁ ସିଧାସଳଖ ସାମିଲ୍ କରିବା ସହ ଅଭ୍ୟାସ କରି ଆବଶ୍ୟକତା ଅନୁସାରେ ପରିବର୍ତ୍ତନ କରି ବ୍ୟବହାର କରାଯାଇଛି । ପୁସ୍ତିକାଟିକୁ ଗୋରଖପୁର ନିକଟସ୍ଥ ନଓଦ୍ୱନୂଆ କାର୍ଯ୍ୟରତ



GNK Plan ପ୍ରକଳ୍ପ ସହାୟତାରେ କ୍ଷେତ୍ର ପରୀକ୍ଷଣ କରାଯାଇଛି । Plan, NCERT, NEOPA, UNICEF ତଥା NCPCR ରେ କାର୍ଯ୍ୟରତ ବିଶେଷଜ୍ଞମାନଙ୍କ ଦ୍ୱାରା ସମୀକ୍ଷା କରାଯାଇ ହସ୍ତଗତ ସୂଚନାକୁ ପୁସ୍ତିକାଟିର ପ୍ରକାଶନରେ ବ୍ୟବହାର କରାଯାଇଛି । ପ୍ରଥମେ କେତୋଟି ପ୍ରଶିକ୍ଷଣରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀଙ୍କ ମତାମତକୁ ପାଥେୟ କରି ପୁସ୍ତିକାଟିର ଚୂଡ଼ାନ୍ତ ରୂପାୟନ ହୋଇଛି ।

### କାହା ପାଇଁ ଉଦ୍ଦିଷ୍ଟ

ଏଇ ପୁସ୍ତିକାଟି ବିଶେଷ ଭାବରେ ପ୍ରଶିକ୍ଷକ / ପ୍ରଧାନଶିକ୍ଷକ / ଶିକ୍ଷୟିତ୍ରୀ, ବେସରକାରୀ ଅନୁଷ୍ଠାନ କର୍ମୀ ତଥା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନରେ ସଂଶ୍ଲିଷ୍ଟ ବ୍ୟକ୍ତି ବିଶେଷଣଙ୍କ ପାଇଁ ଉଦ୍ଦିଷ୍ଟ । ଶିକ୍ଷକମାନଙ୍କ ଦ୍ୱାରା ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସମାଧାନ କରିବାରେ ଏହା ସହାୟକ ହେବ ।

- ସ୍ୱେଚ୍ଛାକୃତ ଅନୁଶାସନର ଅର୍ଥ କ'ଣ ଏବଂ ଏହା କିପରି ସମ୍ଭବ ?
- ବିଦ୍ୟାଳୟରେ ଛାତ୍ରଛାତ୍ରୀ ତଥା କର୍ମଚାରୀମାନଙ୍କର ମନୋବୃତ୍ତି ଏବଂ ଆଚରଣ ପରିବର୍ତ୍ତନ କରିବା କିପରି ?
- ସେମାନଙ୍କ ମନରେ ସକରାତ୍ମକ ଭାବ ଉତ୍ପନ୍ନ ପାଇଁ କର୍ମକ୍ଷେତ୍ର ତଥା ପରିବେଶରେ କ'ଣ ପରିବର୍ତ୍ତନ ହେବା ଆବଶ୍ୟକ ?
- ଗ୍ରାମ ଶିକ୍ଷାସମିତି, ବିଦ୍ୟାଳୟ ପରିଚାଳନା ସମିତି, ଶିକ୍ଷକ ଓ ଅଭିଭାବକ ସଂଘର ପ୍ରତିନିଧିମାନଙ୍କ ସହଯୋଗ ଏବଂ ଭୂମିକା ସୁନିଶ୍ଚିତ କରିବାର ଉପାୟ ।
- ପ୍ରଥମତଃ ଏହାର ଲିଖନ ଶୈଳୀ ଶିକ୍ଷକମାନଙ୍କର ପ୍ରଶିକ୍ଷଣ ପାଇଁ ବେଶ୍ ସହାୟକ ଅଟେ । ଦ୍ୱିତୀୟତଃ ଶିକ୍ଷକ ତଥା ଶିକ୍ଷା ସହାୟକ ମାନେ ସୁଯୋଗ ଏବଂ ସୁବିଧା ଅନୁସାରେ ଏହାର ବ୍ୟବହାର କରିବା ସହଜ ।

ପରିବର୍ତ୍ତନ ପରିଚାଳନା ଅଧ୍ୟାୟଟି ଆଞ୍ଚଳିକ ଅଧିକାରୀମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ ଏବଂ ଭୂମିକା ବିଷୟରେ ସୂଚନା ଦେବା ସହ ଉତ୍ତମ ବିଦ୍ୟାଳୟ ପ୍ରବନ୍ଧନ ନିମନ୍ତେ ବେଶ୍ ସହାୟକ ହେବ ।

## ସଂଯୋଜନା

ଏହି ପୁସ୍ତିକାଟି ୩ ଭାଗରେ ବିଭକ୍ତ । ପ୍ରତ୍ୟେକ ଭାଗରେ ନୂତନ ଜ୍ଞାନ ଏବଂ କୌଶଳ ଶିକ୍ଷା ଦ୍ୱାରା ଶିକ୍ଷକମାନେ ବିଦ୍ୟାଳୟରେ ଉନ୍ନତି ଆଣିବା ପାଇଁ ଏଥିରୁ ଶିକ୍ଷାଲାଭ କରିବେ । ପ୍ରଥମ ଅଧ୍ୟାୟଟି ପ୍ରଶିକ୍ଷକ ଏବଂ ପାଠକମାନଙ୍କ ପାଇଁ ଆବଶ୍ୟକ ସୂଚନା ପ୍ରଦାନ କରେ । ଦ୍ୱିତୀୟ ଭାଗ ବିଦ୍ୟାଳୟଗୁଡ଼ିକରେ ସ୍ୱେଚ୍ଛାକୃତ ଅନୁଶାସନ ସମ୍ବନ୍ଧିତ ଅବଧାରଣା ଅଭ୍ୟାସଗୁଡ଼ିକ ଉପରେ ଆଲୋକପାତ କରେ । ଏହା ବିଭିନ୍ନ ପ୍ରକ୍ରିୟା ତଥା କୌଶଳଗୁଡ଼ିକର ସମ୍ମିଶ୍ରଣ ଦ୍ୱାରା ସ୍ୱେଚ୍ଛାକୃତ ଅନୁଶାସନ ସଂସ୍କୃତି ସୃଷ୍ଟି ପାଇଁ ଉଦାହରଣ ଦେବା ସହ ଶିକ୍ଷକମାନେ ବିଦ୍ୟାଳୟରେ ଏସବୁର କିପରି ପ୍ରୟୋଗ କରିବେ ସେ ଦିଗରେ ସୂଚନା ପ୍ରଦାନ କରେ । ବ୍ୟକ୍ତିଗତ ଓ ସମୂହସ୍ତରରେ ଚିନ୍ତନ ଏବଂ ଆଚରଣର ପରିବର୍ତ୍ତନ ଦ୍ୱାରା କିପରି ଲକ୍ଷ୍ୟ ହାସଲ ହେବ ସୂଚିତ କରେ । ଶିକ୍ଷକମାନେ ଏଥିରୁ ଜ୍ଞାନ ଆହରଣ କରି ଶ୍ରେଣୀଗୃହରେ ଅବା ବିଦ୍ୟାଳୟରେ ଏହାର ସଫଳ ପ୍ରୟୋଗ କରିପାରିବେ । ୩ୟ ଅଧ୍ୟୟଟି ପ୍ରତ୍ୟେକ ବିଦ୍ୟାଳୟରେ ପରିବର୍ତ୍ତନ ପ୍ରବନ୍ଧନ ତଥ୍ୟ ଉପରେ ଆଧାରିତ । ଏହାର ଦୁଇଟି ଅନୁ ବିଭାଗ ରହିଛି । ପ୍ରଥମରେ ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ଆବଶ୍ୟକ ପ୍ରସ୍ତୁତି ଏବଂ ପଦକ୍ଷେପ ବିଷୟରେ ପ୍ରଧାନ ଶିକ୍ଷକ, ଶିକ୍ଷକ ଏବଂ ଶିକ୍ଷା ସହାୟକମାନଙ୍କୁ ସୂଚନା ଦିଆଯାଇଛି । ୨ୟ ବିଭାଗଟି ଜଣେ ଶିକ୍ଷକ ଥିବା ବିଦ୍ୟାଳୟଗୁଡ଼ିକରେ ସ୍ୱେଚ୍ଛାକୃତ ଅନୁଶାସନର ପ୍ରକ୍ରିୟା ସମ୍ବନ୍ଧୀୟ ସୂଚନା ରହିଛି । ଏହି ଅଧ୍ୟାୟ ଏଭଳି କେତେକ ଦିଗ ଉପରେ ଆଲୋକପାତ କରେ ଯେଉଁଥିପାଇଁ ଶିକ୍ଷକମାନଙ୍କର ନିୟନ୍ତ୍ରଣ ନାହିଁ ଅର୍ଥାତ୍ ଗ୍ରାମ୍ୟ ଶିକ୍ଷା ସମିତି, ବିଦ୍ୟାଳୟ ପରିଚାଳନା ସମିତି ତଥା ଶିକ୍ଷକ ଅଭିଭାବକ ସଂଘଗୁଡ଼ିକର ସମଭାଗିତା ସୁନିଶ୍ଚିତ କରିବା ପାଇଁ ଉପାଦେୟ ତଥ୍ୟଗୁଡ଼ିକର ବର୍ଣ୍ଣନା ରହିଛି ।

ପୁସ୍ତିକାଟି ଯୋଜନା ଏବଂ ନିରୀକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନପାଇଁ ପ୍ରଧାନ ଶିକ୍ଷକ, ଶିକ୍ଷକ, ଗ୍ରାମ୍ୟ ଶିକ୍ଷା ସମିତି ଏବଂ ବିଦ୍ୟାଳୟ ପରିଚାଳନା ସମିତି, ଶିକ୍ଷକ ଅବିଭାବକ ସଂଘର ଦାୟିତ୍ୱ ଓ ଭୂମିକା ବିଷୟରେ ଉଲ୍ଲେଖ ରହିଛି । ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଆଶା କରାଯାଉଥିବା ପରିବର୍ତ୍ତନ ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଦିଆଯାଉଛି । ଏଥିରେ ପ୍ରତ୍ୟେକ ବର୍ଗ ତଥା ବ୍ୟକ୍ତି



ବିଶେଷଜ୍ଞ ଭୂମିକା, ଉତ୍ତର ଦାୟିତ୍ୱ ଏବଂ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦିଆଯାଇଛି । ନିମ୍ନଲିଖିତ ଉଦ୍ଦେଶ୍ୟ ପୂରଣ ପାଇଁ ଏହି ମାର୍ଗଦର୍ଶିକାଟିକୁ ବ୍ୟବହାର କରାଯାଇପାରେ ।

- ▶▶ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ - ଏହା ଏକ ପ୍ରଶିକ୍ଷିତ ବିଶେଷଜ୍ଞ ଦଳ ଦ୍ୱାରା ସମ୍ପାଦିତ ହୋଇଥାଏ ।
- ▶▶ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ।
- ▶▶ ଶିକ୍ଷକ ତଥା ସ୍ୱେଚ୍ଛାସେବୀ କର୍ମୀମାନଙ୍କଦ୍ୱାରା ସ୍ୱ-ଅଧ୍ୟୟନ

## ବିଦ୍ୟାଳୟସ୍ତରୀୟ ଯୋଜନା

ସ୍ୱେଚ୍ଛାକୃତ ଅନୁଶାସନ ସଂସ୍କୃତି ସୃଷ୍ଟି ନିମନ୍ତେ ପ୍ରତ୍ୟେକ ବିଦ୍ୟାଳୟରେ ଏକ ଯୋଜନା ପ୍ରସ୍ତୁତ କରିବା ଉଚିତ୍ । ପ୍ରଧାନଶିକ୍ଷକ ଏବଂ ଶିକ୍ଷକମାନେ ଏଥିପାଇଁ ଆବଶ୍ୟକ ସାମର୍ଥ୍ୟ ହାସଲ କରିବା ପର୍ଯ୍ୟନ୍ତ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦେବା ଉଚିତ୍ । ନିମ୍ନଲିଖିତ ଉପାୟରେ ଏହା କରାଯାଇପାରେ ।

- ▶ ପାଖାପାଖି ଅଞ୍ଚଳର ପ୍ରଧାନଶିକ୍ଷକ, ଶିକ୍ଷକ ଓ ଶିକ୍ଷା ସହାୟକଙ୍କ ସହ ମିଶି ଏକ ଦଳ ଗଠନ କରାଯାଇପାରେ ।
- ▶ ଆବଶ୍ୟକ ସ୍ଥଳେ BRC ଏବଂ CRC ଙ୍କ ସହାୟତା ନିଆଯାଇପାରେ। ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦଳର ଦକ୍ଷତା ବୃଦ୍ଧି କରାଯାଇପାରେ । ସେମାନେ ନିଜକୁ ଏଥିପାଇଁ ପ୍ରସ୍ତୁତ ବୋଲି ବିବେଚନା କରିବା ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବା ଉଚିତ୍ । ଗୋଟିଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୫ ରୁ ୩୦ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ସୀମିତ ରହିବା ଉଚିତ୍ ।

## କ୍ଷେତ୍ର କାର୍ଯ୍ୟକ୍ରମ

ପ୍ରଶିକ୍ଷଣ ସମୟରେ କ୍ଷେତ୍ର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ପ୍ରଶିକ୍ଷାର୍ଥୀମାନେ ଗୋଟିଏ ବିଦ୍ୟାଳୟ ପରିଭ୍ରମଣ କରିବା ଉଚିତ୍ । ସେମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ବିଭିନ୍ନ ବିଦ୍ୟାଳୟକୁ ପଠାଯାଇପାରେ । ସଂଗୃହିତ ତଥ୍ୟ ଠାରୁ ସେମାନେ ସମସ୍ତଙ୍କ ଆଗରେ ସେଦିନ କିମ୍ବା ତାପରଦିନ ପ୍ରଦର୍ଶିତ କରିବା ଉଚିତ୍ । ଏହି ତଥ୍ୟକୁ ଆଧାର କରି ପ୍ରତ୍ୟେକ ବିଦ୍ୟାଳୟ ପାଇଁ ପରିବର୍ତ୍ତନ ଖସଡ଼ା ପ୍ରସ୍ତୁତ କରାଯିବ । ଏହାଦ୍ୱାରା ପ୍ରଶିକ୍ଷଣ ସମୟରେ ଶିଖିଥିବା ଜ୍ଞାନ କୌଶଳଗୁଡ଼ିକର ପ୍ରୟୋଗ ପାଇଁ ସୁଯୋଗ ମିଳିବ । ଖସଡ଼ାଟିରେ ସ୍ୱଳ୍ପମିଆଦୀ ଏବଂ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ସାମିଲ କରିବା ଉଚିତ୍ । ଯଥା :-

(କ) ଏଭଳି ପଦକ୍ଷେପ ଯାହା କମ୍ ସମୟ ଭିତରେ କୌଣସି ବାହ୍ୟ ସାହାଯ୍ୟ ନନେଇ କରାଯାଇପାରେ ।

(ଖ) ସେଭଳି କାର୍ଯ୍ୟକ୍ରମ, ଯେଉଁଥିରେ ଗ୍ରାମ୍ୟ ଶିକ୍ଷାସମିତି, ବିଦ୍ୟାଳୟ ଶିକ୍ଷା ସମିତି, BRC ଇତ୍ୟାଦିକୁ ସାମିଲ୍ କରି ହିଂସା ରୋକିବା ଏବଂ ସ୍ୱେଚ୍ଛାକୃତ ଅନୁଶାସନ ସୃଷ୍ଟି ପାଇଁ ଦୀର୍ଘ ମିଆଦୀ ବ୍ୟବସ୍ଥା ଗ୍ରହଣ କରିବା ।

କ୍ଷେତ୍ର କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ପ୍ରସ୍ତୁତି, ଗମନାଗମନର ସୁବିଧା, ବିଦ୍ୟାଳୟଗୁଡ଼ିକରେ ଆଲୋଚନା ତଥା ଆବଶ୍ୟକୀୟ ତଥ୍ୟ ଗୁଡ଼ିକର ସଂଗ୍ରହ ପାଇଁ ଯୋଗାଯୋଗକୁ ସୁନିଶ୍ଚିତ କରିବା ଉଚିତ୍ । ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆଗୁଆ ଅନୁମତି ନେବା ଆବଶ୍ୟକ । ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ସ୍ୱେଚ୍ଛାକୃତ ସଂସ୍କୃତି ଗଢ଼ିତୋଳିବା ଏହି ମାର୍ଗଦର୍ଶିକାର ଲକ୍ଷ୍ୟ ଅଟେ । ନିଜର ଚିନ୍ତନ, ଆଚରଣ ଏବଂ ପରସ୍ପର ପ୍ରତି ବ୍ୟବହାରକୁ ନିୟନ୍ତ୍ରିତ କରିବା ପାଇଁ ଆବଶ୍ୟକ ହେଉଥିବା ନିୟମାବଳୀ ସ୍ପଷ୍ଟ କରିବା ଉଚିତ୍ । ଏକ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଉଦ୍ୟାନ ତଥା ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଅର୍ଥାତ୍ ବାହ୍ୟ ସାହାଯ୍ୟ ଉପରେ ନିର୍ଭର ନକରି ନିଜେ କରିପାରୁଥିବା କାର୍ଯ୍ୟକୁ ଚିହ୍ନଟ କରିବା ଏବଂ ରୂପାୟିତ କରିବା ନିମନ୍ତେ ଉଭୟ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ଉଦ୍ୟମ କରିବା ଆବଶ୍ୟକ । ଶିକ୍ଷକମାନଙ୍କ ଅବଗତି ନିମନ୍ତେ ବିଭିନ୍ନ ଆଇନ୍ ବିଧି ତଥା ନିରୀକ୍ଷଣ ବ୍ୟବସ୍ଥା ବିଷୟରେ ପୁସ୍ତିକାଟିରେ ଉଲ୍ଲେଖ ରହିଛି ।



## ଉତ୍ତମ ପ୍ରଶିକ୍ଷକଙ୍କ ଆବଶ୍ୟକତା

ଜଣେ ଦକ୍ଷ ପ୍ରଶିକ୍ଷକ ପ୍ରଶିକ୍ଷାର୍ଥୀମାନଙ୍କ ଜ୍ଞାନ ଓ ଅଭିଜ୍ଞତାକୁ ଭଲଭାବରେ ବ୍ୟବହାର କରିବା ଉଚିତ୍ । ବିଭିନ୍ନ ପଦ୍ଧତି ଅବଲମ୍ବନ କରି ସେମାନେ ବିଷୟ ବସ୍ତୁଟିକୁ ପ୍ରାଞ୍ଜଳ ଭାବରେ ବୁଝାଇବା ଉଚିତ । ବଡ଼ ଦଳରେ ଆଲୋଚନା, କ୍ଷୁଦ୍ର ଦଳଗତ ଆଲୋଚନା, ଅଭିନୟ, ପ୍ରଦର୍ଶନ, ସମୀକ୍ଷା ଏବଂ ମତାମତ ବିନିମୟ ଦ୍ୱାରା ବିଷୟବସ୍ତୁଗୁଡିକୁ ସହଜ କରାଯାଇପାରେ । ଶିଖା ଯାଉଥିବା କୌଶଳଗୁଡ଼ିକୁ ଭଲ ଭାବରେ ଅଭ୍ୟାସ କରିବା ପାଇଁ ସୁଯୋଗ ଦିଆଗଲେ ପ୍ରଶିକ୍ଷାର୍ଥୀମାନେ ଏହାକୁ ଆୟତ୍ତ କରିବା ସହ ଏହାର ସଫଳ ପ୍ରୟୋଗ ପାଇଁ ଅନୁପ୍ରାଣୀତ ହେବେ ।

## ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା

ଏକ ଉତ୍ତମ ଶିକ୍ଷଣୀୟ ପରିବେଶ ସୃଷ୍ଟି ପାଇଁ ନିମ୍ନଲିଖିତ ପଦକ୍ଷେପ ଆବଶ୍ୟକ ।

- ☐ ଶିକ୍ଷାର୍ଥୀ/ନୀ ନିଜକୁ ସହଜ, ସୁରକ୍ଷିତ ମନେ କରିବା ସହ ଅଂଶଗ୍ରହଣ ପାଇଁ ସୁଯୋଗ ପାଇବା ଉଚିତ୍ ।
- ☐ ସକ୍ରିୟ ଅଂଶ ଗ୍ରହଣ ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଉଚିତ୍ ।
- ☐ ଶିକ୍ଷାର୍ଥୀ/ନୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶିକ୍ଷଣ ଖସଡ଼ା ଏବଂ କ୍ଷେତ୍ର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହେବା ଉଚିତ୍ ।
- ☐ ପ୍ରଶିକ୍ଷଣ ସମୟରେ ବିଭିନ୍ନ ଅନାବଶ୍ୟକ କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ଏକାଗ୍ରତା ଏବଂ ସହଭାଗିତାକୁ ନଷ୍ଟ କରିବା ଉଚିତ୍ ନୁହେଁ । ଏଭଳି କରାଗଲେ ଶିଖିବା ଏବଂ ଅଂଶଗ୍ରହଣ କରିବା ପାଇଁ ପ୍ରକୃଷ୍ଟ ପରିବେଶ ସୃଷ୍ଟି ହେବ ।
- ☐ ଆଶଙ୍କିତ, ଭୟଭୀତ, ଚିନ୍ତିତ, କ୍ଲାନ୍ତ କିମ୍ବା ଭୋକ ତଥା ଅସ୍ୱସ୍ତିକର ପରିବେଶ ଭିତରେ ଶିକ୍ଷାଲାଭ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଅସମ୍ଭବ ।
- ☐ ପିଲାଙ୍କ ଭଳି ଆମେ ମଧ୍ୟ ଖୁସିମନରେ ତଥା ହସ କୌତୁକ ମାଧ୍ୟମରେ ନୂତନ ଜ୍ଞାନ ଗ୍ରହଣ କରିବା ସହଜ ହୁଏ ।

## ବୟସ୍କମାନଙ୍କ ଜ୍ଞାନ ଆହରଣ ପାଇଁ ଆବଶ୍ୟକ ସୂଚନା

- ☐ **ମୂଲ୍ୟାୟନ** – ଶିକ୍ଷାଦାନ, ଶିକ୍ଷାର୍ଥୀ/ନୀଙ୍କ ଚାହିଦା ଏବଂ ଆବଶ୍ୟକତା ଉପରେ ନିର୍ଭର କରି ଯାହା ମୂଲ୍ୟାୟନ ଦ୍ୱାରା ନିର୍ଦ୍ଧାରିତ କରିହେବ ।
- ☐ **ସୁରକ୍ଷା** – ଶିକ୍ଷାର୍ଥୀ, ଶିକ୍ଷାର୍ଥୀନୀମାନଙ୍କୁ ଲଜ୍ଜା ବା ସଂକୋଚ ଅନୁଭବ କରିବା ପାଇଁ ସୁଯୋଗ ନଦେବା ଉଚିତ୍ ଯାହା ଦ୍ୱାରା ସେମାନେ ଅଂଶ ଗ୍ରହଣ କରିବାରୁ ବଞ୍ଚିତ ହେବେ ।
- ☐ **ଅଭ୍ୟାସ** – ପ୍ରଥମେ ପ୍ରଶିକ୍ଷଣ ଗୃହରେ ଏବଂ ପରେ ପ୍ରକୃତ କ୍ଷେତ୍ରରେ (ବିଦ୍ୟାଳୟ, ଗ୍ରାମ) ଅଭ୍ୟାସ କରାଯିବା ଉଚିତ୍ ।
- ☐ **ସମ୍ମାନ** – ଶିକ୍ଷାର୍ଥୀ/ଶିକ୍ଷାର୍ଥୀନୀମାନଙ୍କ ବ୍ୟକ୍ତିତ୍ୱ, ମତାମତ ତଥା ଅଭିଜ୍ଞତାଗୁଡ଼ିକୁ ଉପହାସ ନ କରି ସମ୍ମାନ ଜଣାଇବା ଉଚିତ୍ ।
- ☐ **ପ୍ରାସଙ୍ଗିକତା** – ଶିଖୁଥିବା ଜ୍ଞାନ କୌଶଳଗୁଡ଼ିକୁ ନିଜ ବିଦ୍ୟାଳୟ କିମ୍ବା କର୍ମକ୍ଷେତ୍ରରେ ପ୍ରଭାବଶାଳୀ ଢ଼ଙ୍ଗରେ ବ୍ୟବହାର କରିବା ପାଇଁ ଶିକ୍ଷାର୍ଥୀ/ନୀମାନଙ୍କୁ ଉତ୍ସାହିତ କରିବା ଉଚିତ୍ ।
- ☐ **ଦଳ ଭାବନା** – ଶିକ୍ଷାର୍ଥୀ/ନୀ ମାନଙ୍କୁ ପରସ୍ପର ମଧ୍ୟରେ ନିଜ ଅଭିଜ୍ଞତା ଏବଂ ମତାମତ ବିନିମୟ କରିବାକୁ ଉତ୍ସାହିତ କରିବା ଆବଶ୍ୟକ । ଏହାଦ୍ୱାରା ସହଜରେ ଅନେକକଥା ଶିଖି ହେବ ଏବଂ ଏହାକୁ କିପରି କାର୍ଯ୍ୟକାରୀ କରାଯିବ ତାହା ବୁଝି ହେବ ।
- ☐ **ସଂପୃକ୍ତି** – ସକ୍ରିୟ ଅଂଶଗ୍ରହଣ ପାଇଁ ଶିକ୍ଷାର୍ଥୀ/ନୀ ମାନଙ୍କ ଆବେଗ ଏବଂ ବୁଦ୍ଧିକୁ ସମ୍ପୂର୍ଣ୍ଣଭାବରେ ଉପଯୋଗ କରନ୍ତୁ ।
- ☐ **ଉତ୍ତରଦାୟିତ୍ୱ** – ପ୍ରଶିକ୍ଷଣର ମାନ ଉପରେ ଧ୍ୟାନ ଦେଇ ଶିଖିଥିବା ଜ୍ଞାନ କୌଶଳକୁ ଶିକ୍ଷାର୍ଥୀ/ନୀ ମାନଙ୍କ ଦ୍ୱାରା ବ୍ୟବହାର ପାଇଁ ଗୁରୁତ୍ୱ ଦିଅନ୍ତୁ ।



# ପ୍ରଶିକ୍ଷଣ ଯୋଜନା ନିମନ୍ତେ ଆବଶ୍ୟକୀୟ ସୂଚନା

| | |
|---|---|
| କାହାପାଇଁ | ଶିକ୍ଷାର୍ଥୀ/ନୀଙ୍କ ସୂଚନା (ଶିକ୍ଷାଗତ ଯୋଗ୍ୟତା, ଉପଲବ୍ଧ ଜ୍ଞାନ କୌଶଳ, ଆବଶ୍ୟକତା ଦେବା |
| କାରଣ | ପ୍ରଶିକ୍ଷଣର ଉଦ୍ଦେଶ୍ୟ ତଥା ପ୍ରାସଙ୍ଗିକତା |
| କ'ଣ | ପ୍ରଶିକ୍ଷଣ ପରେ ଶିକ୍ଷାର୍ଥୀ/ନୀ ମାନେ ଜାଣିବା କଥା (ନୂତନ ଜ୍ଞାନ କୌଶଳ ଆଚରଣ, ତଥା ଅଭ୍ୟାସ ସମ୍ବନ୍ଧରେ ସୂଚନା, ପ୍ରଶିକ୍ଷଣର ଅବଧିକୁ ଧ୍ୟାନରେ ରଖି ବିଷୟ ବସ୍ତୁ ନିର୍ଦ୍ଧାରଣ କରିବା ଉଚିତ୍ । |
| କ'ଣ ପାଇଁ | ପ୍ରଶିକ୍ଷଣର ଉଦ୍ଦେଶ୍ୟ - ପ୍ରଶିକ୍ଷଣ ପରେ ଶିକ୍ଷାର୍ଥୀ/ନୀ ମାନେ କ'ଣ କରିବେ |
| କିପରି | ଉଦ୍ଦେଶ୍ୟ ସାଧନ ପାଇଁ ଆବଶ୍ୟକ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ |
| କେଉଁଠି | ପ୍ରଶିକ୍ଷଣ ସ୍ଥାନ ତଥା ଆବଶ୍ୟକୀୟ ଉପକରଣ । ଅନ୍ୟାନ୍ୟ ସୁବିଧା ସୁଯୋଗର ବିବରଣୀ । |

ଜଣେ ଦକ୍ଷ ପ୍ରଶିକ୍ଷକ, ଆବଶ୍ୟକ ମୁତାବକ କୌଶଳ ଅବଲମ୍ବନ କରି ଶିକ୍ଷାଦାନ କରିବା ସହ ଶିକ୍ଷାର୍ଥୀ/ନୀ ମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଶିକ୍ଷାଦାନକୁ ସହଭାଗିଭିତ୍ତିକ ଏବଂ ରୁଚିପୂର୍ଣ୍ଣ କରିବା ଦରକାର । ସେମାନଙ୍କ ଅଭିଜ୍ଞତା ଏବଂ ମତାମତକୁ ଉପେକ୍ଷା କରି କେବଳ ନିର୍ଦ୍ଦେଶ ଦେଲେ ପ୍ରଶିକ୍ଷଣର ମାନ ହ୍ରାସ ହୁଏ । ଏହାଛଡ଼ା ଦଳ ଭିତରେ ଥିବା ବୈଷମ୍ୟ ତଥା ଲିଙ୍ଗ ଭେଦ, ବୟସ ଅଭିଜ୍ଞତା ଏବଂ ବ୍ୟକ୍ତିତ୍ୱ ମଧ୍ୟରେ ଥିବା ତାରତମ୍ୟକୁ ଧ୍ୟାନ ନଦେଲେ ଅନେକ ସମୟରେ କିଛି ଶିକ୍ଷାର୍ଥୀ/ନୀ ଅନ୍ୟମାନଙ୍କୁ ଯୋଗଦାନରୁ ବଞ୍ଚିତ କରିପାରନ୍ତି । ଏଥିପାଇଁ ନିରବ ରହୁଥିବା ବ୍ୟକ୍ତିମାନଙ୍କୁ ସକ୍ରିୟ ଅଂଶ ଗ୍ରହଣ ନିମନ୍ତେ ଉତ୍ସାହିତ କରିବା ଉଚିତ୍ । ବିଭିନ୍ନ ଉପାୟ ଅବଲମ୍ବନ କରି ଏହା କରାଯାଇପାରେ ।

## ଗୋପନୀୟତା ଏବଂ ନୈତିକ ଆଚରଣ ବିଧି

ପ୍ରଶିକ୍ଷଣ ସମୟରେ ଶିକ୍ଷାର୍ଥୀ/ନୀ ମାନଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ଗୋଷ୍ଠୀକୁ ସମାନ ଭାବରେ ଧ୍ୟାନ ଦେବା ଉଚିତ୍ ।

ବୟସ୍କ ଅଂଶଗ୍ରହଣକାରୀ

- କେହି ଅନୁରୋଧ କଲେ ସେ କହିଥିବା ତଥ୍ୟକୁ ଗୋପନୀୟ ରଖିବା ଉଚିତ୍ ।
- ନକାରାତ୍ମକ ଅନୁଭବକୁ ବର୍ଣ୍ଣନା କରିବା ପାଇଁ କାହାକୁ ବାଧ୍ୟ କରିବା ଉଚିତ୍ ନୁହେଁ ।
- ଦଳଭିତରେ ଥିବା ବିବିଧତାକୁ ସମ୍ମାନ ଜଣାନ୍ତୁ ।
- ବିଷୟବସ୍ତୁ ଆରମ୍ଭ କିମ୍ବା ଶେଷରେ କୌଣସି ଧାର୍ମିକ ପ୍ରାର୍ଥନା ବୋଲିବା ଉଚିତ୍ ନୁହେଁ। କାରଣ ଏହା ଅନ୍ୟ ଧର୍ମାବଲମ୍ବୀଙ୍କୁ ଆହତ କରିପାରେ ।

## ଶିଶୁ ଅଂଶ ଗ୍ରହଣକାରୀ

- ଶିଶୁମାନେ ଗୋପନୀୟତା ପାଇଁ ଅନୁରୋଧ କଲେ ସେଭଳି ଘଟଣାକୁ ଗୋପନୀୟ ରଖିବା ଉଚିତ ଅବଶ୍ୟ ଏହାର ପ୍ରତିକାର ପାଇଁ ଉପଯୁକ୍ତ ସ୍ଥାନରେ ପଦକ୍ଷେପ ନେବା ଉଚିତ୍ ।
- କୌଣସି କଥା କିମ୍ବା ଅନୁଭବର ଉପସ୍ଥାପନା ବେଳେ ଶିଶୁଟିଏ ଆଘାତ ପାଇଲେ କିମ୍ବା ଆତଙ୍କିତ ହେଲେ କିମ୍ବା ଯନ୍ତ୍ରଣା ଅନୁଭବ କଲେ ତାକୁ ତୁରନ୍ତ ସହଜ କରିବା ପାଇଁ ଧ୍ୟାନ ଦିଅନ୍ତୁ ।
- ଅନୁଶାସନ ମାନୁ ନଥିବା ପିଲାଙ୍କୁ ଏକ ପୃଥକ୍ ଗୋଷ୍ଠୀ ଭାବରେ ବିବେଚନା କରି ସେମାନଙ୍କ ପ୍ରତି ଭେଦଭାବ ପୂର୍ଣ୍ଣ ଆଚରଣ କରନ୍ତୁ ନାହିଁ ।



## ଶିକ୍ଷକ ଅଂଶ ଗ୍ରହଣକାରୀ

● ମନେ ରଖନ୍ତୁ ! ଶିକ୍ଷକମାନେ ଆପଣଙ୍କ କଥା ଗ୍ରହଣ ନକରି ସ୍ୱେଚ୍ଛାକୃତ ଅନୁଶାସନ ବିରୁଦ୍ଧରେ ମତବ୍ୟକ୍ତ କରିପାରନ୍ତି । ଏପରି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହନ୍ତି ।

● ସେମାନଙ୍କ ସହ ଯୁକ୍ତି ନ କରି ଧିରେ ଧିରେ ନିଜ ବିଷୟ ବସ୍ତୁ ବୁଝାଇବାକୁ ଚେଷ୍ଟା କରନ୍ତୁ ।

● ପରିବର୍ତ୍ତନ ପାଇଁ ଏକ ବିରାଟ ଖସଡ଼ା ପ୍ରସ୍ତୁତ ନକରି ଛାତ୍ରଛାତ୍ରୀଙ୍କ ସହ ମିଶି ସେମାନେ ଯାହା ସହଜରେ କହିପାରିବେ ସେଗୁଡ଼ିକୁ ଅଗ୍ରାଧିକାର ଦିଅନ୍ତୁ ।

## ଶିକ୍ଷାର୍ଥୀ/ନୀଙ୍କ ପାଇଁ ସୂଚନା

● ପରିବର୍ତ୍ତନ ପ୍ରବନ୍ଧନ ଅଧ୍ୟାୟନରେ ଏହାର ବିସ୍ତୃତ ବିବରଣୀ ରହିଛି । ଅଭ୍ୟାସ ପାଇଁ ଦିଆଯାଇଥିବା ପଠନ ଲିଖନ ସାମଗ୍ରୀକୁ ବ୍ୟବହାର କରନ୍ତୁ ।

● କ୍ଷୁଦ୍ର ଦଳଗତ ଆଲୋଚନା (ସ୍ୱେଚ୍ଛାସେବୀ, ପ୍ରତିନିଧି ଅଥବା ଜିଲ୍ଲା ପ୍ରଶିକ୍ଷଣ ସଂସ୍ଥାନ କର୍ମଚାରୀଙ୍କ ଦ୍ୱାରା କରାଯାଇପାରେ)

ପ୍ରଶିକ୍ଷଣ ପରେ ନିଜ କାର୍ଯ୍ୟକ୍ଷେତ୍ରରେ ଶିକ୍ଷାର୍ଥୀ/ନୀମାନେ ପ୍ରତ୍ୟେକ୍ଷ ସାହାଯ୍ୟ ସହଯୋଗ ଆବଶ୍ୟକ କରନ୍ତି । ଦୁଇ ବା ଅଧିକ ଶିକ୍ଷକ ଥିବା ବିଦ୍ୟାଳୟଗୁଡିକରେ ସାପ୍ତାହିକ ଆଲୋଚନା ଦ୍ୱାରା ସାହାଯ୍ୟ ଯୋଗାଇ ହେବ। କିନ୍ତୁ ଜଣେ ଶିକ୍ଷକ ଥିବା ବିଦ୍ୟାଳୟଗୁଡ଼ିକ ନିମନ୍ତେ ମାସକୁ ଥରେ ବୈଠକ କରି ସେଭଳି ଶିକ୍ଷକମାନଙ୍କର ଆବଶ୍ୟକତା ପୂରଣ କରିବା ଦରକାର । ପ୍ରଶିକ୍ଷଣ ପରେ ପରେ ଶିକ୍ଷକମାନେ ବୈଠକ ମାଧ୍ୟମରେ ବାରମ୍ବାର ଅନୁଭବ ଏବଂ ମତାମତର ବିନିମୟ କଲେ ନୂତନ କୌଶଳଗୁଡ଼ିକୁ ଶିଖିବା ସହ ସମ୍ମୁଖିନ ହେଉଥିବା ସମସ୍ୟାର ସମାଧାନ କରିବା ଅଧିକ ସହଜ ହେବ ।

● ନିଜେ ପଢ଼ିବା ଦ୍ୱାରା

ସମୟ ସମୟରେ ମାର୍ଗଦର୍ଶିକାର ବିଭିନ୍ନ ଅଧ୍ୟାୟରୁ ପଢ଼ି ବୁଝିବା ପାଇଁ ଚେଷ୍ଟ କଲେ ଭୁଲି ଯାଇଥିବା ତଥ୍ୟକୁ ଜାଣିବା ଏବଂ ମନେ ରଖିବା ସହଜ ହୁଏ । ଲିଖିତ ବିଷୟବସ୍ତୁ ବୁଝିବାରେ ଅସୁବିଧା ଥିଲେ ପିଲାମାନଙ୍କ ଶିକ୍ଷାପ୍ରତି ଯତ୍ନଶୀଳ, ଅବସର ପ୍ରାପ୍ତ ଶିକ୍ଷକ ତଥା କ୍ଷେତ୍ରକର୍ମୀଙ୍କ ସାହାଯ୍ୟ ନିଆଯାଇପାରେ ।

# ସ୍ୱେଚ୍ଛାକୃତ ଅନୁଶାସନ ପ୍ରଶିକ୍ଷଣ ଖସଡ଼ା

## ପ୍ରଥମ ଦିବସ

| ସମୟ | ବିଷୟ | ପଦ୍ଧତି |
|---|---|---|
| ୯.୦୦-୯.୩୦ | ପରିବେଶ ସୃଷ୍ଟି, ପରିଚୟ, ଉଦ୍ଦେଶ୍ୟ, ଶିକ୍ଷାର୍ଥୀ/ନୀଙ୍କ ଆବଶ୍ୟକତା | ଆଲୋଚନା ଏବଂ ସହଭାଗିତାଭିତ୍ତିକ |
| ୯.୩୦-୧୧.୦୦ | ● ଶିଶୁର ବିକାଶରେ ଶିକ୍ଷକର ଭୂମିକା<br>● ବିଦ୍ୟାଳୟ ପରିଚାଳନାରେ ବିଭିନ୍ନ ଗୋଷ୍ଠୀଙ୍କ ଦାୟିତ୍ୱ ଏବଂ ଭୂମିକା<br>● ଶିକ୍ଷକମାନଙ୍କ ମତାମତ ସଂଗ୍ରହ<br>● ଛାତ୍ରଛାତ୍ରୀଙ୍କ ମନୋଭାବର ଆକଳନ | ପ୍ରଶିକ୍ଷକଙ୍କ ଦ୍ୱାରା ସୂଚନା ପ୍ରଦାନ ଏବଂ ଶିକ୍ଷାର୍ଥୀ/ନୀଙ୍କ ସହ ଆଲୋଚନା |



| | | |
|---|---|---|
| ୧୧.୩୦-୧.୦୦ | ● ବିଦ୍ୟାଳୟରେ ଘଟୁଥିବା ହିଂସା ଯୋଗୁଁ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଦୀର୍ଘ ସ୍ଥାୟୀ କୁପ୍ରଭାବ<br>● ହିଂସା ରୋକିବା ଏବଂ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରି ନିଜ ତଥା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବାର ଉପାୟ | ଅନୁଭବ / ଅଭିଜ୍ଞତାଭିତ୍ତିକ ଆଲୋଚନା |
| ୧.୦୦-୨.୦୦ | ଭୋଜନ | |
| ୨.୦୦-୩.୦୦ | ସ୍ୱେଚ୍ଛାକୃତ ଅନୁଶାସନର ଅର୍ଥ | ଆଲୋଚନା ଏବଂ ତଥ୍ୟ ଉପସ୍ଥାପନା |
| ୩.୦୦-୩.୩୦ | ଜଳପାନ | |
| ୩.୩୦-୪.୩୦ | ଶିଶୁ ସହଭାଗିତା ଏବଂ ଆଚରଣବିଧି ପ୍ରଣୟନ | ଆଲୋଚନା, ତଥ୍ୟ ଉପସ୍ଥାପନା |
| ୪.୩୦-୫.୩୦ | ମୁଁ ପରିବର୍ତ୍ତନ କରିପାରିବି | ବ୍ୟକ୍ତିଗତ ତଥା ଦଳଗତ କାର୍ଯ୍ୟ |
| ୫.୩୦-୬.୦୦ | ଦ୍ୱିତୀୟ ଦିବସ ପାଇଁ କାର୍ଯ୍ୟ ଦାୟିତ୍ୱ | କ୍ଷୁଦ୍ରଦଳ ଗଠନ ଏବଂ ଆସନ୍ତା କାଲି ପାଇଁ କାର୍ଯ୍ୟ ବଣ୍ଟନ |

## ଦ୍ୱିତୀୟ ଦିବସ

| ସମୟ | ବିଷୟ | ପଦ୍ଧତି |
|---|---|---|
| ୮.୩୦-୧୧.୩୦ | ପ୍ରଥମ ଦିବସର ବିବରଣୀ ପାଠ ତଥା ଅଧ୍ୟାପନା ପାଇଁ ପ୍ରସ୍ତୁତି | ପ୍ରତ୍ୟେକ ଦଳ ପ୍ରଥମ ଦିବସରେ ଆଲୋଚିତ ବିଷୟବସ୍ତୁ ଅନୁସାରେ ଗୋଟିଏ ଗୋଟିଏ ବିଷୟ ଉପରେ ଶିକ୍ଷାଦାନ ପାଇଁ ପ୍ରସ୍ତୁତି । |
| ୧୧.୩୦-୧.୦୦ | 'କ' ଦଳ<br>ଶିଶୁ ବିକାଶରେ ଶିକ୍ଷକଙ୍କ ଭୂମିକା<br>'ଖ' ଦଳ<br>ବିଦ୍ୟାଳୟ ପରିଚାଳନାରେ ବିଭିନ୍ନ ଗୋଷ୍ଠୀଙ୍କ ଭୂମିକା<br>'ଗ' ଦଳ<br>ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ମନୋଭାବ ଅନୁଶୀଳନ ଏବଂ ଆବଶ୍ୟକତାର ଆକଳନ । | ଦଳଗତ ଉପସ୍ଥାପନା |



| | | |
|---|---|---|
| ୧.୦୦-୨.୦୦ | ଭୋଜନ | |
| ୨.୦୦-୩.୦୦<br><br><br><br><br><br><br><br><br>୩.୩୦-୪.୦୦ | 'ଘ' ଦଳ<br>ପିଲାଙ୍କ ଉପରେ ହିଂସା ଜନିତ କୁପ୍ରଭାବର<br>ଶିକ୍ଷକମାନଙ୍କ ଦ୍ୱାରା ଆକଳନ<br>'ଙ' ଦଳ<br>ହିଂସା ତଥା ଏହାର କୁପ୍ରଭାବକୁ ରୋକିବା ଦିଗରେ<br>ଶିକ୍ଷକମାନଙ୍କ ପ୍ରସ୍ତୁତି<br>'ଚ' ଦଳ<br>ବିଭିନ୍ନ ପ୍ରକାରର ହିଂସା ଦ୍ୱାରା ପିଲାମାନଙ୍କ ଉପରେ<br>କୁ ପ୍ରଭାବ<br>ଜଳପାନ | ଦଳଗତ ଉପସ୍ଥାପନା |
| ୪.୦୦-୫.୦୦ | ଖୋଲା ମଞ୍ଚ, ମତାମତ ବିନିମୟ | ଚର୍ଚ୍ଚା ଓ ପ୍ରଶ୍ନୋତ୍ତର |

## ୩ୟ ଦିବସ

| ସମୟ | ବିଷୟ | ପଦ୍ଧତି |
|---|---|---|
| ୮.୩୦-୧୦.୩୦ | ଶିକ୍ଷାଦାନ ପାଇଁ ଦଳଗତ ପ୍ରସ୍ତୁତି | ପ୍ରତ୍ୟେକ ଦଳ ଦ୍ୱାରା ପ୍ରଦତ୍ତ ବିଷୟ ଉପରେ ଆଲୋଚନା ଏବଂ ଅଭ୍ୟାସ |
| ୧୧.୦୦-୧.୦୦ | 'ଛ' ଦଳ<br>ଶିକ୍ଷାର୍ଥୀ/ନୀଙ୍କ ଉପରେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ପଡୁଥିବା<br>ସୁ ଓ କୁ ପ୍ରଭାବ ଏବଂ ଏହାର କାରଣ<br>'ଜ' ଦଳ<br>ଆଚରଣ ବିଧି ପ୍ରସ୍ତୁତିରେ ଶିଶୁ ସହଭାଗିତାର<br>ଉପାଦେୟତା ଏବଂ ଲାଭ<br>'ଝ' ଦଳ<br>ମୁଁ ପରିବର୍ତ୍ତନ କରିପାରିବି - ଆଦର୍ଶ ବିଦ୍ୟାଳୟର<br>ପରିକଳ୍ପନା ଏବଂ ଲକ୍ଷ୍ୟ ହାସଲ ନିମନ୍ତେ କାର୍ଯ୍ୟକ୍ରମ | ଦଳଗତ ଉପସ୍ଥାପନା |
| ୧.୦୦-୨.୦୦ | ଭୋଜନ | |
| ୨.୦୦-୪.୦୦ | ଖୋଲାମଞ୍ଚ, ସ୍ୱୀକରଣ, କାର୍ଯ୍ୟଖସଡ଼ା ପ୍ରସ୍ତୁତି,<br>ପ୍ରଶିକ୍ଷଣର ଶେଷ ଭାଗରେ ଶିକ୍ଷାର୍ଥୀ/ନୀଙ୍କର<br>ମତାମତ ଗ୍ରହଣ | ପରବର୍ତ୍ତୀ ୬ ମାସ ପାଇଁ କାର୍ଯ୍ୟଖସଡ଼ା ନିର୍ଦ୍ଧାରଣ |
| ୪.୦୦-୫.୦୦ | ପରିଚାଳନା ସମିତି ଓ ପ୍ରଶିକ୍ଷକଙ୍କ ସହ ଆଲୋଚନା<br>ଏବଂ ପ୍ରଶିକ୍ଷଣର ସମାପ୍ତି | ଆଲୋଚନା ତଥା ନିର୍ଣ୍ଣୟଗୁଡ଼ିକର ଘୋଷଣା |



ବିଦ୍ୟାଳୟ ଶିଶୁ ଜୀବନର ଏକ ମୁଖ୍ୟ ଅନୁଷ୍ଠାନ ଅଟେ । ବିଦ୍ୟାଳୟ ଝିଅ ବା ପୁଅଙ୍କ ପାଇଁ ଅସୁରକ୍ଷିତ ବୋଲି ଭାବିବା ଅଭିଭାବକଙ୍କ ପକ୍ଷରେ ଉଚିତ୍ ନୁହେଁ । ସେମାନେ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ହିଂସ୍ର ବା ଦାୟିତ୍ୱହୀନ ଭାବିବା ମଧ୍ୟ ଠିକ୍ ନୁହେଁ ।

<u>ପ୍ରଥମ କାର୍ଯ୍ୟ ସଂପାଦନ ସମୟରେ କର୍ମଶାଳା ପ୍ରାରମ୍ଭରେ ଏହି ବିଷୟବସ୍ତୁ ପ୍ରଶିକ୍ଷକ ପଢ଼ି ଶୁଣାଇବେ</u>

## ଶିକ୍ଷକ ପଦ୍ଧାନ୍ତି କାହିଁକି ?

ଆସନ୍ତୁ! ପ୍ରାକ୍ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା ପୁଣି ଶିକ୍ଷା କରିବା । ଜୀବନର ପ୍ରଥମ କେଇଟି ବର୍ଷରେ ଶିଶୁମାନଙ୍କର ବୌଦ୍ଧିକ ତଥା ସାମାଜିକ ବିକାଶ ପାଇଁ ଶିକ୍ଷକମାନଙ୍କର ଭୂମିକା ରହିଛି । ଏହି ସମୟରେ ଶିଶୁଙ୍କ ଉପରେ ପଡୁଥିବା ପ୍ରଭାବ ସାରାଜୀବନ ପରିଲକ୍ଷିତ ହୋଇଥାଏ । ଏହାଦ୍ୱାରା ସୋମାନେ ନିଜ ତଥା ସମାଜ ବିଷୟରେ ଯେଉଁ ଧାରଣା ସୃଷ୍ଟି କରନ୍ତି ତାହା ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବା ସହ ଜୀବନର ସଫଳତା ଏବଂ ବିଫଳତା ମଧ୍ୟ ନିର୍ଦ୍ଧାରଣ କରିଥାଏ । ସରକାରୀ ତଥା ବେସରକାରୀ ବିଦ୍ୟାଳୟର ଶିକ୍ଷକମାନେ ନୂଆ ନୂଆ ବିଷୟରେ ଶିଶୁମାନଙ୍କୁ ଆଗତ କରାଇବା ସହ ସେଗୁଡ଼ିକର ସଫଳ ପ୍ରୟୋଗ ପାଇଁ ପ୍ରୋତ୍ସାହିତ କରିଥାନ୍ତି । ଏହା ଦ୍ୱାରା ଶିଶୁମାନେ ଦାୟିତ୍ୱସମ୍ପନ୍ନ ଶିଶୁ ଜୀବନ ବିତାଇବା ସହ ପରବର୍ତ୍ତୀ ସମୟରେ ନିଜକୁ ଜଣେ ଜଣେ ସଫଳ ବ୍ୟକ୍ତି ଭାବରେ ଗଢ଼ି ତୋଳିବାକୁ ସମର୍ଥ ହୁଅନ୍ତି । ବହୁ ଶିକ୍ଷକ ପଠନ ଶିକ୍ଷଣ ସାମଗ୍ରୀ ବ୍ୟବହାର ଦ୍ୱାରା ପିଲାମାନଙ୍କୁ ଅଜଣା ବିଷୟ ବୁଝେଇବା ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଠିକ୍ ଭାବେ ବିଶ୍ଳେଷଣ କରିବା ଏବଂ ନିଷ୍ପତ୍ତି ଦେବାରେ ସାହାଯ୍ୟ କରନ୍ତି । ପିଲାମାନଙ୍କର ଛୋଟ ଛୋଟ ଦଳ ଗଠନ କରି ଦଳଗତ କାର୍ଯ୍ୟ ଦ୍ୱାରା ସେମାନଙ୍କୁ ବୁଝିବା ଓ ବୁଝାଇବା ପାଇଁ ସାହାଯ୍ୟ କରନ୍ତି । ଜୀବନରେ ସଫଳ ହେବାକୁ ହେଲେ ପିଲାମାନେ ଅନ୍ୟମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବା, ନୂତନ ଜ୍ଞାନ କୌଶଳ ଶିଖିବା ଏବଂ ବିଭିନ୍ନ ସମସ୍ୟାର ଉଚିତ୍ ସମାନ ଧାନ କରିବା ଆବଶ୍ୟକ ।

ଶ୍ରେଣୀଗୃହ କାର୍ଯ୍ୟ ବ୍ୟତୀତ ଶିକ୍ଷକମାନେ ବିଦ୍ୟାଳୟର ଭିତ୍ତିଭୂମି, ଉପକରଣ ସାମଗ୍ରୀ ଇତ୍ୟାଦିର ତଦାରଖ ଏବଂ ପରିଚାଳନାରେ ଭାଗ ନିଅନ୍ତି । ଏତଦ୍ ବ୍ୟତୀତ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ସେମାନେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ଶିକ୍ଷଣୀୟ ତଥା ମନୋରଞ୍ଜନପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରିବା ସହ କ୍ଷେତ୍ରଭ୍ରମଣ ଉପରେ ଗୁରୁତ୍ୱ ଦେଇଥାନ୍ତି । ଶାରୀରିକ ଏବଂ ମାନସିକ ଦୃଷ୍ଟିରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରି ସେମାନଙ୍କର ଉପଯୁକ୍ତ ଚିକିତ୍ସା କିମ୍ବା ପ୍ରତିକାର ପାଇଁ ବିଭିନ୍ନ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତି । ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରଦତ୍ତ ଅନେକ କାର୍ଯ୍ୟକ୍ରମରେ ସାମିଲ୍ ହେଉଥିବାରୁ ଶିକ୍ଷକମାନେ ବହୁ ସମୟରେ ବିଦ୍ୟାଳୟ ଶିକ୍ଷାଦାନରୁ ବଞ୍ଚିତ ହୁଅନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଶିକ୍ଷକ ଏବଂ ପିଲାମାନଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କଥାଏ ଯଥା –

### ଶିକ୍ଷକ

- ବିଭିନ୍ନ ବିଷୟରେ ଜାଣିବା ଏବଂ ସେଗୁଡ଼ିକର ସଫଳ ପ୍ରୟୋଗ କରିବା ପାଇଁ ପିଲାମାନଙ୍କୁ ସାହାଯ୍ୟ କରନ୍ତି ।
- ଏକ ଉତ୍ତମ ଶିକ୍ଷଣୀୟ ପରିବେଶ ସୃଷ୍ଟି କରି ଜ୍ଞାନ ଅର୍ଜନ ତଥା ନିଜର ଦାୟିତ୍ୱ ସମ୍ପର୍କରେ ସଚେତନ କରାଇ ଆଗାମୀ ଦିନରେ ଏକ ସଫଳ ବ୍ୟକ୍ତି ହେବା ପାଇଁ ପିଲାମାନଙ୍କୁ ସାହାଯ୍ୟ କରନ୍ତି ।
- ମିଳିମିଶି ଦଳଗତ ଭାବେ ସମସ୍ୟାଗୁଡ଼ିକର ସମାଧାନ କରି ଏକ ସାମାଜିକ ବ୍ୟକ୍ତି ଭାବରେ ଗଢ଼ି ତୋଳିବାରେ ସାହାଯ୍ୟ କରନ୍ତି ।

### ଛାତ୍ରଛାତ୍ରୀ

- ସମସ୍ୟାଗୁଡ଼ିକର ଉପଯୁକ୍ତ ସମାଧାନ ପାଇଁ ଅନ୍ୟମାନଙ୍କ ସହ ମିଳିମିଶି କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କରନ୍ତି ।
- ଶିକ୍ଷକଙ୍କ ସହାୟତାରେ ବିଭିନ୍ନ ପୃଷ୍ଠଭୂମି ଏବଂ ଅଭିଜ୍ଞତା ନେଇ ଆସିଥିବା ଛାତ୍ରଛାତ୍ରୀଙ୍କ ସହ ବନ୍ଧୁତା କରିବା ପାଇଁ ସମର୍ଥ ହୁଅନ୍ତି ।
- ଜଣେ ଯତ୍ନବାନ୍ ସୃଜନଶୀଳ ଏବଂ ଦାୟିତ୍ୱପୂର୍ଣ୍ଣ ସାମାଜିକ ବ୍ୟକ୍ତି ହେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି । ଏହାଦ୍ୱାରା ଏକ ସୁସ୍ଥ ଏବଂ ସମୃଦ୍ଧ ସମାଜ ତଥା ରାଷ୍ଟ୍ର ଗଠନ କରିବା ସହଜ ହୁଏ ।



**ଅଭ୍ୟାସ-୧** | ସମୟ-୩୦ମିନିଟ୍

ଶିକ୍ଷାର୍ଥୀ/ନୀଙ୍କୁ ସ୍ୱାଗତ କରିବା, ସେମାନଙ୍କ ପରିଚୟ ଜାଣିବା ଏବଂ କେଉଁ ପରିସ୍ଥିତିରେ ଶିକ୍ଷକମାନେ ଶିକ୍ଷାଦାନ କରନ୍ତି ସେ ବିଷୟରେ ଅବଗତ ହେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

## ପ୍ରଶିକ୍ଷକଙ୍କ ପାଇଁ ସୂଚନା..

"ପ୍ରଶିକ୍ଷକ ଏପରି କହି ଆରମ୍ଭ କରିପାରନ୍ତି" ଯଥା - ଆପଣ ସମସ୍ତଙ୍କୁ ସ୍ୱାଗତ ! ଆମେ ସମସ୍ତେ ପିଲାଙ୍କୁ ପଢ଼ାଇବାରେ ନିଜର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିବା । ଆମେ ସମସ୍ତେ ଏକ ଆଦର୍ଶ ବୃତ୍ତିର ପ୍ରତୀକ; ଯାହା ପିଲାମାନଙ୍କୁ ଗଢ଼ିତୋଳିବା ପାଇଁ ଉତ୍ସର୍ଗୀକୃତ ଅଟେ । ଆପଣମାନଙ୍କ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଜୀବନରେ ବହୁ ଉଚ୍ଚ ସଫଳତା ଲାଭ କରିଥିବେ । ଆସନ୍ତୁ ! ଆମର ଉପଲବ୍ଧିଗୁଡ଼ିକୁ ପରସ୍ପର ମଧ୍ୟରେ ବିନିମୟ କରିବା । ଆପଣମାନଙ୍କର ସକ୍ରିୟ ଅଂଶଗ୍ରହଣ ଉପରେ ଏହି କର୍ମଶାଳାର ସଫଳତା ନିର୍ଭର କରେ ।

ଆସନ୍ତୁ ! ଆମେ ନିଜ ନିଜର ପରିଚୟ ପ୍ରଦାନ କରିବା । ଯଦି ଶିକ୍ଷାର୍ଥୀ/ନୀ ମାନେ ଶିକ୍ଷକ ନୁହଁନ୍ତି, ତାହେଲେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ପଚାରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇପାରେ

ଆପଣଙ୍କ ନାମ କ'ଣ ? ଆପଣ କେଉଁ ଅନୁଷ୍ଠାନରୁ ଆସିଛନ୍ତି ? ପିଲାଙ୍କ ସହ ଆପଣଙ୍କର ସମ୍ପୃକ୍ତି କ'ଣ ? ଅଥବା କ'ଣ ଦାୟିତ୍ୱ ନିର୍ବାହ କରନ୍ତି ?

ଶିକ୍ଷାର୍ଥୀ-ନୀ ମାନେ ଶିକ୍ଷକତା କରୁଥିଲେ ଜଣେ ଆଉ ଜଣଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରି ପ୍ରଦାନ କରିପାରେ ।

ନାମ, ଶିକ୍ଷକତାର ଅଭିଜ୍ଞତା, ଜଣେ ବା ଏକାଧିକ ଶିକ୍ଷକ ଥିବା କରୁଥିବା ବିଦ୍ୟାଳୟରେ କାମ କରନ୍ତି । କେଉଁ ଶ୍ରେଣୀରେ ଶିକ୍ଷାଦାନ କରନ୍ତି ଏବଂ କେଉଁ କାରଣରୁ ଶିକ୍ଷକତା ଗ୍ରହଣ କରେ । ପରିଚୟ ପ୍ରଦାନ ପରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହା କୁହନ୍ତୁ ।

ବାସ୍ତବରେ ଆମମାନଙ୍କ ମଧ୍ୟରେ ଅଭିଜ୍ଞତାର ଏକ ବିରାଟ ଭଣ୍ଡାର ରହିଛି । ପ୍ରାୟତଃ କୁହାଯାଏ ସମାଜ ପାଇଁ ଶିକ୍ଷକତାର ଅବଦାନ ଅତୁଳନୀୟ । ପିଲାମାନଙ୍କର ଜ୍ଞାନ, ଚରିତ୍ର ଏବଂ ବ୍ୟକ୍ତିତ୍ୱର ବିକାଶରେ ଆମ୍ଭମାନଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ବୃତ୍ତିକୁ ଗ୍ରହଣ କରିବାର କାରଣ ସମ୍ପର୍କରେ ଆପଣମାନେ ଦେଇଥିବା ତତ୍ତ୍ୱ ଏହାକୁ ପ୍ରତିପାଦନ କରେ । ଶିକ୍ଷାର୍ଥୀ/ନୀ ମାନେ କହିଥିବା କିଛି ଭଲ କାରଣଗୁଡ଼ିକୁ ଉପସ୍ଥାପନା କରନ୍ତୁ ।

ଶିକ୍ଷକମାନଙ୍କର ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବା କର୍ମଶାଳାଟିର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ପିଲାମାନଙ୍କୁ ନିଜ ଜୀବନରେ ଏବଂ ସମାଜରେ ଏକ ସଫଳ ବ୍ୟକ୍ତିତ୍ୱ ଭାବରେ ଗଢ଼ିବା ପାଇଁ ସେମାନେ ଏଥିରୁ ଅନେକ ଜ୍ଞାନକୌଶଳ ଲାଭ କରିବେ । ଏହି ଆଲୋଚନାରେ ସ୍ୱେଚ୍ଛାକୃତ ଅନୁଶାସନ ଏକ ମୁଖ୍ୟ ପ୍ରସଙ୍ଗ ରହିବ ।

## ମୁଖ୍ୟ ଉପଲବ୍ଧି

ଶିକ୍ଷାର୍ଥୀ/ନୀ ମାନଙ୍କ ପରିଚୟ ପ୍ରଦାନ କରିବା, କାର୍ଯ୍ୟସୂଚୀ ବିଷୟରେ ଆଗତ କରିବା ।

**ଅଭ୍ୟାସ -୨** | ସମୟ-୪୫ ମିନିଟ୍

**ଉଦ୍ଦେଶ୍ୟ** - ଶିଶୁର ବିକାଶରେ ବିଦ୍ୟାଳୟର ଭୂମିକା ସମ୍ପର୍କରେ ଶିକ୍ଷାର୍ଥୀ/ନୀ ମାନଙ୍କୁ ସଚେତନ କରାଇବା

## ଆବଶ୍ୟକ ଉପକରଣ

ଶିକ୍ଷାର୍ଥୀ/ନୀ ମାନଙ୍କ ଦ୍ୱାରା ଉପସ୍ଥାପନା ପାଇଁ କାଗଜ ଅଥବା ଫ୍ଲିପ୍ ଚାର୍ଟ



## ପ୍ରଶିକ୍ଷକମାନଙ୍କ ପାଇଁ ସୂଚନା

ଏଭଳି ଭାବେ କହି କାର୍ଯ୍ୟକ୍ରମ ଆରମ୍ଭ କରିପାରନ୍ତି – ଯଥା : ବର୍ତ୍ତମାନ ମୁଁ ଆପଣମାନଙ୍କୁ ନୂଆ ଦୁନିଆ ପରିଭ୍ରମଣ କରାଇବି । ଆପଣମାନେ ନିଜର ଆଖି ବନ୍ଦ କରନ୍ତୁ । ଭାବନ୍ତୁ ଏମିତି ଏକ ଦୁନିଆ ଯେଉଁଥିରେ କି କୌଣସି ବିଦ୍ୟାଳୟ ପାଠଶାଳା ଏବଂ **ଶିକ୍ଷକ, ଶିକ୍ଷୟିତ୍ରୀ** ନଥିବେ । ଭାବନ୍ତୁ ସେହି ପରିବେଶରେ ପିଲାମାନେ ୧୮ ବର୍ଷ ବିତାଇ ସମାଜର ବିଭିନ୍ନ ଦାୟୀତ୍ୱ ତୁଲାଇବା ସମୟରେ କେଉଁ ସବୁ ଅସୁବିଧାର ସମ୍ମୁଖିନ ହେବେ । ଯଥା :-

- ସେମାନେ ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରର ମଣିଷ ହେବେ କି ?
- ସେମାନଙ୍କ ପାଖରେ ଜୀବନଧାରଣ ପାଇଁ ଆବଶ୍ୟକ ଜ୍ଞାନ କୌଶଳ ଥିବ କି ?
- ସେମାନେ ଶୃଙ୍ଖଳିତ ଏବଂ ମାର୍ଜିତ ବ୍ୟବହାର କରିପାରିବେ ।
- ସେମାନେ ବିଭିନ୍ନ ସମସ୍ୟାର ସଫଳ ମୁକାବିଲା କରିପାରିବେ କି ?
- ଶିକ୍ଷାର୍ଥୀ-ନୀ ମାନେ ଦେଇଥିବା ଉତ୍ତରଗୁଡ଼ିକୁ ନିମ୍ନଲିଖିତ ବିଭାଗ ଅନୁସାରେ ଫ୍ଲିପ୍ ଚାର୍ଟରେ ଲେଖିବେ ।
- ବିଦ୍ୟାଳୟ ଅଭାବରେ ବ୍ୟକ୍ତିତ୍ୱର ସଫଳ ବିକାଶ ସମ୍ବନ୍ଧିତ ସମସ୍ୟା
- ବିଦ୍ୟାଳୟ ଦ୍ୱାରା ବ୍ୟକ୍ତିତ୍ୱର ବିକାଶ ପାଇଁ ପ୍ରଦତ୍ତ ମୂଲ୍ୟବୋଧ ତଥା ଜ୍ଞାନ କୌଶଳ
- ପିଲାମାନଙ୍କ ବିକାଶରେ ବିଦ୍ୟାଳୟ ସହ ଜଡ଼ିତ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକର ଅବଦାନ
- ବିଦ୍ୟାଳୟର ଭୂମିକା ସମ୍ପର୍କରେ ବର୍ଣ୍ଣନା କଲାବେଳେ **ପ୍ରଶିକ୍ଷକ, ଶିକ୍ଷକ, ଗ୍ରାମ୍ୟଶିକ୍ଷା ସମିତି, ବିଦ୍ୟାଳୟ ପରିଚାଳନା ସମିତି, ଶିକ୍ଷକ** ଅବିଭାବକ ସଂଘ ଇତ୍ୟାଦି ବିଷୟରେ ଆଲୋକପାତ କରିବେ ।

## ଉପଲବ୍ଧି

ଶିଶୁ ଜୀବନରେ ବ୍ୟକ୍ତିତ୍ୱର ବିକାଶ ଦିଗରେ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଶିକ୍ଷାର୍ଥୀ/ନୀ ମାନେ ସଚେତନ ହେବେ ।

## ଅଭ୍ୟାସ-୩

**ସମୟ - ୯୦ମିନିଟ୍**

**ଉଦ୍ଦେଶ୍ୟ** – ବିଦ୍ୟାଳୟର ସଫଳ ପରିଚାଳନା ଏବଂ ଦାୟିତ୍ୱ ସମ୍ପାଦନ ଦିଗରେ ବିଭିନ୍ନ ବର୍ଗର ଭୂମିକା ଏବଂ ଏହାକୁ ଅଧିକ ଉନ୍ନତ କରିବାରେ ସେମାନଙ୍କ ଦ୍ୱାରା କ୍ଷଣସ୍ଥାୟୀ ଏବଂ ଦୀର୍ଘସ୍ଥାୟୀ ପ୍ରଭାବଗୁଡ଼ିକ ବିଷୟରେ ସଚେତନ କରିବା ।

## ପ୍ରଶିକ୍ଷକଙ୍କ ପାଇଁ ସୂଚନା

ଛୋଟ କାହାଣୀଟିଏ କୁହନ୍ତୁ । ସରିତା ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଟନ୍ତି । ସେ ପାଠ ପଢ଼ାଇବାରେ ବେଶ୍ ରୁଚି ରଖନ୍ତି । କିନ୍ତୁ କେଉଁଦିନ ହେଲେ ସେ ୨ଟି ସମସ୍ୟା ଦେଇ ଚିନ୍ତିତ। ତା ହେଲା :-

(୧) ମଧ୍ୟାହ୍ନ ଭୋଜନର ହିସାବ କିତାବ ରଖିବା ତାଙ୍କ ଦାୟିତ୍ୱ ଅଟେ । ଏଥିରେ ଅନେକ ସମୟ ନଷ୍ଟ ହେଉଥିବାରୁ ସେ ନିଜେ ପଢ଼ିବା ଏବଂ ଭଲ ଭାବରେ ଶିକ୍ଷାଦାନ କରିବା ସମ୍ଭବପର ହେଉନାହିଁ । ତେଣୁ ଯେନ ତେନ ସିଲାବସ୍ ସାରିବା ଦ୍ୱାରା ତାଙ୍କୁ କଷ୍ଟ ହେଉଛି । ପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଏବଂ ତାଙ୍କ ସହ ଆଲୋଚନା କରିବା ପାଇଁ ସମୟ ଦେଇ ପାରୁ ନଥିବାରୁ ସେ ବ୍ୟଥିତ । ବେଳେବେଳେ ସେ ତରବରିଆ ଭାବେ ପଢ଼ା କାମ ସାରି ମଧ୍ୟାହ୍ନ ଭୋଜନର ତଦାରଖ ପାଇଁ ହଠାତ୍ ଯିବାକୁ ବାଧ୍ୟ ହୁଅନ୍ତି ।

(୨) କିଛି ଚପଳମତି ପିଲାଙ୍କର କାର୍ଯ୍ୟକଳାପରେ ସେ ଚିନ୍ତିତ ଅଛନ୍ତି । ବାରମ୍ବାର ତାଗିଦ୍ କଲେ ମଧ୍ୟ ଘରେ କରିବାକୁ ଯାଉଥିବା ପାଠ ସେମାନେ କରନ୍ତି ନାହିଁ । ସେ ଏଥିପାଇଁ କିଛି ଗୋଟେ କଡ଼ା ପଦକ୍ଷେପ ନେବାକୁ ଚେଷ୍ଟା କରୁଛନ୍ତି ।



ଶିକ୍ଷାର୍ଥୀ/ନୀ ମାନଙ୍କୁ ୨ ଭାଗରେ ବିଭକ୍ତି କରି ପ୍ରତ୍ୟେକ ଦଳକୁ ସରିତା ସମ୍ମୁଖୀନ ହୋଇଥିବା ସମସ୍ୟାର ସମାଧାନ ପାଇଁ କୁହନ୍ତୁ । ଏଥିପାଇଁ ସରିତା ଭୂମିକାରେ ଅଭିନୟ କରି ସମାଧାନଟିକୁ ଉପସ୍ଥାପନା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ଏଥିପାଇଁ ୨୦ ମିନିଟ୍ ସମୟ ଦିଅନ୍ତୁ । ପ୍ରଥମ ସମସ୍ୟା ସମ୍ବନ୍ଧୀୟ ପ୍ରଶ୍ନ ।

ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ମୁକ୍ତ ହେବା ପାଇଁ ସେ କ'ଣ କରିବେ ? ଅନ୍ୟକୁ ହସ୍ତାନ୍ତର କରିବେ ଅଥବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଲୋଚନା କରି ରୁଟିନ୍‌ରେ ପରିବର୍ତ୍ତନ କରି ଶିକ୍ଷାଦାନ ପାଇଁ ଯଥେଷ୍ଟ ସମୟର ବ୍ୟବସ୍ଥା କରିବେ ? ଏଥିପାଇଁ କାହା ସହ ଆଲୋଚନା କରିପାରନ୍ତି ।

ଯଥା :-

- ବିଦ୍ୟାଳୟ ନିରୀକ୍ଷକ
- ପ୍ରଧାନ ଶିକ୍ଷକ
- ସହ ଶିକ୍ଷକ
- ଗ୍ରାମ୍ୟ ଶିକ୍ଷା ସମିତି
- ବିଦ୍ୟାଳୟ ଶିକ୍ଷା ସମିତି ଇତ୍ୟାଦି

ଦ୍ୱିତୀୟ ସମସ୍ୟାର ସମାଧାନ ପାଇଁ ସେ କ'ଣ କରିବେ ଯାହାଦ୍ୱାରା ପିଲାମାନଙ୍କ ଆଚରଣ ସୁଧୁରିବ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ । କ'ଣ କଲେ ଏହାର ଦୀର୍ଘ ସ୍ଥାୟୀ ସମାଧାନ ବାହାରିବ ? ଦଳଗତ ଅଭିନୟ ପରେ ଉପସ୍ଥାପନାଗୁଡ଼ିକୁ ଆଲୋଚନା କରନ୍ତୁ । ସରିତା ନେଇଥିବା ପଦକ୍ଷେପଗୁଡ଼ିକ ପ୍ରଭାବଶାଳୀ ଥିଲା କି ? ଗ୍ରାମ ତଥା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚିତ ବିଷୟବସ୍ତୁରେ ଆଉ କ'ଣ ପରିବର୍ତ୍ତନ କରିହେବ ? ନୂଆ କିଛି ଭାବି ପାରନ୍ତି; ଯାହା କରାଗଲେ ସରିତା ସମସ୍ୟାଗୁଡ଼ିକର ସମାଧାନ ସହଜରେ କରିପାରନ୍ତା । ଆଲୋଚନା ସମୟରେ ଶିକ୍ଷକମାନେ ସମ୍ମୁଖିନ ହେଉଥିବା ସମସ୍ୟା ଏବଂ ସେଥିପାଇଁ ଗ୍ରହଣ କରୁଥିବା ପ୍ରତିକାର ପନ୍ଥାଗୁଡ଼ିକର ସକରାତ୍ମକ ଏବଂ ନକରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋକପାତ କରନ୍ତୁ । କିପରି ଶିକ୍ଷକମାନେ ପରିବର୍ତ୍ତନ ପାଇଁ ସହକର୍ମୀ, ଛାତ୍ରଛାତ୍ରୀ ଏବଂ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଭାବ ପକାଇ ପାରିବେ ସେହି ଦିଗଗୁଡ଼ିକ ଉପରେ ଅଧିକ ଦୃଷ୍ଟି ଦିଅନ୍ତୁ ।

### ଉପଲବ୍ଧି

ଶିକ୍ଷାର୍ଥୀ/ନୀମାନେ ବିଦ୍ୟାଳୟରେ ଶିକ୍ଷକମାନଙ୍କ ସ୍ଥିତି ଏବଂ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମାଧାନ କରିବାରେ ସେମାନଙ୍କ ଭୂମିକା ସମ୍ବନ୍ଧରେ ଅବଗତ ହେବ ।

## ସ୍ୱେଚ୍ଛାକୃତ ଅନୁଶାସନ

### ସ୍ୱେଚ୍ଛାକୃତ ଅନୁଶାସନର ଅର୍ଥ

- ଏହା ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାକୃତ ଭାବେ ଶୃଙ୍ଖଳିତ ଜୀବନଯାପନ ପାଇଁ ଦୀର୍ଘସ୍ଥାୟୀ ସମାଧାନ ବିଷୟରେ ସଚେତନ କରେ ।
- ଏହା ଛାତ୍ରଛାତ୍ରୀମାନଙ୍କ ଠାରୁ ଆଶା କରାଯାଉଥିବା ଆଚରଣ ନିୟମ ପାଳନ ଏବଂ ନିଷେଧ କରାଯାଉଥିବା ବ୍ୟବହାର ସମ୍ପର୍କରେ ସ୍ପଷ୍ଟ ଧାରଣା ଦିଏ ।
- ଏହା ଶିଶୁର ଆତ୍ମ ସମ୍ମାନରେ ଆଞ୍ଚ ନଆଣି ପରସ୍ପର ପ୍ରତି ବିଶ୍ୱାସ ଏବଂ ସମ୍ମାନ ଉପରେ ଆଧାରିତ ସମ୍ପର୍କ ସୃଷ୍ଟି କରେ ।
- ଏହା ପିଲାମାନଙ୍କୁ ଜୀବନ ବ୍ୟାପୀ ଲାଭଦାୟକ କୌଶଳଗୁଡ଼ିକ ବିଷୟରେ ଅବଗତ କରାଏ ।
- ଏହା ପିଲାମାନଙ୍କ ଦକ୍ଷତା ଏବଂ ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଜଟିଳ ପରିସ୍ଥିତିର ମୁକାବିଲା ପାଇଁ ସାହାଯ୍ୟ କରେ ।



- ଏହା ପିଲାମାନଙ୍କୁ ଭଦ୍ରତା, ଅହିଂସା, ସହାନୁଭୁତି, ଆତ୍ମସମ୍ମାନ ମାନବିକ ଅଧିକାର ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାର ଗୁରୁତ୍ୱ ଏବଂ ଦୀର୍ଘସ୍ଥାୟୀ ଲାଭ ସମ୍ପର୍କରେ ସଚେତନ କରେ ।

## କ'ଣ ସ୍ୱେଚ୍ଛାକୃତ ଅନୁଶାସନ ପରିସର ଭୁକ୍ତ ନୁହେଁ ।

- ପିଲାମାନଙ୍କୁ ନିଜ ଇଚ୍ଛା ମତେ ଭଲ ବା ମନ୍ଦ ସବୁ କାର୍ଯ୍ୟ କରିବାକୁ ଦେବା ।
- ପିଲାମାନଙ୍କ ପାଇଁ ସବୁ ନିୟମ ଏବଂ ପ୍ରତିବଂଧକକୁ ଦୂର କରିବା ।
- ଚାପୁଡ଼ା ବା ମାଡ଼ମାରିବା ସ୍ଥାନରେ ଅନ୍ୟାନ୍ୟ ନକରାତ୍ମକ ପଦ୍ଧତି ଦ୍ୱାରା ସେମାନଙ୍କୁ ଶୃଙ୍ଖଳିତ କରିବା ପାଇଁ କ୍ଷଣସ୍ଥାୟୀ ପନ୍ଥା ଅବଲମ୍ବନ କରିବା ।

## ସ୍ୱେଚ୍ଛାକୃତ ଅନୁଶାସନ କାହିଁକି ଆବଶ୍ୟକ ?

ସବୁ ପ୍ରକାରର ହିଂସା ପିଲାଙ୍କ ପାଇଁ କ୍ଷତିକାରକ ହୋଇଥିବାରୁ ଏହା କୌଣସି ମତେ ଗ୍ରହଣନୀୟ ନୁହେଁ ?

## ଶିକ୍ଷାଦାନ, ଦଣ୍ଡ ଏବଂ ନିର୍ଯ୍ୟାତନା

ଆମେ କଥାବାର୍ତ୍ତା ସମୟରେ ଅନୁଶାସନ, ଦଣ୍ଡ ଏବଂ ଶାସ୍ତି ଭଳି ଶବ୍ଦକୁ ପରସ୍ପରର ଅନୁରୂପ ଶବ୍ଦଭାବରେ ବ୍ୟବହାର କରୁ । ଏଗୁଡ଼ିକ ଶୃଙ୍ଖଳା ପାଇଁ ଆବଶ୍ୟକ ବୋଲି ଭାବିଥାଉ । କିନ୍ତୁ ଦଣ୍ଡ ବା ନିର୍ଯ୍ୟାତନା ଅନେକ ସମୟରେ ପ୍ରତିଶୋଧ ନେବା ପାଇଁ ବ୍ୟବହୃତ ହୁଏ । କୌଣସି ପିଲାର ଭୁଲ୍ ପାଇଁ ଦଣ୍ଡ ବା ନିର୍ଯ୍ୟାତନା ଦେବା ଠିକ୍ ନୁହେଁ । ଏଭଳି ଭୁଲ୍ କରୁଥିଲେ ତାହା ଦୋହରାଇବା ଅନୁଚିତ୍ ।

## ଦଣ୍ଡ ବା ନିର୍ଯ୍ୟାତନାର ତିନୋଟି ଦିଗ

(କ) ଶିଶୁ ଉପରେ ଏହାର କୁପ୍ରଭାବ (ଶାରୀରିକ, ମାନସିକ)

(ଖ) ଶିଶୁକୁ ଶାସ୍ତି ଦେବା ପାଇଁ ଏହାର ପ୍ରୟୋଗ (ନକରାତ୍ମକ ମନୋଭାବ)

(ଗ) ଭୁଲ୍ ବୋଲି ଜାଣି ମଧ୍ୟ ଏହାର ପ୍ରୟୋଗ (ଏହା ଶିଶୁ ପ୍ରତି ହିଂସାର ପରିଚାୟକ)

ଅନୁଶାସନ ପାଇଁ ଦଣ୍ଡ ଦେବା ଆଦୌ ଉଚିତ୍ ନୁହେଁ। କାରଣ ଏହାର ଦୀର୍ଘ ସ୍ଥାୟୀ କୁପ୍ରଭାବ ପିଲାଙ୍କ ଉପରେ ପଡ଼େ । ବଡ଼ମାନେ ଯେଉଁମାନଙ୍କୁ ପିଲାମାନେ ଅତି ସ୍ନେହ ସମ୍ମାନ କରନ୍ତି ସେମାନେ ଏପରି ଆଚରଣ କରିବା ଏକ ବିଡ଼ମ୍ବନା ।

## ଜାଣିବା କଥା

- ଦଣ୍ଡ ଦେବା ଏକ ସହଜ ଉପାୟ ଅଟେ ।
- ଦଣ୍ଡ ଦେବା ଶକ୍ତିର ଦୁରୂପଯୋଗ ଅଟେ ।
- ଦଣ୍ଡ ଦ୍ୱାରା ସୃଷ୍ଟି ଅନୁଶାସନ ପିଲାମାନଙ୍କର ଆତ୍ମସମ୍ମାନ ବୋଧ ଏବଂ ବ୍ୟବହାର ଉପରେ ନକରାତ୍ମକ ପ୍ରଭାବ ପକାଏ ।
- ଦଣ୍ଡ ପିଲାଙ୍କର କ୍ଷତିକରେ; କିନ୍ତୁ ସ୍ୱେଚ୍ଛାକୃତ ଅନୁଶାସନ ସେମାନଙ୍କୁ ଭଲ କଥା ଶିଖି ଭଲ ଆଚରଣ କରିବାରେ ଉତ୍ସାହିତ କରେ ।

## ଅଭ୍ୟାସ -୪

**ସମୟ - ୬୦ ମିନିଟ୍**

ଶିକ୍ଷକଙ୍କୁ ପିଲାଦିନେ ନିଜ ବିଦ୍ୟାଳୟ ଜୀବନର କଥା ମନେ ପକାଇଦେବା ଏହାର ଉଦ୍ଦେଶ୍ୟ ଅଟେ । ସେମାନେ ବିଗତ ଦିନର ଅନେକ ସ୍ମୃତି ଓ ଅଭିଜ୍ଞତାକୁ ବର୍ତ୍ତମାନ ଅନୁଭବ କରିପାରିବେ। କିନ୍ତୁ କୌଣସି କାରଣରୁ ଏଥିରେ ସାମିଲ୍ ହେବାକୁ ଅନିଚ୍ଛୁକ ଥିଲେ ଶିକ୍ଷାର୍ଥୀ/ନୀକୁ ବାଧ୍ୟ କରନ୍ତୁ ନାହିଁ ।



## କାର୍ଯ୍ୟ

ଇଂରାଜୀ ଅକ୍ଷର U ପରି ବସିବାକୁ ଜଣକ ପରେ ଜଣେ ବସିବାକୁ ଶିକ୍ଷାର୍ଥୀ/ନୀମାନଙ୍କୁ ଅନୁରୋଧ କରନ୍ତି । ସେମାନେ ତଳେ ଅତି ସହଜ ଭାବରେ ବସିବା ପରେ ପ୍ରଶିକ୍ଷକ କହିବେ "ଆରାମରେ ବସନ୍ତୁ, ଶରୀରକୁ ଢ଼ିଲା କରନ୍ତୁ । ଆଖିବନ୍ଦ କରି ଧିରେ ଧିରେ ଗଭୀର ଶ୍ୱାସ ନିଅନ୍ତୁ ଏବଂ ଛାଡ଼ନ୍ତୁ। କିଛି ସମୟପରେ ଆପଣ ଭାବନ୍ତୁ; ଏକ ଫୁଲ ଭରା ବଗିଚାରେ ବିଚରଣ କରୁଛନ୍ତି । ଶିଶିର ଭିଜା ଘାସର ଥଣ୍ଡା ସ୍ପର୍ଶ ଅନୁଭବ କରନ୍ତୁ, ଆପଣ ବଗିଚାର ମଝିରେ ଅଛନ୍ତି । ସାମନାରେ ଉପରକୁ ଯିବା ପାଇଁ ଏକ ସିଡ଼ି ଅଛି । ଏହା କ'ଣ ଭାବି ଆପଣ ଆଶ୍ଚର୍ଯ୍ୟ ହେଉଛନ୍ତି । ସେପଟେ କ'ଣ ଅଛି ଜାଣିବା ପାଇଁ ଆପଣ ସିଡ଼ି ଚଢ଼ୁଛନ୍ତି । ହଠାତ୍ ଦେଖୁଛନ୍ତି ଆପଣ ଆପଣଙ୍କ ପିଲାଦିନ ଏବଂ ସେହି ବିଦ୍ୟାଳୟ ଯେଉଁଠି ଆପଣ ପଢୁଥିଲେ । ବର୍ତ୍ତମାନ ଆପଣ ବିଦ୍ୟାଳୟରେ ଅଛନ୍ତି । ପାଠପଢ଼ା ଚାଲିଛି । କିଛି ସମୟ ପର୍ଯ୍ୟନ୍ତ ପିଲାଦିନର ସେହି ସ୍ମୃତି ଏବଂ ଶିକ୍ଷକମାନଙ୍କ ବିଷୟରେ ଭାବନ୍ତୁ । ପରେ ଆପଣ ସିଡ଼ି ଦ୍ୱାରା ବଗିଚା ମଧ୍ୟକୁ ଫେରୁଛନ୍ତି । କିଛି ସମୟ ପର୍ଯ୍ୟନ୍ତ ଗଭୀର ଶ୍ୱାସ ନେଇ ଦୁଇ ହାତ ପାପୁଲିକୁ ଘଷି ଚେହେରା ଉପରେ ରଖନ୍ତୁ ଏବଂ ଧିରେ ଧିରେ ଆଖି ଖୋଲନ୍ତୁ । ଦେଖିବେ ଶିକ୍ଷାର୍ଥୀ/ନୀମାନଙ୍କ ମଧ୍ୟରୁ କିଛି ବେଶ୍ ସତେଜ ଅନୁଭବ କଲାବେଳେ ଆଉ କେହି ଥକା ଅନୁଭବ କରିବେ । ତାଙ୍କର ଅନୁଭୂତିକୁ ପଚାରି ବୁଝନ୍ତୁ । ସମସ୍ତଙ୍କୁ ଭାଗ ନେବା ପାଇଁ ଉତ୍ସାହିତ କରନ୍ତୁ । କହନ୍ତୁ "ଆପଣ ଏବେ କେଇଟି ମୁହୂର୍ତ୍ତରେ ଅତୀତ ଗର୍ଭକୁ ଯାଇ ନିଜ ବିଦ୍ୟାଳୟ ଜୀବନର ଅନୁଭୂତିଗୁଡ଼ିକୁ ମନେ ପକାଇଛନ୍ତି । ଆପଣଙ୍କ ପାଇଁ ବିଦ୍ୟାଳୟର ବାତାବରଣ କିପରି ଥିଲା ? ପ୍ରକୃତରେ ଆମେ ସବୁବେଳେ ବୟସ୍କ ଭଳି କହିବା ବା ବ୍ୟବହାର କରିବା ଠିକ୍ ନୁହେଁ। ବେଳେ ବେଳେ ପିଲାବେଳକୁ ଫେରି ଗୋଟିଏ ପିଲାର ଖୁସି ଓ ଆଶା ବିଷୟରେ ଜାଣିବା ଆବଶ୍ୟକ । ଏହାଦ୍ୱାରା ଆମେ ମୌଜ ମସ୍ତି, ସ୍ନେହ, ପୁରସ୍କାର ଏବଂ ଭଲ ଫଳାଫଳ ପାଇଁ ପିଲାଙ୍କ ଭିତରେ ଥିବା ଉତ୍କଣ୍ଠା ବିଷୟରେ ସଚେତନ ହେବା ।

## କାର୍ଯ୍ୟ

ନିଜ ବିଦ୍ୟାଳୟ ଜୀବନର ଗୋଟିଏ ଭଲ ଏବଂ ଗୋଟିଏ ଖରାପ ଘଟଣାକୁ ମନେ ପକାନ୍ତୁ । ଭଲ ଘଟଣାଗୁଡ଼ିକୁ ମନେ ପକାଇଲେ ଖୁସି ଲାଗେ। କିନ୍ତୁ ଖରାପଗୁଡ଼ିକୁ ମନେ ପକାଇବା ଦୁଃଖଦ ହୋଇଥାଏ । ସାଧାରଣତଃ ସେହିଭଳି କିଛି ଘଟଣା ବର୍ତ୍ତମାନେ ଆମେ ଆମ ବିଦ୍ୟାଳୟମାନଙ୍କରେ ଦେଖିବାକୁ ପାଉଛୁ । ଦୟାକରି ସେଭଳି ଅଘଟଣକୁ ମନେ ପକାନ୍ତୁ ଯାହା ଆପଣଙ୍କୁ ଅତ୍ୟଧିକ ବିଚଳିତ କିମ୍ବା ଦୁଃଖି କରିବ ନାହିଁ । ଶିକ୍ଷାର୍ଥୀ/ନୀ ମାନଙ୍କ ଦ୍ୱାରା କଥିତ ଅଘଟଣଗୁଡ଼ିକର ବିବରଣୀ ଲେଖନ୍ତୁ । ସେହି ଘଟଣାଗୁଡ଼ିକର ପୃଷ୍ଠଭୂମି ଓ କାରଣ ସମ୍ପର୍କରେ ଆଲୋଚନା କରନ୍ତୁ । ସେମାନେ କହିଥିବା ଭଲ ଘଟଣାଗୁଡ଼ିକର ବିବରଣୀ ଲେଖିବା ସମୟରେ ଏହା କିପରି ସମ୍ଭବ ହେଲା ପଚାରି ବୁଝନ୍ତୁ । ସେମାନେ ସେଭଳି ଭଲ ଘଟଣା ମନେ ପକାଇବା ଆବଶ୍ୟକ । ଯାହା ସବୁଠାରୁ ଆନନ୍ଦ ଦେଇଛି । ଆସନ୍ତା କାର୍ଯ୍ୟକ୍ରମ ବା ଅଭ୍ୟାସ ପାଇଁ ଏଭଳି ୩ଟି ଅଘଟଣକୁ ବାଛନ୍ତୁ ଯାହା ପ୍ରାୟତଃ ଘଟିଥାଏ, ଆଜି ବି ଘଟୁଛି ଏବଂ ଯାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ କରାଯାଇଛି ।

## ଅଭ୍ୟାସ -୫

**ସମୟ -୪୫ ମିନିଟ୍**

**ଉଦ୍ଦେଶ୍ୟ** – ଛାତ୍ରଛାତ୍ରୀଙ୍କ ଦୃଷ୍ଟିକୋଣକୁ ଭଲଭାବରେ ବୁଝି ସେମାନଙ୍କୁ ପ୍ରଶଂସା କରିବା ଦିଗରେ ଶିକ୍ଷକମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରିବା ଏହାର ଉଦ୍ଦେଶ୍ୟ ଅଟେ ।

## ପ୍ରଶିକ୍ଷକଙ୍କ ପାଇଁ ସୂଚନା

ଶିକ୍ଷାର୍ଥୀ/ନୀ ମାନଙ୍କୁ ଏକାଠି ବସାନ୍ତୁ । ସେମାନଙ୍କୁ ୨ ଭାଗରେ ବିଭକ୍ତ କରି ଗୋଟିଏ ଦଳକୁ "ଛାତ୍ରଛାତ୍ରୀ" ଏବଂ ଆଉ ଗୋଟେ ଦଳକୁ "ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ" ଭୂମିକାରେ ଅଭିନୟ କରିବା ପାଇଁ କୁହନ୍ତୁ ।

## କାର୍ଯ୍ୟ

ଦଳଗୁଡ଼ିକୁ କୁହନ୍ତୁ "ମୁଁ ଏପରି କିଛି ଘଟଣା କହିବି ଯାହା ଆମେ ପୂର୍ବ ଅଭ୍ୟାସରେ ଆଲୋଚନା କରିଥିଲେ । ଆସନ୍ତୁ ଏହାକୁ କୌଣସି ବ୍ୟକ୍ତିଗତ ଅଙ୍ଗଭାବରେ ଗ୍ରହଣ ନକରି ଏକ ଶିକ୍ଷଣୀୟ ବିଷୟବସ୍ତୁ ରୂପେ ଆଲୋଚନା କରିବା ।



ମୁଁ ଏହା ବର୍ଣ୍ଣନା କଲାବେଳେ ନିଜ ଆଖି ବନ୍ଦ ରଖନ୍ତୁ ଏବଂ ବର୍ଣ୍ଣିତ ଚରିତ୍ରମାନଙ୍କ ଭଳି ନିଜକୁ ଜଣେ ଶିକ୍ଷକ ବା ଛାତ୍ରଛାତ୍ରୀ ରୂପେ ଅନୁଭବ କରନ୍ତୁ । ଏହା କଳ୍ପନା କରିବା ସମୟରେ ଏହି ଘଟଣାରେ ଜଡ଼ିତ ଚରିତ୍ରମାନଙ୍କର ପ୍ରକୃତ ଅନୁଭବଗୁଡ଼ିକୁ ପ୍ରଭାବଶାଳୀ ଢ଼ଙ୍ଗରେ ଚିହ୍ନଟ କରିବା ଆବଶ୍ୟକ । ପ୍ରଥମ ଘଟଣାର ବିବରଣୀ ଛାତ୍ରଛାତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିପାଦିତ କରିବା ଆବଶ୍ୟକ । ଏଥିରେ ନିଜ ବା କହିଥିବା ଶିକ୍ଷକଙ୍କର ମତାମତକୁ ସାମିଲ କରନ୍ତୁ ନାହିଁ । ଏବେ ଆଖି ଖୋଲନ୍ତୁ । ନିଜ ଭାବନାକୁ ସମସ୍ତଙ୍କ ପାଖରେ ବ୍ୟକ୍ତ କରନ୍ତୁ । ଉଭୟ ଦଳ ନିଜର ମତାମତ ଦବା ପାଇଁ ସୁଯୋଗ ଦିଅନ୍ତୁ । ଏଗୁଡ଼ିକୁ ଲିପିବଦ୍ଧ କରନ୍ତୁ । ପରବର୍ତ୍ତୀ ଘଟଣା ବର୍ଣ୍ଣନା କଲାବେଳେ ଏହି ପ୍ରକ୍ରିୟାକୁ ଦୋହରାନ୍ତୁ ।

ଶିକ୍ଷକ ଏବଂ ଛାତ୍ରଛାତ୍ରୀ ଦଳ ଦେଇଥିବା ମତାମତଗୁଡ଼ିକୁ ଆଲୋଚନା କଲାବେଳେ ଛାତ୍ରଛାତ୍ରୀଙ୍କ ଦୃଷ୍ଟିକୋଣରୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ ।

## ୬ଷ୍ଠ ଏବଂ ୭ମ ଅଭ୍ୟାସ ପାଇଁ ଶିକ୍ଷଣୀୟ ସାମଗ୍ରୀ ବିଦ୍ୟାଳୟମାନଙ୍କରେ ଘଟୁଥିବା ହିଂସା ବିଷୟରେ ଜାଣିବା

ଗୋଟିଏ ଶିଶୁକୁ ଶୃଙ୍ଖଳିତ କରିବା ପାଇଁ ବହୁ ପୂର୍ବରୁ ଦଣ୍ଡ ଏବଂ ଅନ୍ୟ ପ୍ରକାରର ହିଂସା ବ୍ୟବହୃତ ହୋଇଆସୁଛି । କିନ୍ତୁ ବର୍ତ୍ତମାନ ସମସ୍ତେ ଜାଣନ୍ତି ହିଂସା ଶିଶୁର ଆତ୍ମବିଶ୍ୱାସ, ସୃଜନଶୀଳତା ଏବଂ ସର୍ବାଙ୍ଗୀନ ବିକାଶକୁ କ୍ଷତିଗସ୍ତ କରେ । ବିଦ୍ୟାଳୟର ବାତାବରଣ ଛାତ୍ରଛାତ୍ରୀଙ୍କ ଉପରେ ଅନେକ ପ୍ରଭାବ ପକାଏ । ଏଣୁ ଶିଶୁ ବ୍ୟକ୍ତିତ୍ୱର ବିକାଶ ପାଇଁ ଏକ ହିଂସାରହିତ ବିଦ୍ୟାଳୟର ବାତାବରଣ ଗଢ଼ିବା ନିତ୍ୟାନ୍ତ ଆବଶ୍ୟକ ।

ହିଂସାକୁ ରୋକିବାରେ ବହୁ ଉଦ୍ୟମ ହେଉଥିଲେ ମଧ୍ୟ ବର୍ତ୍ତମାନ ବିଦ୍ୟାଳୟମାନଙ୍କରେ ହିଂସାତ୍ମକ ଆଚରଣ ଦେଖିବାକୁ ମିଳୁଛି । ମାଡ଼ ମାରିବା ଦ୍ୱାରା ପିଲାଙ୍କୁ ଶୃଙ୍ଖଳିତ କରିବାରେ ଆଦି ବି ଅନେକ ବିଶ୍ୱାସ ରଖନ୍ତି । ଏହା ଶିଶୁମାନଙ୍କ ବିରୁଦ୍ଧରେ ହିଂସାକୁ ଗ୍ରହଣୀୟ କରାଇବାରେ ଏକ ହୀନ ଉଦ୍ୟମ । ଜଣେ ବଳଶାଳୀ ବ୍ୟକ୍ତି ଆଉ ଜଣେ ଦୁର୍ବଳ ବ୍ୟକ୍ତିକୁ ଦଣ୍ଡ ଦେବା ଉଚିତ୍ ହେବ କି ? ସେଭଳି ଘଟିଲେ ପରିବାର ଏବଂ ସମାଜରୁ ହିଂସାର ଗତିଶୀଳ ଚକ୍ର କେବେ ଦୂର ହେବ ନାହିଁ ।

ଶିକ୍ଷକମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଉପରେ ହେଉଥିବା ହିଂସା ଶାରୀରିକ, ବାଚନିକ, ମନସ୍ତାତ୍ତ୍ୱିକ କିମ୍ବା ଯୌନ ଶୋଷଣର ରୂପ ନେଇପାରେ । କିନ୍ତୁ ଖୁସିର କଥା ଏବେ ସେଭଳି ହିଂସା ହ୍ରାସ ପାଇବାରେ ଲାଗିଛି । ଭୟ ସୃଷ୍ଟି କରି ଅନ୍ୟକୁ ନିୟନ୍ତ୍ରିତ କରିବାରେ ହିଂସାକୁ ଏକ ମାଧ୍ୟମ ଭାବରେ ବ୍ୟବହାର ମଧ୍ୟ ହ୍ରାସ ପାଉଛି । କିନ୍ତୁ ଦୁଃଖର କଥା ଆଜି ବି ଆଦର୍ଶ ବ୍ୟବହାର ପାଇଁ କେତେକ ଗୋଷ୍ଠୀ ଦଣ୍ଡଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ଉଦାହରଣ ସ୍ୱରୂପ - କେତେକ ଯୁକ୍ତି ବାଢ଼ନ୍ତି, ହାଲୁକା ଭାବେ ମାରିବା, ଭୟ ଦେଖାଇବା କିମ୍ବା ଅଙ୍ଗ ପ୍ରତ୍ୟେଙ୍ଗର ଭାବଭଙ୍ଗୀ ଦ୍ୱାରା ଶୃଙ୍ଖଳା ସୃଷ୍ଟି କରିବା ଗ୍ରହଣୀୟ ହୋଇପାରେ କିନ୍ତୁ ଏହା ଠିକ୍ ନୁହେଁ ।

ପିଲାମାନେ ନିଜ ସାଙ୍ଗମେଳରେ ମଧ୍ୟ ହିଂସାର ଶିକାର ହୁଅନ୍ତି । ଭିନ୍ନକ୍ଷମ କିମ୍ବା ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗରୁ ଆସିଥିବା ପିଲାମାନଙ୍କ ବିପକ୍ଷରେ ହିଂସାର ସମ୍ଭାବନା ଅଧିକ ଥାଏ ।

### ପିଲାମାନେ ଶିକାର ହେଉଥିବା ହିଂସା

- ଖତେଇହେବା, ଡ଼ରାଇବା କିମ୍ବା ଆକ୍ରମଣ କରିବା
- ଜାତି ବା ଧର୍ମକୁ ନେଇ କରି ବିଦ୍ରୂପ କରିବା
- ବିଦ୍ୟାଳୟରେ ପରୀକ୍ଷା ସମ୍ବନ୍ଧୀୟ ଫଳାଫଳ କିମ୍ବା ପାଠପଢ଼ାର ଦକ୍ଷତାକୁ ନେଇ ପରସ୍ପରକୁ ଆକ୍ଷେପ ବା ଆହତ କରିବା ।
- ଅନ୍ୟର ଜିନିଷପତ୍ର ତଥା ବହି ଖାତା, ପେନିସିଲ, କଲମ ପାଣି ବୋତଲ ଚୋରି କରିବା ।

ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବଳଶାଳୀ ଏବଂ ଦୁର୍ବଳ ଗୋଷ୍ଠୀରେ ବିଭକ୍ତ ହୋଇଯାଆନ୍ତି । ପ୍ରାୟତଃ ଅପେକ୍ଷାକୃତ ଅଧିକ ବୟସ୍କ ଏବଂ ବଳଶାଳୀ ଛାତ୍ରମାନେ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପ୍ରତି ହିଂସାତ୍ମକ ଆଚରଣ କରନ୍ତି ।



କେତେକ ବିଶେଷ କାରଣ ହଠାତ୍ ହିଂସାର ସୂତ୍ରପାତ କରିବାରେ ସାହାଯ୍ୟ କରେ । ଜଣେ ବ୍ୟକ୍ତି ସେଭଳି ଅବସ୍ଥାକୁ ଆସିବା ମାତ୍ରେ ନିଜକୁ ନିୟନ୍ତ୍ରିତ ନ କରି ଅନ୍ୟପ୍ରତି ହିଂସା ଆଚରଣ କରିଥାଏ । ସେହି ସମୟରେ ସେ ଉତ୍ତେଜିତ ଏବଂ ପ୍ରତିଶୋଧ ପରାୟଣ ହୋଇପଡ଼େ ।

ସେଭଳି ଭାବନା କିଛି ମୁହୂର୍ତ୍ତ ପାଇଁ ଗ୍ରାସ କରୁଥିଲେ ମଧ୍ୟ ହିଂସାକୁ ଜନ୍ମ ଦେଉଥିବାରୁ ଏହାର ଦୂରଗାମୀ କୁପରିଣାମ ଦେଖିବାକୁ ମିଳେ । କିନ୍ତୁ ଏହା ସେହି ବ୍ୟକ୍ତିର ଏକ ସାଧାରଣ ବ୍ୟବହାର ବୋଲି କହି ହେବନାହିଁ। କାରଣ କୌଣସି ପରସ୍ଥିତିକୁ ଠିକ୍‌ଭାବେ ମୁକାବିଲା କରିବାରେ ଅସମର୍ଥ ହେଲେ ବେଳେବେଳେ ଜଣେ ବ୍ୟକ୍ତି ହିଂସାର ଆଶ୍ରୟ ନେଇଥାଏ । ଜଣେ ଶିଶୁ କିପରି ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିପାରିବ ତଥା ହିଂସାତ୍ମକ ଆଚରଣରୁ ନିଜକୁ ରକ୍ଷା କରିବ ସେଥିପାଇଁ  ଶିକ୍ଷକମାନେ ଯତ୍ନବାନ ହେବା ଉଚିତ୍ । ବିଦ୍ୟାଳୟର ବାତାବରଣ ପିଲାଙ୍କ ମନରେ ଥିବା ଭୟକୁ ଦୂରକରି ସୁରକ୍ଷାର ଭାବନା ସୃଷ୍ଟି କରିବା ଉଚିତ୍ । ଏଭଳି ପରିବେଶ ପିଲାଙ୍କ ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହୁଏ । ପିଲାଙ୍କ ମନରେ ଆତ୍ମବିଶ୍ୱାସ ଏବଂ ଆତ୍ମ ସମ୍ମାନ ବୋଧ ସୃଷ୍ଟି ହେଲେ ସେମାନେ ନିଷ୍ପତ୍ତି ନେବା ତଥା ବିଭିନ୍ନ କାର୍ଯ୍ୟକ୍ରମରେ ନେତୃତ୍ୱ ନେବା ସମ୍ଭବ ହୁଏ । ଏହାଦ୍ୱାରା ପିଲାମାନେ ଉପଯୁକ୍ତ ଜୀବନକୌଶଳ ଶିକ୍ଷାଲାଭ କରିବା ସହ ଆଗାମୀ ଜୀବନରେ ଏକ ସଫଳ ନାଗରିକ ହେବା ପାଇଁ ଆବଶ୍ୟକ ପ୍ରବୃତ୍ତିଗୁଡ଼ିକୁ ନିଜର ଦୃଷ୍ଟିକୋଣ ଏବଂ ବ୍ୟବହାରରେ ପରିସ୍ଫୁଟ କରିବା ପାଇଁ ସୁଯୋଗ ପାଆନ୍ତି ।

ଅତୀତରୁ ଶୃଙ୍ଖଳା ସୃଷ୍ଟି ନିମନ୍ତେ ହିଂସାର ବ୍ୟବହାର ହୋଇଆସିଥିଲେ ମଧ୍ୟ ଏହାର କୁପ୍ରଭାବ ପିଲାଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା ଏବଂ ବ୍ୟକ୍ତିତ୍ୱକୁ କ୍ଷତିଗ୍ରସ୍ତ କରେ । ପ୍ରତ୍ୟେକ ଶିଶୁକୁ ନିଷ୍ପତ୍ତି ନେବା, ନେତୃତ୍ୱ ଦେବା ଏବଂ ଭୟମୁକ୍ତ ବାତାବରଣରେ ଜୀବନ ଅତିବାହିତ କରିବା ଅଧିକାର ମିଳିବା ଉଚିତ୍ । ଏହିସବୁ କୌଶଳ ଶିଖିବାରେ ପ୍ରତ୍ୟେକ ଶିଶୁକୁ ସାହାଯ୍ୟ କରିବା ପାଇଁ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ପିଲାମାନଙ୍କୁ ଅହିଂସା, ସହଭାଗିତା ଏବଂ ଗଣତନ୍ତ୍ରିକ ମୂଲ୍ୟବୋଧ ବିଷୟରେ ଶିକ୍ଷାଦାନ ଦ୍ୱାରା ଶିକ୍ଷକମାନେ ସେମାନଙ୍କୁ ସମାଜ ଏବଂ ରାଷ୍ଟ୍ର ପାଇଁ ଉତ୍ତମ ନାଗରିକ ଭାବରେ ଗଢ଼ି ତୋଳିବାରେ ସାହାଯ୍ୟ କରନ୍ତି ।

## ଅଭ୍ୟାସ –୬

**ସମୟ–୯୦ ମିନିଟ୍**

**ଉଦ୍ଦେଶ୍ୟ** – ଶିକ୍ଷାର୍ଥୀ/ନୀ ମାନଙ୍କୁ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ବିଦ୍ୟାଳୟରେ ଘଟୁଥିବା ହିଂସାର ପ୍ରଭାବ ବିଷୟରେ ସଚେତନ କରିବା ।

### ପ୍ରଶିକ୍ଷକଙ୍କ ପାଇଁ ସୂଚନା :-

ଶିକ୍ଷାର୍ଥୀ–ନୀମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରନ୍ତୁ । ମୋହନ ଏବଂ ଦାମକୁ ନେଇ ରଚିତ କାହାଣୀ ଲେଖାଥିବା କାର୍ଡ଼ଗୁଡ଼ିକୁ ସେମାନଙ୍କୁ ଦିଅନ୍ତୁ ।

### କାହାଣୀ :-

ମୋହନ ଓ ଦାମ ଗୋଟିଏ ଗାଁରେ ରହନ୍ତି । ଦୁଇ ଜଣଙ୍କ ବୟସ ପାଖାପାଖି ୩୦ ବର୍ଷ । ଉଭୟେ ବିବାହିତ ଏବଂ ସେମାନଙ୍କର ପିଲାପିଲି ଅଛନ୍ତି । ମୋହନ ନିକଟସ୍ଥ ସହରରେ ଏକ ଦୋକାନରେ କାମ କରନ୍ତି । ସେହି ସହର୍‌ରେ ଦାମ ଡ଼ାକ ବିଭାଗର ଜଣେ କର୍ମଚାରୀ । କିନ୍ତୁ ତାଙ୍କ ଭିତରେ ସାମଞ୍ଜସ୍ୟ ଏଇଠି ଶେଷ ।

କେତେଜଣ ବନ୍ଧୁକୁ ଛାଡ଼ିଦେଲେ ମୋହନକୁ ଅନ୍ୟମାନେ ପ୍ରାୟ ପସନ୍ଦ କରନ୍ତି ନାହିଁ । ସ୍ୱଭାବରୁ ରୁକ୍ଷ ଏବଂ ଉଗ୍ର ହୋଇଥିବାରୁ  ସେ କଥାକଥାରେ ଝଗଡ଼ା କରନ୍ତି । ସେ ନିଜ କାମକୁ ପସନ୍ଦ କରନ୍ତି ନାହିଁ । ପୂର୍ବରୁ ମଧ୍ୟ ବହୁଥର ଏଥିପାଇଁ ଚାକିରୀରୁ ତଡ଼ା ଖାଇଛନ୍ତି । ସେ ଅନେକ ସମୟରେ ବେରୋଜଗାର ରୁହନ୍ତି । ହିଂସା ତାଙ୍କ ଜୀବନର ଏକ ଅଙ୍ଗ । ସେ ଘରେ ଓ ବାହାରେ ନିଜ ମତାମତକୁ ସାବ୍ୟସ୍ତ କରିବାକୁ ତଥା ପିଲାଙ୍କୁ ଶାସନ କରିବାକୁ ହିଂସାର ଆଶ୍ରୟ ନିଅନ୍ତି ।

ଦାମ କିନ୍ତୁ ଭିନ୍ନ। ତାଙ୍କ ଚାକିରୀ ବେଶ ସୁରକ୍ଷିତ ଏବଂ ସେ ନିଜ ମହଲରେ ଖୁବ୍ ସମ୍ମାନ ଓ ସଫଳତା ହାସଲ କରିଛନ୍ତି । ପ୍ରାୟତଃ ସେ ଚୁପ୍ ରହନ୍ତି। ଘର ବା ଗ୍ରାମର ସମସ୍ୟା ଆଦିରେ ବେଶି ମୁଣ୍ଡ ଖେଳାନ୍ତି ନାହିଁ ।



ଜାଣିବା ଲୋକେ କହନ୍ତି ମୋହନ ପିଲାଦିନୁ ସେମିତି । ମୋହନ ବିଦ୍ୟାଳୟରେ ଦୁଷ୍ଟାମି କରି ଦଣ୍ଡ ପାଉଥିଲା । ଅବାଧ୍ୟ ଏବଂ ନିୟମ ଭାଙ୍ଗୁଥିବା ପିଲାଙ୍କ ସେ ଥିଲା ନେତା । ଦାମ ଥିଲା ତା' ସହପାଠୀ । ଶ୍ରେଣୀରେ ଶ୍ରେଷ୍ଠ ତିନିଜଣଙ୍କ ମଧ୍ୟରେ ପରିଗଣିତ ହେଉଥିବାରୁ ସେ ପଢ଼ାପଢ଼ିରେ ବ୍ୟସ୍ତ ରହୁଥିଲା । ସାଙ୍ଗମାନେ ତାକୁ ଇର୍ଷା କରୁଥିଲେ କିମ୍ବା ଭୟଭୀତ କରିବାକୁ ପଛାଉ ନଥିଲେ । ଏସବୁ କାରଣରୁ ସେ ପ୍ରାୟତଃ ସାଙ୍ଗ ମେଳରୁ ଦୂରରେ ଥିଲା ।

### ଦଳଗତ କାର୍ଯ୍ୟ :-

(କ) ମୋହନ ରୂପି ଚରିତ୍ରର ସମୀକ୍ଷା ଏବଂ ପରିଲକ୍ଷିତ ହେଉଥିବା ଗୁଣ ବା ଦୋଷର କାରଣ ନିର୍ଣ୍ଣୟ ।

(ଖ) ଦାମ ରୂପି ଚରିତ୍ରର ସମୀକ୍ଷା ଏବଂ ପରିଲକ୍ଷିତ ହେଉଥିବା ଗୁଣ ବା ଦୋଷର କାରଣ ନିର୍ଣ୍ଣୟ ।

ବର୍ତ୍ତମାନ ଶିକ୍ଷାର୍ଥୀ/ନୀ ମାନଙ୍କୁ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଶର୍ମାଜୀଙ୍କ ଚରିତ୍ର ସହ ଅବଗତ କରାନ୍ତୁ । ଶର୍ମାଜୀ ଅନେକ ସମୟରେ ବିଦ୍ୟାଳୟରେ ବିତାଇଥିବା ଦିନଗୁଡ଼ିକୁ ମନେ ପକାନ୍ତି । ଅନେକ ପିଲା କାମଧନ୍ଦା ପାଇଁ ଗ୍ରାମ ବାହାରକୁ ଚାଲିଯାଇଛନ୍ତି । କିନ୍ତୁ ମୋହନ ଏବଂ ଦାମ ଆଉ କେହିଜଣଙ୍କ ପରି ଗ୍ରାମରେ ରହନ୍ତି । ବେଳେବେଳେ ସେ ଭାବନ୍ତି

- ଏତେ ଦଣ୍ଡ ଦେଲାପରେ ମଧ୍ୟ ମୋହନ ସୁଧୁରିଲା ନାହିଁ କାହିଁକି ?
- ବୋଧେ ଦାମ ପ୍ରଥମରୁ ଅନୁଶାସିତ ଓ ଶୃଙ୍ଖଳିତଥିବାରୁ ଆଜି ଶାନ୍ତିରେ ଜୀବନ କାଟୁଛି ?
- ବିଦ୍ୟାଳୟ ବାତାବରଣ ମୋହନ ଉପରେ କିଛି କୁପ୍ରଭାବ ପକାଇଲା କି ?
- କିନ୍ତୁ ଦାମ ବି ତ ଆହୁରି ଅନେକ କିଛି କରିପାରିଥାନ୍ତା । ଗ୍ରାମବାସୀଙ୍କ ସହ ଉତ୍ତମ ସମ୍ପର୍କ ରଖି ସେମାନଙ୍କ ସୁଖ ଦୁଃଖର ସାଥି ହେଲେ କେତେ ଭଲ ହୁଅନ୍ତା। କିନ୍ତୁ ସେ କାହିଁକି ଏମିତି ନିଃସଙ୍ଗ ହୋଇଗଲା ?

## ପ୍ରଶିକ୍ଷକଙ୍କ ପାଇଁ ସୂଚନା

ଶିକ୍ଷାର୍ଥୀ/ନୀ ମାନଙ୍କୁ କାହାଣୀଟିକୁ ଭଲ ଭାବେ ପଢ଼ି ବୁଝିବାକୁ କୁହନ୍ତୁ । ଗୋଟିଏ ଫ୍ଲିପ୍-ଚାର୍ଟରେ ମୋହନ ଏବଂ ଗ୍ରାମ ବିଷୟରେ ଲେଖିବା ପାଇଁ ସେମାନଙ୍କ ନାଁ ଦୁଇ ପାର୍ଶ୍ୱରେ ଲେଖନ୍ତୁ । ଶିକ୍ଷାର୍ଥୀ/ନୀ ମାନଙ୍କୁ ଆଖି ବନ୍ଦ କରି ଚରିତ୍ରଦ୍ୱୟଙ୍କ ଉପରେ ଭାବିବାକୁ କୁହନ୍ତୁ । ସେମାନେ ଭାବନ୍ତୁ ନିଜେ ମୋହନ ଏବଂ ଦାମକୁ ଭେଟିବାର ସୁଯୋଗ ପାଇଛନ୍ତି । ବର୍ତ୍ତମାନ କାହାଣୀ ଆଧାରରେ ଚରିତ୍ର ଦୁଇଟିର ବିଶେଷ ଗୁଣଗୁଡ଼ିକୁ ଏବଂ ଦୋଷଗୁଡ଼ିକୁ ଚିହ୍ନଟ କରିବାକୁ କୁହନ୍ତୁ । ଗୁଣ ଚିହ୍ନଟ କଲାବେଳେ ଏଭଳି ଉପମା ବ୍ୟବହାର କରାଯାଇପାରେ । ଶାନ୍ତ, ରୁକ୍ଷ, କ୍ରୋଧି, ନମ୍ର, ଭଦ୍ର, ବୋକା, କ୍ଷଣକୋପୀ ଇତ୍ୟାଦି । ସେମାନେ ଚିହ୍ନଟ କରିଥିବା ସବୁ ଗୁଣଗୁଡ଼ିକୁ ଫ୍ଲିପ୍ ଚାର୍ଟରେ ଚରିତ୍ରଗୁଡ଼ିକର ଆଉ ଗୋଟିଏ ଫ୍ଲିପ୍ ଚାର୍ଟରେ ଶର୍ମାଜୀଙ୍କ ନାମଲେଖନ୍ତୁ । ସମସ୍ତଙ୍କୁ ଆଖି ବନ୍ଦ କରି ନିଜକୁ ଶର୍ମାଜୀ ଭୂମିକାରେ ଭାବିବାକୁ କୁହନ୍ତୁ । ଶର୍ମାଜୀ ଜଣେ ସଫଳ ବ୍ୟକ୍ତିତ୍ୱ ଯିଏ କି ଦୀର୍ଘଦିନ ପ୍ରଭାବଶାଳୀ ଢ଼ଙ୍ଗରେ ଶିକ୍ଷାଦାନ କରି ଅବସର ପରେ ଏବେ ସୁଖରେ ଚଳୁଛନ୍ତି । ଚେଷ୍ଟା କରନ୍ତୁ ବିଦ୍ୟାଳୟରେ ନିଜର ଅନୁଭୂତିକୁ ନେଇ ଶର୍ମାଜୀ ମୋହନ ଏବଂ ଦାମ ବିଷୟରେ ଲେଖା ଯାଇଥିବା ଗୁଣଗୁଡ଼ିକରୁ କେଉଁସବୁ ଠିକ୍ ବୋଲି ଭାବିବେ ଏବଂ ଏହାପାଇଁ କାହାକୁ ଦାୟୀ କରିବେ । ଶର୍ମାଜୀଙ୍କ ଭାବନାଗୁଡ଼ିକୁ ଫ୍ଲିପ୍ ଚାର୍ଟରେ ଲେଖନ୍ତୁ । ଏବେ ଫ୍ଲିପ୍ ଚାର୍ଟ ସାହାଯ୍ୟରେ ଶିକ୍ଷାର୍ଥୀ/ନୀ ମାନଙ୍କ ଦ୍ୱାରା ଗୁଣଗୁଡ଼ିକର ବିଶ୍ଳେଷଣ ଏବଂ ଦୁଇଟି ଚରିତ୍ରରେ ଥିବା ତାରତମ୍ୟର କାରଣଗୁଡ଼ିକ ସମ୍ପର୍କରେ ଆଲୋଚନା କରାନ୍ତୁ । ଏହି ଅବସରରେ ଶିକ୍ଷାର୍ଥୀ/ନୀ ମାନେ ନିଜ ଜୀବନର ଅନୁରୂପ ଅନୁଭୂତିକୁ ମଧ୍ୟ ବର୍ଣ୍ଣନା କରିପାରନ୍ତି । ଏହା ଦ୍ୱାରା ବିଦ୍ୟାଳୟର ପରିବେଶ ତଥା ସେ ସମୟରେ ପିଲାଙ୍କ ଉପରେ ପଡୁଥିବା ପ୍ରଭାବ ଗୁଡ଼ିକ କିପରି ଭବିଷ୍ୟତ ଜୀବନରେ ପରିଲକ୍ଷିତ ହୁଏ ସହଜରେ ବୁଝିହେବ । ଆଲୋଚନା ଶେଷରେ ପରିଦର୍ଶିତ ବିଭିନ୍ନ ଅନୁଭୂତିକୁ ନେଇ କୁ ଏବଂ ସୁ ପ୍ରଭାବଗୁଡ଼ିକୁ ଚିହ୍ନଟ କରନ୍ତୁ ।

### ଉପଲବ୍ଧି

ବିଦ୍ୟାଳୟରେ ଘଟୁଥିବା ବିଭିନ୍ନ ଘଟଣାର ପ୍ରଭାବ କିପରି ଭଲ ଏବଂ ଖରାପ ଗୁଣଗୁଡ଼ିକୁ ବ୍ୟକ୍ତିତ୍ୱରେ ସାମିଲ କରେ ସେ ବିଷୟରେ ଶିକ୍ଷାର୍ଥୀ/ନୀ ମାନେ ଅବଗତ ହେଲେ ।



## ଅଭ୍ୟାସ-୭

**ସମୟ - ୬୦ ମିନିଟ୍**

**ଉଦ୍ଦେଶ୍ୟ** – ମୋହନ ଏବଂ ଦାମର କାହାଣୀକୁ ଆଧାର କରି ଶିକ୍ଷାର୍ଥୀ/ନୀ ମାନେ ବିଦ୍ୟାଳୟରେ ଘଟୁଥିବା ହିଂସାର ଦୀର୍ଘଗାମୀ ପ୍ରଭାବ ସମ୍ପର୍କରେ ସଚେତନ ହେବେ ।

### ଉପକରଣ

ଫ୍ଲିପ୍ ଚାର୍ଟ ଏବଂ ମାର୍କର ପେନ୍

### ସୂଚନା

ଶିକ୍ଷାର୍ଥୀ/ନୀମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରନ୍ତୁ । କୁପ୍ରଭାବ ଗୁଡ଼ିକର ପରିଣାମଗୁଡ଼ିକୁ ନିମ୍ନଲିଖିତ ସାରଣୀ ମାଧ୍ୟମରେ ବୁଝାନ୍ତୁ ।

| | | |
|---|---|---|
| ବ୍ୟକ୍ତି ଅଧିକର ଉଲଙ୍ଘନ | ହୀନମନ୍ୟତା | ପ୍ରତିଶୋଧ |
| ଭୟ | ଉଦାସୀନତା | ଆତ୍ମଘାତୀ କାର୍ଯ୍ୟ |
| ଯନ୍ତ୍ରଣା | କ୍ରୋଧ | ଆକ୍ରମଣ |
| ଅପମାନ | ଭୀରୁତା | |
| | ନିଷ୍କ୍ରିୟତା | |

### ନକରାତ୍ମକ ପରିଣାମ ଚକ୍ର

ଶିକ୍ଷାର୍ଥୀ/ନୀ ମାନଙ୍କୁ ୧୦.୧୫ମିନିଟ୍ ଭାବିବା ପାଇଁ ଦିଅନ୍ତୁ । ତାଙ୍କ ଉପରେ ପଡ଼ିଥିବା ବାଲ୍ୟଜୀବନର ପ୍ରଭାବଗୁଡ଼ିକୁ ଆଲୋଚନା କରନ୍ତୁ । ମତାମତ ଗୁଡ଼ିକୁ ଲିପିବଦ୍ଧ କରନ୍ତୁ । ପରିଣାମଗୁଡ଼ିକର ତିବ୍ରତାକୁ ମାପକୁ, ପରିଣାମର ଶାରୀରିକ, ମାନସିକ ତଥା ଆବେଗିକ ଦିଗଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ । ଶିକ୍ଷାର୍ଥୀ/ନୀ ମାନଙ୍କୁ ସେମାନଙ୍କ ଅଙ୍ଗେନିଭା ଅନୁଭୂତିରୁ ଅଧିକ ତଥ୍ୟ ଆଦାନପ୍ରଦାନ କରିବାକୁ ଉତ୍ସାହିତ କରନ୍ତୁ ।

## ଅଭ୍ୟାସ -୮

**ସମୟ - ୪୫ ମିନିଟ୍**

**ଉଦ୍ଦେଶ୍ୟ** – ହିଂସାର ବିଭିନ୍ନ ରୂପ ବିଷୟରେ ଶିକ୍ଷାର୍ଥୀ/ନୀମାନଙ୍କୁ ଅବଗତ କରାଇବା

### ଉପକରଣ

ନାଲି ଏବଂ କଳାରଙ୍ଗର ୪ ପ୍ୟାକେଟ ବିନ୍ଦି

**ସୂଚନା** – ଶିକ୍ଷାର୍ଥୀ/ନୀମାନଙ୍କୁ ଦୁଇଦଳରେ ବିଭକ୍ତ କରି ବିନ୍ଦି ପ୍ୟାକେଟ୍‌ଗୁଡ଼ିକ ଦିଅନ୍ତୁ । ତଳେ ଦିଆଯାଇଥିବା ତଥ୍ୟଗୁଡ଼ିକ ଠିକ୍ ବା ଭୁଲ୍ ଚିହ୍ନଟ କରିବା ପାଇଁ କୁହନ୍ତୁ । ଠିକ୍ ପାଇଁ ନାଲି ଏବଂ ଭୁଲ୍ ପାଇଁ କଳା ବିନ୍ଦି ବ୍ୟବହାର କରିବାକୁ କୁହନ୍ତୁ । ବିନ୍ଦି ମିଳୁ ନଥିଲେ (-) ବା (+) ଚିହ୍ନ ବ୍ୟବହାର କରିପାରନ୍ତି ।

ବିଭିନ୍ନ ଅବସ୍ଥାଗୁଡ଼ିକର ସଠିକ୍ ମୂଲ୍ୟାୟନ ଏବଂ ସେଗୁଡ଼ିକ ବିଷୟରେ ଲିଖିତ ଉକ୍ତିଗୁଡ଼ିକୁ ଭୁଲ୍ ବା ଠିକ୍ ଚିହ୍ନଟ କରିବା ଦ୍ୱାରା ଶିକ୍ଷାର୍ଥୀ/ନୀ ମାନଙ୍କ ମଧ୍ୟରେ ଦୃଷ୍ଟିକୋଣର ତାରତମ୍ୟ ଜଣାପଡ଼ିବ । ବୟସ୍କମାନଙ୍କ ଦୃଷ୍ଟିରେ ସ୍ୱାଭାବିକ ଜଣାଯାଉଥିବା ଅନେକ କଥା ପିଲାମାନଙ୍କ ପାଇଁ ଅପମାନଜନକ କିମ୍ବା ଯନ୍ତ୍ରଣାଦାୟକ ହୋଇପାରେ ।



## ମନେରଖିବା କଥା

- ଶ୍ରେଣୀରେ ପିଲାଙ୍କୁ ଦଣ୍ଡ ଦେବା ଯଥା :- ଆଣ୍ଠେଇବା, ବେଞ୍ଚରେ ଛିଡ଼ା କରାଇବା, ଗାଳି କରିବା କିମ୍ବା ମାଡ଼ ମାରିବା ଦ୍ୱାରା ପିଲାମାନେ ପଢ଼ିବାରେ ମନଯୋଗ କରିପାରନ୍ତି ନାହିଁ ।
- ଭଲ ଭାବେ ଶିକ୍ଷାଲାଭ ପାଇଁ ପିଲାଟି ନିଜକୁ ସୁରକ୍ଷିତ ଏବଂ ଆଶ୍ୱସ୍ତ ମଣିବା ଉଚିତ୍
- ଦଣ୍ଡ ପିଲାମାନଙ୍କର ଆତ୍ମସମ୍ମାନ କ୍ଷୁର୍ଣ୍ଣ କରେ ଏବଂ ସେମାନଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟି କରେ
- ଦଣ୍ଡବିନା ମଧ୍ୟ ପିଲାମାନଙ୍କୁ ଶୃଙ୍ଖଳିତ କରି ହେବ ।
- ନିୟମପାଳନ ଏବଂ ଉତ୍ତମ ଆଚରଣ ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇପାରେ ।
- ଉତ୍ତମ ଆଚରଣର ଆବଶ୍ୟକତା ଏବଂ ଏଥିଜନିତ ଲାଭ ସଂପର୍କରେ ବୁଝି ପାରିଲେ ପିଲାଟି ସବୁଦିନ ସେଭଳି ଆଚରଣ କରିବା ପାଇଁ ଆଗ୍ରହୀ ହେବ ଅର୍ଥାତ୍ ଏଥିପାଇଁ କୌଣସି ପ୍ରକାର ଦଣ୍ଡ ବା ଭୟର ଆବଶ୍ୟକତା ରହିବ ନାହିଁ ।

ଭୁଲ୍ ଠିକ୍ ନିର୍ଣ୍ଣୟ ପାଇଁ ଉକ୍ତି

| ଉକ୍ତି | ଭୁଲ/ଠିକ୍ |
|---|---|

- ଶିକ୍ଷକ ଛାତ୍ରକୁ ବଡ ପାଟିରେ କହୁଛନ୍ତି
  "ତୁ ଟା ଗୋଟେ ଗଧ, ତୋତେ କିଛି ଜଣାନାହିଁ
- ଶିକ୍ଷକ ଛାତ୍ରକୁ ବାହାରକୁ ଯାଇ ଆଦେଶ ଦେଉଛନ୍ତି
- ନିୟମିତ ଘରେ ପଢ଼ା କାର୍ଯ୍ୟ କରୁନଥିବା / ଛାତ୍ରକୁ ଆସନ୍ତା ୫ଦିନ ଗୃହ କାର୍ଯ୍ୟ କରି (ହୋମ୍‌ୱାର୍କ)ଦେଖାଇଲେ ଅଧିକ ନମ୍ବର ମିଳିବ ବୋଲି ଶିକ୍ଷକ କହୁଛନ୍ତି ।
- ସକ୍ରିୟ ଅଂଶଗ୍ରହଣ କରୁଥିବା ଛାତ୍ର/ଛାତ୍ରୀକୁ ଆଗଧାଡ଼ିରେ ବସିବାକୁ ଶିକ୍ଷକ କହୁଛନ୍ତି ।
- ଶିକ୍ଷକ ଛାତ୍ର/ଛାତ୍ରୀକୁ ବେତ ଦ୍ୱାରା ଦଣ୍ଡ ଦେଉଛନ୍ତି
- "ସୀତାକୁ ଦେଖ, ସେ ଗୋଟିଏ ଦିନରେ ପାଠଟକ ମନେ ରଖି ପାରିଲା, ଅଥଚ ତୁ ଏତେ ଦିନ ପରିଶ୍ରମ କରି ମଧ୍ୟ ବୃଥା" ଶିକ୍ଷକ ଏପରି ତୁଳନା କରୁଛନ୍ତି ।
- ଘରକୁ ଗଲାବେଳେ ନିଜର ଜିନିଷପତ୍ରକୁ ବୋହି ଘରେ ପହଞ୍ଚାଇବାକୁ ଶିକ୍ଷକ କହୁଛନ୍ତି ।
- ବିଳମ୍ବରେ ଆସିଥିଲେ ମଧ୍ୟ ସରପଞ୍ଚ ଉପସ୍ଥିତି ଥିବାରୁ ତାଙ୍କ ପୁଅକୁ କିଛି ନ କହି ଶିକ୍ଷକ ଶ୍ରେଣୀରେ ବସିବାକୁ ଦେଉଛନ୍ତି ।
- ବିଳମ୍ବରେ ଆସିଥିବାରୁ ଆଉ ଜଣେ ଛାତ୍ରକୁ ଶିକ୍ଷକ ଗାଳି କରୁଛନ୍ତି ।

### ଶିକ୍ଷଣ ସାମଗ୍ରୀ – ୧

| ଉକ୍ତି | ଉତ୍ତର ଏହା ହିଂସା | କାହିଁକି |
|---|---|---|
| ୧. କପି | ହଁ | ଏହା ଶିଶୁକୁ ଅପମାନିତ କରେ, ଉଚ୍ଚ ସ୍ୱର ଭୟଭୀତ କରେ । |
| ୨. | ହଁ | ଏହା ଶିଶୁକୁ ଅପମାନିତ କରିବା ସହ ପିଲାକୁ ସାଥୀମାନଙ୍କ ଦ୍ୱାରା ଉପହାସର ପାତ୍ର କରିପାରେ । |
| ୩. | ନାଁ | ଯଦି ସବୁପିଲାଙ୍କୁ ୫ଦିନ ଗୃହ କାର୍ଯ୍ୟ (ହୋମ୍‌ୱାର୍କ) କଲେ ଅଧିକ ନମ୍ବର ମିଳେ ତାହେଲେ ଅସୁବିଧା ନାହିଁ। ନଚେତ୍ ଏହା ଭେଦ ଭାବପୂର୍ଣ୍ଣ ବୋଲି ପରିଗଣିତ ହେବ। |



| | | |
|---|---|---|
| ୪. | ହଁ | ଏହା ଗୋଟିଏ ନିର୍ଦ୍ଦିଷ୍ଟ ପିଲାକୁ ଦଣ୍ଡ ବୋଲି ଗ୍ରହଣ କରି ତା ମନରେ ହୀନମନ୍ୟତା ସୃଷ୍ଟି କରାଯାଇଥାଏ । |
| ୫. | ହଁ | ଏହା ଶାରୀରିକ ହିଂସା |
| ୬. | ହଁ | ଏହା ଭେଦଭାବ ପୂର୍ଣ୍ଣ ବ୍ୟବହାର |
| ୭. | ହଁ | ଏହା ଦ୍ୱାରା ଶିକ୍ଷକ ଏଭଳି ଛାତ୍ରକୁ ବିଶେଷ ଅନୁକମ୍ପା ପ୍ରଦାନ କରି ଭେଦଭାବ ପୂର୍ଣ୍ଣ ଆଚରଣ କରନ୍ତି । |
| ୮. | ହଁ | ଭେଦଭାବ ପୂର୍ଣ୍ଣ |
| ୯. | ହଁ | ଗାଳି ଦେବା ଦ୍ୱାରା ପିଲାଟି ମନରେ ହୀନମନ୍ୟତା ସୃଷ୍ଟି ହୁଏ । ସେ ଭୟଭୀତ ଅଥବା ଅଧିକ ଉଗ୍ର ହୋଇପାରେ । |

## ଅଭ୍ୟାସ -୯

ସମୟ -୯୦ମିନିଟ୍

**ଉଦ୍ଦେଶ୍ୟ -** ଶିକ୍ଷାର୍ଥୀ/ନୀମାନଙ୍କୁ ହିଂସାର ବିଭିନ୍ନ ପ୍ରକାର ଏବଂ ଏଗୁଡ଼ିକ ବିଷୟରେ ସଚେତନ କରାଇବା ।

**ସୂଚନା -** ଶିକ୍ଷାର୍ଥୀ/ନୀ ମାନଙ୍କୁ ୨ ଭାଗରେ ବିଭକ୍ତ କରି ନିମ୍ନଲିଖିତ କାହାଣୀଗୁଡ଼ିକୁ ବିତରଣ କରନ୍ତୁ ।

### କାହାଣୀ-୧

ମହେଶ ୭ମ ଶ୍ରେଣୀର ଛାତ୍ର ଅଟେ । ସେ ଜଣେ ମେଧାବୀ ଛାତ୍ର । ପ୍ରତ୍ୟେକ ଦିନ ବିଦ୍ୟାଳୟ ଯିବା ବେଳେ ତାହାର ସହପାଠୀ ରମେଶ ସାଇକେଲରେ ଆସି ଗାଳିଗୁଲଜ କରିବା ସହ ଗୋଇଠା ମାରି ଚାଲିଯାଏ । ମହେଶ କିନ୍ତୁ ଏହାର ପ୍ରତିକାର କରିପାରେ ନାହିଁ । ନିରବ ରୁହେ । ଏଭଳି ଭାବରେ ସେ ଅନେକ ଥର ନିର୍ଯ୍ୟାତିତ ହେଉଥାଏ ।

### କାହାଣୀ - ୨

କମଳା ୯ମ ଶ୍ରେଣୀର ଛାତ୍ରୀଅଟେ । ଦିନେ ବିଜ୍ଞାନ ଶିକ୍ଷକ ସବୁ ଛାତ୍ରଛାତ୍ରୀଙ୍କୁ ଆସନ୍ତା କାଲି ମୌଖିକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ଆସିବାକୁ କୁହନ୍ତି । ବିଜ୍ଞାନରେ କମଳା ବେଶ୍ ଦକ୍ଷ । ସେ ଘରକୁ ଯାଇ ବିଜ୍ଞାନ ବହିଗୁଡ଼ିକୁ ପୁଣିଥରେ ପଢ଼ି ନିଜକୁ ପ୍ରସ୍ତୁତ କରେ । ଅଧିକ ସମୟ ଡେଇଁ ରାତିକ ଭିତରେ ସେ ସବୁପାଠ ସାରିଦିଏ । ପରଦିନ ବିଦ୍ୟାଳୟରେ ପରୀକ୍ଷା ଆରମ୍ଭ ହୁଏ । ଶିକ୍ଷକ ଜଣକ ପରେ ଜଣେ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ପଚାରୁଥାନ୍ତି । କମଳାର ପାଳି ପଡ଼େ । ତାକୁ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ସେ ଭଲ ଭାବରେ ଜାଣେ । କିନ୍ତୁ ପଛର କୌଣସି ଏକ ଘଟଣା ମନେ ପକାଇ ହଠାତ୍ ଶଙ୍କିତ ହୋଇଯାଏ ଏବଂ ଉତ୍ତର ଜାଣି ମଧ୍ୟ କହିପାରିନି । କିଛି ସମୟ ପରେ କାନ୍ଦି ପକାଏ । ଏହିପରି ଭାବରେ ସେ ପରୀକ୍ଷାରେ ଅସଫଳ ହୁଏ ।

### କାର୍ଯ୍ୟ

ପ୍ରଥମ କାହାଣୀଟିକୁ ବିଶ୍ଳେଷଣ କରି ମହେଶ ଉପରେ ପଡୁଥିବା ସାମୟିକ ଏବଂ ଚିରସ୍ଥାୟୀ ପ୍ରଭାବଗୁଡ଼ିକୁ ଚିହ୍ନଟ କରନ୍ତୁ । ରମେଶର ସେଭଳି ବ୍ୟବହାର ତା ମନରେ କଣ ଭାବନା ଜାଗ୍ରତ କରେ । ଏହା କ'ଣ ତାର ବ୍ୟବହାର ଏବଂ କାର୍ଯ୍ୟକଳାପକୁ ପ୍ରଭାବିତ କରେ? ଶିକ୍ଷାର୍ଥୀ/ନୀ ମାନଙ୍କୁ ଏସବୁ ଦିଗ ଉପରେ ଆଲୋଚନା କରିବାକୁ କୁହନ୍ତୁ । ସେମାନଙ୍କୁ ନିଜ ଅନୁଭୂତିରୁ ଅନୁରୂପ ଘଟଣା ମନେ ପକାଇ ଉପସ୍ଥାପନା କରିବା ପାଇଁ ଉତ୍ସାହିତ କରନ୍ତୁ । ସାଙ୍ଗ, ସାଥି ଭିତରେ ଘଟୁଥିବା ହିଂସାର ଶିଶୁ ଜୀବନ ଉପରେ ପଡୁଥିବା ପ୍ରଭାବଗୁଡ଼ିକୁ ଭଲ ଭାବେ ବୁଝିବା ଏବଂ ଲେଖିବା ପାଇଁ କୁହନ୍ତୁ । ଶେଷରେ ନିମ୍ନଲିଖିତ ତଥ୍ୟଗୁଡ଼ିକୁ ଉପସ୍ଥାପନା କରନ୍ତୁ ।



## ବିଦ୍ୟାଳୟରେ ଘଟୁଥିବା ହିଂସାର ପ୍ରକାର

- ଶାରୀରିକ
- ବାଚନିକ
- ମାନସିକ
- ଭୟ ସୂଚକ
- ଯୌନ ଶୋଷଣ

## ବୟସ୍କ ଓ ପିଲାମାନଙ୍କ ସମ୍ପର୍କ

- ଦଣ୍ଡ ତଥା ସେଭଳି ଅନ୍ୟ ମାଧ୍ୟମକୁ ଶିକ୍ଷାଦାନ ପାଇଁ ଆବଶ୍ୟକ ମନେ କରିବା ।
- ଅଧିକାରୀ ବା ନିୟମକୁ ଅମାନ୍ୟ କରୁଥିବା ପିଲାଙ୍କୁ ଶୃଙ୍ଖଳିତ କରିବା ପାଇଁ ହିଂସାର ଆବଶ୍ୟକତା ସପକ୍ଷରେ ଯୁକ୍ତି ପାରିବା ।
- ହିଂସାତ୍ମକ ଆଚରଣ ପାଇଁ ଉତ୍ସାହିତ କରୁଥିବା ପରିସ୍ଥିତିଗୁଡ଼ିକୁ ଚିହ୍ନଟ କରିବା ।
- ପରସ୍ପର ପ୍ରତି ସମ୍ବେଦନଶୀଳତା ଓ ଆଚରଣ ବିଷୟରେ ଅବଗତ ନହେବା ।

## ପିଲାମାନଙ୍କ ଜୀବନରେ ହିଂସା (ସେମାନଙ୍କ ଦୃଷ୍ଟି କୋଣରେ)

- ଅତିମାତ୍ରାର ପରିହାସ, ବିଦ୍ରୂପ ବା ତାଚ୍ଛଲ୍ୟ କରିବା ।
- ଶାରୀରିକ ଆଘାତ ଦେବା ।
- ଭୟଭୀତ କରିବା ।
- ଜାତି, ଭାଷା, ଧର୍ମ ବା ପାଠପଢ଼ାର ଫଳାଫଳକୁ ନେଇ ଉପହାସ କରିବା ।
- ପୃଥକ ଏବଂ ଏକୁଟିଆ ଚଳିବା ପାଇଁ ବାଧ୍ୟ କରିବା ।
- ମେଳି ସୃଷ୍ଟି କରି ହିଂସା ଆଚରଣ କରିବା ।
- ଜିନିଷ ପତ୍ର ଚୋରି ବା ନଷ୍ଟ କରିବା ।
- ବଡ଼ ପିଲାମାନେ ଖେଳ ପଡ଼ିଆରେ ସାନଙ୍କୁ ଖେଳିବା ପାଇଁ ସୁଯୋଗ ନଦେବା ।

## ହିଂସାର ଅଧିକ ଶିକାର ହେଉଥିବା ପିଲାମାନେ

- ଭିନ୍ନକ୍ଷମ ବାଳକ, ବାଳିକା ।
- ପାଠ ପଢ଼ାରେ ଅତିମାତ୍ରାରେ ସଫଳ ବା ବିଫଳ ହେଉଥିବା ଛାତ୍ରଛାତ୍ରୀ ।
- ଶିକ୍ଷକମାନଙ୍କ ପ୍ରିୟପାତ୍ର ହେଉଥିବା ଛାତ୍ରଛାତ୍ରୀ ।
- ନିରବ ଓ ଭୟଭୀତ ରହୁଥିବା ଛାତ୍ରଛାତ୍ରୀ ।

## କ୍ଷମତା ବ୍ୟବହାର କରୁଥିବା ପିଲାମାନେ

- ଶ୍ରେଣୀ ମନିଟର
- ଶିଶୁ ସଂଗଠନ, ପ୍ରତିନିଧିସଭା ଏବଂ ବିଭିନ୍ନ ସମିତିରେ ଭାଗ ବା ନେତୃତ୍ୱ ନେଇଥିବା ପିଲାମାନେ ।



### ଶିକ୍ଷକଙ୍କ ଅଜାଣତରେ ହିଂସା ଘଟୁଥିବା ସ୍ଥାନ

- ନଳକୂପ
- ଶୌଚାଳୟ
- ବିଦ୍ୟାଳୟକୁ ଯିବା ଆସିବା ରାସ୍ତା
- ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ପ୍ରାଥମିକ ବିଦ୍ୟାଳୟ ।
- ଖେଳ ପଡ଼ିଆ ।

## ଅଭ୍ୟାସ ୧୦ ପାଇଁ ପଠନ ସାମଗ୍ରୀ

### ହିଂସାକୁ ଉତ୍ସାହିତ କରୁଥିବା କାର୍ଯ୍ୟ ପରିବେଶ ସମ୍ବନ୍ଧରେ ଶିକ୍ଷକଙ୍କ ଅନୁଭୂତି....

କେବଳ ଜଣେ ବା ଆଉ ଜଣେ ଶିକ୍ଷା ସହାୟକ ସାହାଯ୍ୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ଅନେକ ଚାପର ସମ୍ମୁଖୀନ ହୁଅନ୍ତି । ଅନେକ ବିଦ୍ୟାଳୟରେ ସର୍ବନିମ୍ନ ଭିତ୍ତିଭୂମିର ଅଭାବ ରହିଛି । କେତେକ ସ୍ଥାନରେ କଳାପଟା ନାହିଁ ଅଥବା ସେଥିରେ ଯାହା ଲେଖିଲେ ଭଲ ଭାବେ ଦେଖା ଯାଏ ନାହିଁ । ସେହିପରି ଶୌଚାଳୟ, ଶ୍ରେଣୀ ଗୃହ, ପାନୀୟ ଜଳ, ପଠନ ଶିକ୍ଷଣ ସାମଗ୍ରୀର ମଧ୍ୟ ଅଭାବ ଅନେକ ସ୍ଥାନରେ ପରିଲକ୍ଷିତ ହୁଏ । ଅଫିସ କାର୍ଯ୍ୟରେ ଅନେକ ସମୟ କଟିଯାଏ । ବର୍ତ୍ତମାନ ଶ୍ରେଣୀ ଗୃହ ନିର୍ମାଣ ଦାୟିତ୍ୱ ଶିକ୍ଷକଙ୍କୁ ନେବାକୁ ପଡୁଛି । ଶିକ୍ଷକ ମାନେ ବିଦ୍ୟାଳୟ ବାହାରେ ବିଭିନ୍ନ ସରକାରୀ ଦାୟିତ୍ୱ ତୁଲାଇବାକୁ ଅନିଚ୍ଛୁକ ଥିଲେ ମଧ୍ୟ ତାହା କରିବାକୁ ବାଧ୍ୟ ହୁଅନ୍ତି । ସେମାନଙ୍କ ଆବେଦନ ଉପରେ ସାଧାରଣତଃ କର୍ଣ୍ଣପାତ କରାଯାଇ ନାହିଁ । ଅନେକ ଶିକ୍ଷକଙ୍କ ମତରେ ଗୋଟିଏ କକ୍ଷରେ ବିଭିନ୍ନ ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ପାଠ ପଢ଼ାଇବା ଏକ ସାମୟିକ ବାଧ୍ୟବାଧକତା ହୋଇପାରେ; କିନ୍ତୁ ଏହା ଦ୍ୱାରା ଶିକ୍ଷାର ଗୁଣବତ୍ତା ହ୍ରାସ ପାଏ । ଏତେ ସଂଖ୍ୟକ ପିଲାଙ୍କୁ ବିଭିନ୍ନ ବିଷୟରେ ଏକାସହ ଶିକ୍ଷାଦାନ ଦ୍ୱାରା ଶିକ୍ଷକ ଥକିପଡିବା ସହ ଛୋଟ ଛୋଟ କଥାକୁ ନେଇ ବିଗିଡ଼ି ଯାଆନ୍ତି ।

**ଅଭ୍ୟାସ-୧୦** | **ସମୟ -୯୦ ମିନିଟ୍**

**ଉଦ୍ଦେଶ୍ୟ** - ଭାବଗତ ଆବେଗକୁ ନିୟନ୍ତ୍ରଣ କରି ହିଂସା ରୋକିବାରେ ସହାୟକ ଉପାୟଗୁଡ଼ିକ ସମ୍ବନ୍ଧରେ ସଚେତନ କରିବା ।

### ସୂଚନା

**ପ୍ରଥମ କାର୍ଯ୍ୟ :-** ଶିକ୍ଷାର୍ଥୀ/ନୀମାନଙ୍କୁ କିଛି ସ୍ୱାଭାବିକ କାର୍ଯ୍ୟ କରିବାକୁ କହନ୍ତୁ । ଯଥା :- ସେମାନେ ଗୃହ ଭିତରେ ବୁଲି କାନ୍ଥକୁ ସ୍ପର୍ଶ କରିବେ । ସେମାନେ କାନ୍ଥ ଛୁଇଁବା ପୂର୍ବରୁ ଦୁଇ ପାଦ ଯାଇ ନଥିଲେ କ'ଣ ଘଟିଥାଆନ୍ତା ପଚାରି ବୁଝନ୍ତୁ । କାନ୍ଥ ଛୁଁଇ ହେବ ନାହିଁ ଭଳି ଉତ୍ତର ପାଇବା ସ୍ୱାଭାବିକ । ହିଂସାକୁ ଏଡ଼ାଇବାକୁ ହେଲେ ସେଭଳି ଘଟଣା ଘଟିବାର ଠିକ୍ ପୂର୍ବରୁ ଧ୍ୟାନକୁ ଅନ୍ୟତ୍ର ଆକର୍ଷିତ କରିବା ଉଚିତ୍ । କାନ୍ଥ ଛୁଇଁବା ଆଗରୁ ଦୁଇ ପାଦ ପଛରେ ଥାଇ ଅଟକି ଗଲେ କିମ୍ବା ମୋଡ଼ ବଦଳାଇଲେ ପରିଣାମକୁ ଏଡ଼ା ଯାଇପାରେ । ସେହିପରି ହିଂସା ଘଟାଇବା ପୂର୍ବରୁ ଟିକିଏ ଯତ୍ନବାନ ହୋଇ ଏହା ଉପରେ ନିୟନ୍ତ୍ରଣ କଲେ ଅଘଟଣ ଘଟିବ ନାହିଁ ।

### ଦ୍ୱିତୀୟ କାର୍ଯ୍ୟ :

ଶିକ୍ଷାର୍ଥୀ/ନୀ ମାନଙ୍କୁ ଦୁଇ ବା ତିନିଦଳରେ ବିଭକ୍ତ କରି ଅଭିନୟ କରିବା ପାଇଁ ବିଷୟ ବସ୍ତୁ ଦିଅନ୍ତୁ । ପ୍ରତ୍ୟେକ ଅଭିନୟ ହିଂସାକୁ ସୂଚାଉଥିବା ଏକ ଘଟଣା ଉପରେ ଆଧାରିତ ହେବ । ପରେ ଅଭିନୟରେ ସାମିଲ ବିଭିନ୍ନ ଚରିତ୍ରମାନଙ୍କ ବିଷୟରେ ଆଲୋଚନା କରନ୍ତୁ । ସେମାନେ ହିଂସାକୁ କିପରି ଏଡ଼ାଇ ପାରିଥାଆନ୍ତେ ବୁଝାନ୍ତୁ । ହିଂସା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା କରନ୍ତୁ ।



**ଉପଲବ୍ଧି :** ଶିକ୍ଷାର୍ଥୀ-ନୀମାନେ ନିଜ ବା ଅନ୍ୟକୁ କ୍ଷତି କରୁଥିବା ହିଂସାତ୍ମକ ଆଚରଣକୁ ନିୟନ୍ତ୍ରିତ କରିବାର ପଦ୍ଧତି ସମ୍ପର୍କରେ ଅବଗତ ହେଲେ ।

**ଅଭ୍ୟାସ -୧୧** | **ସମୟ - ୩୦ ମିନିଟ୍**

**ଉଦ୍ଦେଶ୍ୟ** – ହିଂସାକୁ ଜନ୍ମ ଦେଉଥିବା ଉତ୍ତେଜିତ କାରଣ ଏହାକୁ ନିୟନ୍ତ୍ରିତ କରିବାର ଉପାୟ ସମ୍ପର୍କରେ ଅବଗତ ହେବା ।

**ସୂଚନା**

ପୂର୍ବ ଅଭ୍ୟାସଗୁଡ଼ିକରେ ବ୍ୟବହୃତ ବିଷୟ ବସ୍ତୁ ଏବଂ ଅଭିନୟକୁ ଆଧାର କରି ଆଲୋଚନା କରାଯାଇ ପାରେ କିମ୍ବା ନୂତନ ଉଦାହରଣର ସାହାଯ୍ୟ ନିଆଯାଇପାରେ । ଶିକ୍ଷାର୍ଥୀ/ନୀ ମାନେ ପ୍ରତ୍ୟେକ ଘଟଣାକୁ ବିଶ୍ଳେଷଣ କରି ହିଂସା ଭିଆଉଥିବା କାରଣଗୁଡ଼ିକୁ ପର୍ଯ୍ୟାୟକ୍ରମେ ଲେଖିବେ । ଯେଉଁ କାରଣଗୁଡ଼ିକ ହିଂସା ପାଇଁ ଦାୟୀ ସେଗୁଡ଼ିକୁ ଭଲ ଭାବେ ଚିହ୍ନଟ କରିବା ଉଚିତ୍ । ଏହାଦ୍ୱାରା ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀ ଉପରେ ପଡୁଥିବା ବିଭିନ୍ନ ଚାପ ବିଷୟରେ ବୁଝିହେବ । ଭଲ ଭାବେ ଆଲୋଚନା ଦ୍ୱାରା ହିଂସା ଏଡ଼ାଇବା ପଦ୍ଧତି ଏବଂ ଉପାୟଗୁଡ଼ିକୁ ସହଜରେ ଜାଣିହେବ ।

**ଉପଲବ୍ଧି :** ହିଂସା ସୃଷ୍ଟି କରୁଥିବା ଚାପଗୁଡ଼ିକ ବିଷୟରେ ଶିକ୍ଷାର୍ଥୀ/ନୀମାନେ ଅବଗତ ହେଲେ ।

**ଅଭ୍ୟାସ - ୧୨** | **ସମୟ -୯୦ ମିନିଟ୍**

**ଉଦ୍ଦେଶ୍ୟ :-** ଶିକ୍ଷାର୍ଥୀ/ନୀମାନଙ୍କୁ ହିଂସାର ଉତ୍ତେଜକ କାରଣଗୁଡ଼ିକୁ ନିୟନ୍ତ୍ରଣ କରିବା ପନ୍ଥା ବିଷୟରେ ସଚେତନ କରାଇବା ।

**ଉପକରଣ :** ଫ୍ଲିପ୍ ଚାର୍ଟ ଏବଂ ମାର୍କର କଲମ

**ସୂଚନା :** ପୂର୍ବପରି ଶିକ୍ଷାର୍ଥୀ/ନୀ ମାନଙ୍କୁ ଦୁଇ ବା ତିନି ଦଳରେ ବିଭକ୍ତ କରନ୍ତୁ । ଏହିଭଳି କହି କାର୍ଯ୍ୟକ୍ରମଟି ଆରମ୍ଭ କରନ୍ତୁ ଯଥା :- "ଆମେ ଜାଣୁ ହିଂସା ଶିକ୍ଷକଙ୍କ ସାଧାରଣ ଅଭ୍ୟାସରୁ ଜାତ ହୁଏ ନାହିଁ । ଏଥି ପାଇଁ କେତେକ ବିଶେଷ ପରିସ୍ଥିତ ଏବଂ କାରଣ ଦାୟୀ । ଏଭଳି ପରିସ୍ଥିତିର ମୁକାବିଲା ହିଂସାକୁ ଏଡ଼ାଇବାର ପଦ୍ଧତି ସମ୍ବନ୍ଧରେ ବର୍ତ୍ତମାନ ଜାଣିବା । ପୂର୍ବ ଅଭ୍ୟାସର ହିଂସାକୁ ଜନ୍ମ ଦେଉଥିବା ବିଭିନ୍ନ ସୋପାନଗୁଡ଼ିକୁ ମନେ ପକାନ୍ତୁ । ବର୍ତ୍ତମାନ ଭାବନ୍ତୁ ମାନସିକ ବା ଶାରୀରିକ ଦୃଷ୍ଟିରୁ ଶିକ୍ଷକ କ'ଣ କଲେ ହିଂସାକୁ ଏଡ଼ାଯାଇ ପାରିବ । ଶିକ୍ଷକଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

କ – ସମସ୍ୟାର ସମାଧାନ ପାଇଁ ବିକଳ୍ପ ପନ୍ଥା

ଖ – ଏଭଳି ସମାଧାନ ଯାହା ହିଂସାକୁ ବାଦ୍ ଦେଇ କରି ହେବ ।

ଶିକ୍ଷାର୍ଥୀ/ନୀମାନଙ୍କୁ ସେମାନଙ୍କ ମତାମତ ଜଣାଇବାକୁ କହନ୍ତୁ । ଚାପକୁ ଏଡ଼ାଇବା ପାଇଁ ନିମ୍ନଲିଖିତ ପନ୍ଥା ଉପରେ ଆଲୋକପାତ କରନ୍ତୁ ।

୧. ଗୋଟିଏ ଗ୍ଲାସ ପାଣି ପିଇବା ।

୨. ଘଟଣା ଘଟିଥିବା ସ୍ଥାନରୁ କିଛି ସମୟ ଦୂରେଇ ଯିବା ।

୩. ଘଟଣା ବିଷୟରେ ଅନ୍ୟ ପିଲାଙ୍କୁ ପଚାରି ବୁଝିବା ।

୪. କୌଣସି ସୁଖଦ ଘଟଣାକୁ ମନେ ପକାଇବା ।

ଏହିପରି ଚାପ ଏଡ଼ାଇବା ପାଇଁ ବିଭିନ୍ନ ବିକଳ୍ପ ପନ୍ଥାଗୁଡ଼ିକ ବିଷୟରେ ଆଲୋଚନା କରି କାର୍ଯ୍ୟ ସମାପ୍ତ କରନ୍ତୁ ।



**ଉପଲବ୍ଧି :-** ହିଂସା ଏଡ଼ାଇବା ପାଇଁ ପ୍ରଭାବଶାଳୀ ପନ୍ଥା ବିଷୟରେ ଶିକ୍ଷାର୍ଥୀ/ନୀମାନେ ଅବଗତ ହେଲେ ।

ସ୍ୱେଚ୍ଛାକୃତ ଅନୁଶାସନ ଅଭ୍ୟାସ କରିବା ପଦ୍ଧତି

- ଶିଶୁ ଅଧିକାର ସହ ସଂପୃକ୍ତି
- ଶିଶୁର ବିକାଶ ସହ ସଂପୃକ୍ତି
- ସ୍ୱେଚ୍ଛାକୃତ ଅନୁଶାସନ - ବିଚାର ଏବଂ ପ୍ରକ୍ରିୟା

## ଜାତିସଂଘ ଶିଶୁ ଅଧିକାର ସଂହିତା

ମାନବିକ ଅଧିକାର ଉପରେ ଆଧାତ୍ମିକ ଜାତିସଂଘ ଶିଶୁ ଅଧିକାର ସଂହିତା ଶିଶୁମାନଙ୍କ ପାଇଁ ଅତି ମହତ୍ତ୍ୱପୂର୍ଣ୍ଣ ଅଟେ । ଅଧିନିୟମ ୧୯ ଶିଶୁମାନଙ୍କୁ ସବୁ ପ୍ରକାର ଶାରୀରିକ ହିଂସାରୁ ସୁରକ୍ଷିତ ରଖିବା ପାଇଁ ଆହ୍ୱାନ ଜଣାଇଛି । କୌଣସି ପ୍ରକାର ଲିଙ୍ଗଭେଦ ନ କରି ସବୁ ଶିଶୁଙ୍କୁ ମାନସିକ ତଥା ଶାରୀରିକ ହିଂସା, ନିର୍ଯ୍ୟାତନା, ଆଘାତ, ଉତ୍ପୀଡ଼ନ, ଉପେକ୍ଷା ଏବଂ କୁପୋଷଣରୁ ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି । ପିତାମାତା ଅଥବା ଆଇନମତେ ନିର୍ଦ୍ଧାରିତ ଅଭିଭାବକମାନଙ୍କ ତତ୍ତ୍ୱାବଧାନରେ ଥିବା ଶିଶୁଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ମଧ୍ୟ ଉଲ୍ଲେଖ କରାଯାଇଛି ।

ଅନୁଚ୍ଛେଦ ୩୭ ଅନୁସାରେ ଶିଶୁ ପ୍ରତି ଅମାନବୀୟ ଆଚରଣ କିମ୍ବା ଯାତନା ଦେବା ଗ୍ରହଣୀୟ ନୁହେଁ । ବିଦ୍ୟାଳୟମାନଙ୍କରେ ଅନୁଶାସନ ପାଇଁ ନିୟମ ପ୍ରଣୟନ କଲାବେଳେ ପିଲାଙ୍କ ପ୍ରତି ତଥା ଏହି ସଂହିତାର ୨୮.୨ ଭାଗରେ ବର୍ଣ୍ଣିତ ବ୍ୟବସ୍ଥା ଅନୁସାରେ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଶାରୀରିକ ଦଣ୍ଡ ପିଲାଙ୍କ ଉପସ୍ଥାନ ଓ ମନଦେଇ ପଢ଼ିବାରେ ବାଧା ସୃଷ୍ଟି କରିବା ସହ ୨୮ ଧାରାରେ ବର୍ଣ୍ଣିତ ପ୍ରାଥମିକ ଶିକ୍ଷାର ଅଧିକାରକୁ ମଧ୍ୟ କ୍ଷୁର୍ଣ୍ଣ କରେ । ବିଦ୍ୟାଳୟମାନଙ୍କରେ ଉପସ୍ଥାନ ବଢ଼ାଇବା ଏବଂ ଅନୁପସ୍ଥିତି ହାର କମାଇବାକୁ ଧାରା ୨୮.୧ରେ ରାଷ୍ଟ୍ରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଶିଶୁ ଅଧିକାର ସଂହିତା ଅନୁଯାୟୀ ଶିଶୁମାନେ ଜଡ଼ିତଥିବା ପ୍ରତ୍ୟେକ କାର୍ଯ୍ୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ

- ଶିଶୁଙ୍କ ହିତ ସର୍ବୋପରି (ଧାରା-୩)
- ପ୍ରତ୍ୟେକ ଶିଶୁର ବଞ୍ଚିବା ଓ ବିକାଶର ଅଧିକାର ଅଛି (ଧାରା-୬)
- କୌଣସି ପ୍ରକାର ଭେଦଭାବର ଶିକାର ନହେବାର ଅଧିକାର (ଧାରା-୨)
- ସେମାନଙ୍କୁ ପ୍ରଭାବିତ କରୁଥିବା ସବୁ ବିଷୟ ଉପରେ ମତାମତ ଦେବା ଏବଂ ଏଥିପ୍ରତି ସମର୍ଥନ ପାଇବାର ଅଧିକାର (ଧାରା ୧୨)
- ଶିଶୁଙ୍କ ପ୍ରତିଭା ଓ ସୃଜନଶୀଳତାକୁ ସମ୍ମାନ ଓ ପ୍ରୋତ୍ସାହନ ଦେବା ଉଚିତ୍ । (ଧାରା -୫)

ଆଧାର - "ସଫଳ ଛାତ୍ର, ଅନୁକୂଳ ଶ୍ରେଣୀ ପରିବେଶ, ପ୍ରଭାବଶାଳୀ ଶିକ୍ଷକ, ଦଣ୍ଡଶୁନ୍ୟ ଶିକ୍ଷାଦାନ ଏବଂ ଅନୁଶାସନ" ।

## ଅଭ୍ୟାସ ୧୩ ପାଇଁ ଶିକ୍ଷଣ ସାମଗ୍ରୀ

## ଶିଶୁ ବିକାଶ ସହ ସଂପୃକ୍ତି

### ଆଜିର ସନ୍ଦର୍ଭରେ ଶିଶୁଙ୍କ ବିକାଶର ବିଭିନ୍ନ ଦିଗଗୁଡ଼ିକୁ ଚିହ୍ନଟ କରିବା :-

ବର୍ତ୍ତମାନ ବାଲ୍ୟାବସ୍ଥା ପ୍ରତି ଦୃଷ୍ଟିକୋଣରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି । ଆମେ ଅନେକ ସମୟରେ ଶୁଣୁ ଶିଶୁ ଭବିଷ୍ୟତର ନାଗରିକ । ଏପରି ଧାରଣା ବଦଳିବା ଉଚିତ୍ । ବର୍ତ୍ତମାନ ପିଲାମାନଙ୍କ ସାମାଜିକ ଭୂମିକା ଏବଂ ରଚନାତ୍ମକ ସଂପୃକ୍ତି ଉପରେ ଅଧିକ ଧ୍ୟାନ ଦିଆଯାଉଛି । ସେମାନଙ୍କୁ ଭବିଷ୍ୟତର ନାଗରିକ ନଭାବି ବର୍ତ୍ତମାନ ସକ୍ରିୟ ଅଂଶ ଗ୍ରହଣ ପାଇଁ ସୁଯୋଗ ଦେବା ଉଚିତ୍ (ଜେମସ୍ ଏବଂ ପ୍ରାଉଡ୍, ୧୯୯୦) ଶିଶୁ ଅଧିକାର ବର୍ତ୍ତମାନର ଏହି ନୂଆ ଅବଧାରଣା ଉପରେ ଆଧାରିତ ।



**ବିକାଶର ବିଭିନ୍ନ ଦିଗ :-**

**ଶାରୀରିକ ବିକାଶ :** ସ୍ୱାସ୍ଥ୍ୟ, ମସ୍ତିଷ୍କର ବିକାଶ, ଶାରୀରିକ ବିକାଶ ଏବଂ ଅଙ୍ଗପ୍ରତ୍ୟଙ୍ଗର ବିକାଶ ଉପରେ ଗୁରୁତ୍ୱ ।

**ଭାବନାତ୍ମକ ବିକାଶ :-** ମାନବୀୟ ସମ୍ବନ୍ଧ, ପାରିବାରିକ ସମ୍ବନ୍ଧ, ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଏବଂ ସ୍ୱତନ୍ତ୍ର ପରିଚୟ ।

**ବୌଦ୍ଧିକ ବିକାଶ** - ଭାଷା, ବୁଦ୍ଧି, ଚିନ୍ତନ, ସମସ୍ୟାର ସମାଧାନ ତଥା ବିଶ୍ଳେଷଣ ।

**ସାମାଜିକ ବିକାଶ** - ଯୋଗାଯୋଗ, ଭାବର ଆଦାନ ପ୍ରଦାନ, ଉତ୍ତମ ସମ୍ପର୍କ ସ୍ଥାପନ, ସକରାତ୍ମକ ମନୋଭାବ, ସାମାଜିକ ଜୀବନଯାପନ ପାଇଁ ଆବଶ୍ୟକ କୌଶଳ, ବିବାଦର ସମାଧାନ, ଅନୁଶାସନ, ଅଂଶ ଗ୍ରହଣ ଏବଂ ସଂଗଠନ । ଶିଶୁର ନୈତିକ ଏବଂ ଆଧ୍ୟାତ୍ମିକ ବିକାଶ ସାମାଜିକ ବିକାଶର ଏକ ଅଂଶ ହେବା ଉଚିତ୍ ।

**ଅଭ୍ୟାସ -୧୩** | ସମୟ - ୨୦ମିନିଟ୍

**ଉଦ୍ଦେଶ୍ୟ** - ଶିଶୁମାନଙ୍କ ସମ୍ବନ୍ଧରେ ବଦଳୁଥିବା ଅବଧାରଣାଗୁଡ଼ିକ ବିଷୟ ଅବଗତ ହେବା ।

**ସୂଚନା** - ପିଲାମାନଙ୍କ ସମ୍ବନ୍ଧରେ ପ୍ରଚଳିତ ଯେକୌଣସି ମତ ବିଷୟରେ ଶିକ୍ଷାର୍ଥୀ/ନୀମାନଙ୍କୁ ଜଣାନ୍ତୁ । ସେହିଭଳି ଆଉ କିଛି କଥା କହିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ । ସେମାନଙ୍କୁ ବର୍ତ୍ତମାନ ସମ୍ବନ୍ଧରେ ଖାପ ଖାଉ ନଥିବା ମତଗୁଡ଼ିକୁ ଅଧିକ ପରିମାଣରେ ବର୍ଣ୍ଣନା କରିବାକୁ କୁହନ୍ତୁ । ମତ କାହିଁକି ବଦଳୁଛି ଏବଂ ଅତୀତରେ ଗ୍ରହଣୀୟ ହେଉଥିବା କଥା ବର୍ତ୍ତମାନ କାହିଁକି ଅପ୍ରାସଙ୍ଗିକ ସେ ବିଷୟରେ ଆଲୋଚନା କରନ୍ତୁ । ମୂଳତଃ ବର୍ତ୍ତମାନ ଶିଶୁମାନଙ୍କର ନାଗରିକ ଭାବେ ସମାଜ ବିକାଶରେ ସହଭାଗିତା ଉପରେ ଅଧିକ ଧ୍ୟାନ ଆକର୍ଷଣ କରନ୍ତି ।

**ଉପଲବ୍ଧି** - ଶିଶୁମାନଙ୍କୁ ସମ୍ବନ୍ଧରେ ବଦଳୁଥିବା ମତ ଏବଂ ଏହାର କାରଣ ଶିକ୍ଷାର୍ଥୀମାନେ ଜାଣିବାକୁ ପାଇବେ ।

## ଅଭ୍ୟାସ - ୧୪ ପାଇଁ ଶିକ୍ଷଣ ସାମଗ୍ରୀ

## <u>ସ୍ୱେଚ୍ଛାକୃତ ଅନୁଶାସନ ବିଚାର ଏବଂ ପ୍ରକ୍ରିୟା</u>

### ସ୍ୱତନ୍ତ୍ର ପରିଚୟ ଏବଂ ଆତ୍ମ ସମ୍ମାନ

ଶିଶୁ ଜୀବନରେ ସ୍ୱତନ୍ତ୍ର ପରିଚୟ ଏବଂ ଆତ୍ମ ସମ୍ମାନର ଗୁରୁତ୍ୱ ଉପଲବ୍ଧି ନକଲେ ସ୍ୱେଚ୍ଛାକୃତ ଅନୁଶାସନର ଆବଶ୍ୟକତା ବୁଝି ହେବ । ଶିଶୁମାନେ ଜନ୍ମରୁ ଏଥିପ୍ରତି ସଚେତନ ନଥାନ୍ତି । ପଢ଼ିବା ସମୟରେ ପରିବାର , ସମାଜ ଏବଂ ବାହ୍ୟ ପରିବେଶରୁ ମିଳୁଥିବା ଅନୁଭୂତିକୁ ନେଇ ସେମାନେ ଧିରେ ଧିରେ ନିଜର ପରିଚୟ ଏବଂ ସମ୍ମାନ ବିଷୟରେ ସଚେତନ ହୁଅନ୍ତି । ଜୀବନରେ ଘଟୁଥିବା ସଫଳତା ଏବଂ ବିଫଳତା ଏହି ପରିଚୟ ଏବଂ ସମ୍ମାନବୋଧକୁ ଦୃଢ଼ କରିଥାଏ । ନିୟନ୍ତ୍ରଣ ଏବଂ ସ୍ୱତନ୍ତ୍ରତାର ଏକ ସକରାତ୍ମକ ମିଶ୍ରଣ ଦ୍ୱାରା ଶିଶୁମାନେ ଆତ୍ମସମ୍ମାନ, ସ୍ୱାଧିନତା, ସୁରକ୍ଷା ଆଦି ବିଷୟରେ ଅଧିକ ସମ୍ବେଦନଶୀଳ ହୁଅନ୍ତି । ଆତ୍ମସମ୍ମାନବୋଧ କରୁଥିବା ଶିଶୁ ପ୍ରାୟତଃ ବୟସ୍କମାନଙ୍କଠାରୁ ଅଧିକ ସ୍ନେହ, ସ୍ୱୀକୃତି, ସହଯୋଗ ଏବଂ ସୁରକ୍ଷା ପାଇଥାନ୍ତି । ସେମାନେ ଜାଣନ୍ତି ତାଙ୍କ ସଂସ୍ପର୍ଶରେ ଆସୁଥିବା ଏବଂ ତାଙ୍କୁ ସ୍ନେହ କରୁଥିବା ବୟସ୍କମାନେ ତାଙ୍କୁ ଆଘାତ ହେଲେ ଦୁଃଖିତ ହେବା ସହ କୌଣସି କାରଣରୁ ଅଲଗା ହୋଇଗଲେ ସେମାନଙ୍କ ଅନୁପସ୍ଥିତିକୁ ଅନୁଭବ କରିବେ । ଅନ୍ୟ ପକ୍ଷରେ ହୀନମନ୍ୟତାର ଶିକାର ଶିଶୁ, ଅନ୍ୟମାନେ ତାକୁ ଭଲ ନପାଇବା ଏବଂ ତାର ସୁରକ୍ଷା ତଥା ବିକାଶ ପାଇଁ ଆଦୌ ଚିନ୍ତିତ ନଥିବା କଥା ଭାବନ୍ତି । ବାଲ୍ୟାବସ୍ଥାରେ ଶିଶୁମାନେ ନିଜର ମୂଲ୍ୟ ବଡ଼ମାନଙ୍କ ଆଦର ଏବଂ ଯତ୍ନମାଧ୍ୟମରେ ବୁଝିପାରନ୍ତି । ଏହି ଅବସ୍ଥାରେ ଶିକ୍ଷକମାନେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବହନ କରନ୍ତି । ୧୨ ବର୍ଷ ହେଲାବେଳକୁ ଶିଶୁମାନେ ପିତା, ମାତା, ଶିକ୍ଷକ, ପରିବାର ବର୍ଗ ତଥା ସାଙ୍ଗ ସାଥିଙ୍କର ପ୍ରଶଂସା ଓ ସମର୍ଥନ ଲୋଡ଼ନ୍ତି । ସେମାନେ ପାଉଥିବା ସ୍ୱୀକୃତିକୁ ଆଧାର କରି ମନରେ ବିଭିନ୍ନ ପ୍ରକାରର ଭଲ ବା ଖରାପ ଭାବନା ସୃଷ୍ଟି ହୁଏ । ବିଦ୍ୟାଳୟର ପରିବେଶ ଶିଶୁମାନଙ୍କର ଆତ୍ମସମ୍ମାନ ଏବଂ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ବହନ କରେ । ସ୍ନେହ ଓ ଆଦର ପାଉଥିବା ଶିଶୁଟି ନିଜକୁ ସମ୍ମାନ ଦେବା ସହ ଅନ୍ୟମାନଙ୍କୁ ସମ୍ମାନଦେବା ଶିଖେ । ସେ ନିଜର ଦାୟିତ୍ୱ ପ୍ରତି ଅଧିକ ସଚେତନ ହୁଏ । ବେଳେବେଳେ ଏହା ନିଶ୍ଚିତ କରିବା ପାଇଁ କିଛି ସକରାତ୍ମକ ନିୟମ ଏବଂ ଚଳଣୀ ସୃଷ୍ଟି କରିବା ଆବଶ୍ୟକ ।



## ଶିକ୍ଷକଙ୍କ ପ୍ରଭାବ

ଶିକ୍ଷକଙ୍କର ବ୍ୟକ୍ତିତ୍ୱ ଏବଂ ବ୍ୟବହାର ଜଣେ ଶିଶୁର ଆତ୍ମସମ୍ମାନ ଓ ପରିଚୟକୁ ବେଶ୍ ପ୍ରଭାବିତ କରିପାରେ । ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସାମିଲ୍ କରିବା ଏବଂ ନିଷ୍ପତ୍ତି ନେବାର ଅଧିକାର ଦେବା ଉଚିତ୍ । ପିଲାମାନଙ୍କୁ ସମ୍ମାନ ଦେଲେ ଶିକ୍ଷକମାନେ ମଧ୍ୟ ସମ୍ମାନ ପାଆନ୍ତି । ଶିକ୍ଷକଙ୍କ ସ୍ନେହ ପାଉଥିବା ଛାତ୍ରଛାତ୍ରୀମାନେ ସହଜ ଭାବେ ବିଦ୍ୟାଳୟରେ ଖାପଖୁଆଇ ପାଠ ପଢ଼ା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି । ଏଣୁ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଅପମାନ ଦେବା, ଉପହାସ କରିବା କିମ୍ବା ଦଣ୍ଡଦେବା ଉଚିତ୍ ନୁହେଁ । ପିଲାଙ୍କୁ ସଫଳ ହେବା ପାଇଁ ସହାଯ୍ୟ କଲେ ଶିକ୍ଷକ ସେମାନଙ୍କ ଆତ୍ମସମ୍ମାନ ବୃଦ୍ଧି କରିବା ସହ ଶୃଙ୍ଖଳା ବଜାୟ ରଖିବାରେ ସହାୟ ହୁଅନ୍ତି । ସଫଳ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା, କ୍ଷମତା, ଏବଂ ସମସ୍ୟା ସମାଧାନରେ ଦକ୍ଷତା ବିଷୟରେ ଆଶ୍ୱସ୍ତ ହୋଇ ନିଜକୁ ଉତ୍ତମ ଛାତ୍ରଛାତ୍ରୀ ଭାବରେ ଗଢ଼ିପାରନ୍ତି । ସଫଳତା ସେମାନଙ୍କୁ ଉଚ୍ଚ ଆଶାପୋଷଣ ପାଇଁ ପ୍ରେରଣା ଦେବା ସହ ଲକ୍ଷ୍ୟ ହାସଲ ପାଇଁ ପ୍ରୋତ୍ସାହନ ଯୋଗାଏ । ଶିକ୍ଷକ ପିଲାମାନଙ୍କ ଭିତରେ ଥିବା ତାରତମ୍ୟକୁ ବୁଝିବା ଉଚିତ୍ । ସବୁ ପିଲାଙ୍କ ଭିତରେ ସମାନ ପ୍ରତିଭା ନଥାଏ । ସାମର୍ଥ୍ୟଅନୁସାରେ ପ୍ରତ୍ୟେକ ପିଲାଙ୍କୁ ବିକାଶ ଦିଗରେ ସାହାଯ୍ୟ କରି ଶିକ୍ଷକ ସେମାନଙ୍କର ଆତ୍ମସମ୍ମାନବୋଧକୁ ସୁଦୃଢ଼ କରିପାରିବେ । ତେଣୁ ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ଅସମ୍ମାନ ତଥା ପ୍ରତିଭା ଦୃଷ୍ଟିରୁ ପୃଥକ ଛାତ୍ରଛାତ୍ରୀମାନଙ୍କ ପ୍ରତି ଭେଦଭାବ ପୂର୍ଣ୍ଣ ଆଚରଣ ନକରି ସମସ୍ତଙ୍କୁ ଶ୍ରେଣୀଗୃହରେ ତଥା ବିଦ୍ୟାଳୟରେ ପଢ଼ିବା ଏବଂ ବଢ଼ିବା ପାଇଁ ଆବଶ୍ୟକ ସୁଯୋଗ ପ୍ରଦାନ କରିବା ଉଚିତ୍ ।

## ସ୍ନେହ ଓ ମମତା

ସ୍ନେହ ଓ ମମତା ପ୍ରଦର୍ଶନ ଦ୍ୱାରା ଶିଶୁ ଏବଂ ତା ସମ୍ପର୍କରେ ଆସୁଥିବା ବ୍ୟକ୍ତି ମଧ୍ୟରେ ବିଶ୍ୱାସ ଏବଂ ଆତ୍ମୀୟତାର ଏକ ମଧୁର ସମ୍ପର୍କ ଗଢ଼ି ଉଠେ । ନିଜକୁ ଅସୁରକ୍ଷିତ ମଣୁଥିବା ଶିଶୁଟି ପଢ଼ିବା କିମ୍ବା ବିକାଶର ଅନ୍ୟାନ୍ୟ ସୁଯୋଗକୁ ଉପଯୋଗ କରିବାରେ ଅସମର୍ଥ ହୁଏ । ଭୟ ଓ ହିଂସାର ବାତାବରଣ ମାଧ୍ୟମରେ କୌଣସି ଶିଶୁ ସ୍ୱାଭାବିକ ଜୀବନଯାପନ କରିପାରେ ନାହିଁ । ଏକ ସକରାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ପିଲା, ଅବିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ସ୍ନେହ ଓ ମମତାର ଯଥେଷ୍ଟ ଆବଶ୍ୟକତା ରହିଛି ।

## ଉତ୍ତମ ପରିବେଶ ସୃଷ୍ଟି ପାଇଁ ଉପାଦାନ:

- ସୁରକ୍ଷା ଏବଂ ସ୍ୱୀକୃତି ପ୍ରଦାନ
- ବୟସ୍କମାନଙ୍କ ଦ୍ୱାରା ଆଦର, ଯତ୍ନ ଏବଂ ସମ୍ମାନ
- ଶିଶୁକେନ୍ଦ୍ରିକ ସକରାତ୍ମକ ପରିବେଶ ନିର୍ମାଣ

**ଅଭ୍ୟାସ - ୧୪** | **ସମୟ- ୬୦ ମିନିଟ୍**

**ଉଦ୍ଦେଶ୍ୟ :** ଶିଶୁମାନଙ୍କ ଜୀବନର ସୁରକ୍ଷା ଏବଂ ସ୍ୱୀକୃତିର ଆବଶ୍ୟକତା ସମ୍ବନ୍ଧରେ ସଚେତନ କରିବା ।

**ସୂଚନା :** ଶିକ୍ଷାର୍ଥୀ/ନୀ ମାନଙ୍କୁ ବିଷୟବସ୍ତୁ ଉପରେ ନିଜ ଅଭିଜ୍ଞତାରୁ ବିଭିନ୍ନ ଉଦାହରଣ ପ୍ରସ୍ତୁତି କରିବାକୁ କହନ୍ତି । ଦୈନନ୍ଦିନ ଜୀବନରେ ମଧ୍ୟ ଏଥିପାଇଁ ଅନେକ ଉଦାହରଣ ସୁରକ୍ଷିତ ଏବଂ ଅସୁରକ୍ଷିତ ଶିଶୁର ଜୀବନଶୈଳୀ ଓ ବିକାଶ ପ୍ରକ୍ରିୟା ଉପରେ ଆଲୋକପାତ କରିବା ସହ ଅଲୋଡ଼ା ବା ହତାଦର ହେଉଥିବା ଶିଶୁଟିର ମନସ୍ତାତ୍ତ୍ୱିକ ଓ ଆବେଗିକ ଦିଗକୁ ଧ୍ୟାନ ଦିଅନ୍ତୁ । ଚର୍ଚ୍ଚା ମାଧ୍ୟମରେ ସମସ୍ତେ ଶିଶୁ ଜୀବନରେ ସୁରକ୍ଷା ଓ ସ୍ୱୀକୃତିର ଗୁରୁତ୍ୱକୁ ଉପଲବ୍ଧି କରିବା ଉଚିତ୍

**ଅଭ୍ୟାସ -୧୫** | **ସମୟ - ୬୦ ମିନିଟ୍**

**ଉଦ୍ଦେଶ୍ୟ :** ଶିକ୍ଷାର୍ଥୀ/ନୀ ମାନଙ୍କୁ ଜୀବନରେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ପଡୁଥିବା ପ୍ରଭାବ ସମ୍ବନ୍ଧରେ ସଚେତନ କରିବା ।



**ସୂଚନା :** ଶିକ୍ଷାର୍ଥୀ/ନୀମାନଙ୍କୁ ସେମାନଙ୍କ ଜୀବନରେ ପ୍ରଭାବ ପକାଉଥିବା ବ୍ୟକ୍ତିମାନଙ୍କ ବିଷୟରେ କିଛି ସମୟ ଭାବିବାକୁ କୁହନ୍ତୁ । କିଛି ବ୍ୟକ୍ତି ସେମାନଙ୍କୁ ବହୁତ ଆଦର ସମ୍ମାନ ଦେଇଥିବେ ଆଉ କିଛି ଅନେକ କଷ୍ଟ ବି ଦେଇଥାଇ ପାରନ୍ତି । ବିଭିନ୍ନ ବ୍ୟକ୍ତିଙ୍କ ପ୍ରତି ସେମାନଙ୍କ ଆଭିମୁଖ୍ୟର କାରଣଗୁଡ଼ିକ ଚିହ୍ନଟ କରିବାକୁ କୁହନ୍ତୁ । ଏହା ସତ୍ତ୍ୱେ ଯେ, ସେମାନଙ୍କୁ କ୍ଷତି ବା ଆଘାତ କରିଥିବା ବ୍ୟକ୍ତିଙ୍କ ପ୍ରତି ନକରାତ୍ମକ ମନୋଭାବ ପ୍ରକାଶ ପାଇବ । ସେମାନଙ୍କ ନିଜସ୍ୱ ଅନୁଭୂତିକୁ ଶିଶୁ ଜୀବନ ସହ ଯୋଡ଼ି ଭାବିବାକୁ କୁହନ୍ତୁ । ତାଙ୍କ ଭଳି ଶିଶୁମାନେ ମଧ୍ୟ ଜୀବନରେ ପଡୁଥିବା ଭଲ ପ୍ରଭାବ ଏବଂ ଅନୁଭୂତିଗୁଡ଼ିକୁ ତଥା ଏଥି ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ଅଧିକ ପସନ୍ଦ କରନ୍ତି । ଆଲୋଚନା ମାଧ୍ୟମରେ ଶିଶୁଙ୍କ ପ୍ରତି ପିତାମାତା, ପରିଜନ, ସାଙ୍ଗସାଥୀ ଏବଂ ଶିକ୍ଷକମାନଙ୍କ ସକରାତ୍ମକ ଭୂମିକା ଉପରେ ଗୁରୁତ୍ୱଆରୋପ କରନ୍ତି ।

**ଅଭ୍ୟାସ – ୧୬** | **ସମୟ – ୪୫ ମିନିଟ୍**

**ଉଦ୍ଦେଶ୍ୟ:** ସ୍ୱେଚ୍ଛାକୃତ ଅନୁଶାସନ ଓ ଗୁଣାତ୍ମକ ଶିକ୍ଷା ବିଷୟରେ ଶିକ୍ଷାର୍ଥୀ/ନୀନୀମାନଙ୍କୁ ସଚେତନ କରାଇବା ।

**ପଦ୍ଧତି :** ଚିନ୍ତନ ଓ ଅନୁଭୂତିର ଆଦାନପ୍ରଦାନ ।

ଜାତିସଂଘ ଶିଶୁ ଅଧିକାର ସଂହିତା ଧାରା ୨ ଅନୁସାରେ ପ୍ରତ୍ୟେକ ଶିଶୁ ବିନା କୌଣସି ଭେଦଭାବ ଦ୍ୱାରା ଘୋଷିତ ସମସ୍ତ ଅଧିକାରକୁ ସମାନ ଭାବରେ ଉପଭୋଗ କରିବା ଉଚିତ୍ ।

## ସକରାତ୍ମକ ଅନୁଭୂତି ପାଇଁ ବାତାବରଣ ନିର୍ମାଣ:

ଶିଶୁମାନେ ସେମାନଙ୍କର ଅନୁଭୂତି, ଜୀବନ, ସମସ୍ୟା ଉପରେ ମତାମତ ଏବଂ ନିଷ୍ପତ୍ତି ନେବା ପାଇଁ ସମର୍ଥ । ନିଜର ଦକ୍ଷତା ବୃଦ୍ଧି ପାଇଁ ଶିଶୁମାନେ ପଢ଼ିବା ଓ ବଢ଼ିବାର ସମସ୍ତ ସୁଯୋଗ ପାଇବା ଉଚିତ୍ । ବିଦ୍ୟାଳୟ ଶିଶୁମାନଙ୍କୁ ନିଜ ପରିବାର ବାହାରେ ଅନ୍ୟମାନଙ୍କ ସହ ସମ୍ପର୍କ ସୃଷ୍ଟି କରିବା ପାଇଁ ସୁଯୋଗ ଦିଏ । ସେମାନେ ଅନ୍ୟମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବା ଏବଂ ତାଳମେଳ ସୃଷ୍ଟି କରିବା ଶିଖନ୍ତି । ନିଜର ଆବଶ୍ୟକତା ଏବଂ ଚାହିଦାକୁ ଜଣାଇବା ସହ ଅନ୍ୟମାନଙ୍କର ଆବଶ୍ୟକତା ଏବଂ କଥାକୁ ଶୁଣିବା ଶିଖନ୍ତି । ଶିଶୁମାନେ ଭଲ ଅନୁଭୂତି ଲାଭ କଲେ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିବାର ସକରାତ୍ମକ ଯୋଗଦାନ ପାଇଁ ସମର୍ଥ ହୁଅନ୍ତି । ଏଭଳି ଅନୁଭୂତି ନିଜ ବିଷୟରେ ଏବଂ ଦୁନିଆ ବିଷୟରେ ଭଲ ଧାରଣା ସୃଷ୍ଟି କରିବାରେ ସାହାଯ୍ୟ କରେ । ଏଣୁ ପିଲାମାନଙ୍କ ସହ ହସ, କୌତୁକ ଖେଳିବା ଦ୍ୱାରା ଏକ ସୁସ୍ଥ ସମ୍ପର୍କ ଗଢ଼ିହୁଏ । ସେମାନଙ୍କ ଆବଶ୍ୟକତାକୁ ସମ୍ମାନ ଦେଲେ ଏକ ନିବିଡ଼ ସମ୍ପର୍କ ଗଢ଼ି ଉଠେ ।

## ବୟସ୍କ ଏବଂ ପିଲାମାନଙ୍କ ପାଇଁ ଭଲ ଭାବେ ଶୁଣିବାର ଆବଶ୍ୟକ ଅଛି :

ପ୍ରତ୍ୟେକ ଶିଶୁର ନିଜ କଥା ଜଣାଇବାର ଅଧିକାର ଅଛି । ଅର୍ଥାତ୍ ଶିଶୁଟିଏ କହିଲାବେଳେ ତାକୁ ଧ୍ୟାନ ଦେଇ ଶୁଣିବା ଉଚିତ୍ ଏବଂ ତାହା ସହ ମତ ବିନିମୟ କରିବା ଉଚିତ୍ । ଏଥି ସକାଶେ ବୟସ୍କମାନେ ଶିଶୁମାନଙ୍କ ପାଇଁ ସମୟ ବାହାର କରି ତାଙ୍କ ସହ ଖେଳିବା ଏବଂ ତାକୁ ଶୁଣିବା ଜରୁରୀ ଅଟେ । ଏହା ଦ୍ୱାରା ବୟସ୍କମାନେ ସେମାନଙ୍କୁ ସମ୍ମାନ ଦିଅନ୍ତି ବୋଲି ଶିଶୁମନରେ ଧାରଣା ଜାତ ହେବ । ଆମ କଥା କେହି ଧ୍ୟାନ ଦେଇ ଶୁଣୁଛି ଜାଣିଲେ ଶିଶୁମନରେ ସୁରକ୍ଷା ଏବଂ ଆତ୍ମସମ୍ମାନ ବୋଧ ଜାଗ୍ରତ ହୁଏ ।

## ଶିଶୁଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା

ଅଂଶଗ୍ରହଣ ଦ୍ୱାରା ଶିଶୁମାନେ ବିଚାର ବ୍ୟକ୍ତ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବାର ସୁଯୋଗ ପାଆନ୍ତି । ବିଭିନ୍ନ ନିୟମଗୁଡ଼ିକୁ ପାଳନ କରିବା ବା ଭାଙ୍ଗିବା ଦ୍ୱାରା ହେଉଥିବା ଲାଭ ବା କ୍ଷତି ବିଷୟରେ ଅବଗତ ହୁଅନ୍ତି । ବିକାଶ ସମୟରେ ଅଂଶଗ୍ରହଣ ଦ୍ୱାରା ନିଜର ବ୍ୟକ୍ତିତ୍ୱ ଏବଂ ପ୍ରତିଭାର ଉପଯୋଗ କଲାଭଳି କାର୍ଯ୍ୟଧାରା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଶିଶୁମାନେ ନିଷ୍ପତ୍ତି ନେବା ସମୟରେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ଯଥା :- ଠିକ୍, ଭୂଲ୍ କିମ୍ବା ଅନ୍ୟମାନଙ୍କ ଉପରେ ପଡୁଥିବା ପ୍ରଭାବ ଇତ୍ୟାଦି । ଏହାଦ୍ୱାରା ସେମାନେ ନିଷ୍ପତ୍ତିର ପରିଣାମ ଉପରେ ସଚେତନ ହେବା ସହ ଠିକ୍ ବାଟରେ ଯିବାକୁ ସମର୍ଥ ହୁଅନ୍ତି । ଶିକ୍ଷକମାନେ ମଧ୍ୟ ଶିଶୁମାନଙ୍କର ଭାବନା, ମତ ଏବଂ ବିଚାରକୁ ସମ୍ମାନ ଜଣାଇ ସେମାନଙ୍କୁ ଅଂଶଗ୍ରହଣ ପାଇଁ ସୁଯୋଗ ଦେବା ଉଚିତ୍ ।



## ଶିଶୁମାନଙ୍କର ବିକଶିତ ହେଉଥିବା ପ୍ରତିଭା ଉପରେ ଗୁରୁତ୍ୱ ଆରୋପ

ଶିଶୁ ପ୍ରତିଭା ନିରନ୍ତର ବୃଦ୍ଧି ପାଇଥାଏ । ଦକ୍ଷତାର ବୃଦ୍ଧି ସହ ଶିଶୁମାନେ ଅନ୍ୟର ଆଦେଶରେ ପରିଚାଳିତ ନ ହୋଇ ନିଜକୁ ସ୍ୱୟଂଚାଳିତ କରିପାରନ୍ତି । ସେମାନେ ନିଜ ପ୍ରତି ଦାୟିତ୍ୱକୁ ଧ୍ୟାନରେ ରଖି ସେମାନଙ୍କୁ ପ୍ରଭାବିତ କରୁଥିବା ବିଷୟ ସମ୍ପର୍କରେ ମତାମତ ରଖିବା ଉଚିତ୍ । ଅଂଶଗ୍ରହଣ ଦ୍ୱାରା ମତାମତ ଦେବା ସହଜ ହୁଏ । ସ୍ୱେଚ୍ଛାକୃତ ଅନୁଶାସନ ଶିଶୁମାନଙ୍କ ଦ୍ୱାରା ନିଜ ସମସ୍ୟାର ଚିହ୍ନଟ ଉପରେ ଗୁରୁତ୍ୱ ଆରୋପ କରେ । ଏଥିପାଇଁ ଖେଳ ଏବଂ ସହଭାଗିତାଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ପରିବେଶକୁ ଅଧିକ ସହାୟକ କରାଯାଇପାରେ । ଶିଶୁମାନଙ୍କ ପ୍ରତି ଆସ୍ଥା ପ୍ରକଟ । ସକରାତ୍ମକ ଭାବନା ଉପଯୁକ୍ତ ଅଂଶଗ୍ରହଣ ପାଇଁ ସୁଯୋଗ ଦିଏ ।

## ସହଭାଗିତା ପ୍ରବୃତ୍ତି ଏବଂ କାର୍ଯ୍ୟକ୍ରମର ବିକାଶ

ଜାତିସଂଘ ଘୋଷଣାନାମା ସବୁ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଭେଦଭାବର କିମ୍ବା ସାମାଜିକ ବାଛନ୍ଦର ଶିକାର ଶିଶୁମାନେ ଅଂଶଗ୍ରହଣରୁ ବଞ୍ଚିତ ହୁଅନ୍ତି । ଏହା ସେମାନଙ୍କର ପ୍ରତିଭା ଏବଂ ଦକ୍ଷତାକୁ ପ୍ରଭାବିତ କରେ । ସେମାନଙ୍କ ମନରେ ନକରାତ୍ମକ ଭାବନା ଜାଗ୍ରତ ହୁଏ ଏବଂ ସେମାନେ ନିଜକୁ ଏକ ପୃଥକ ଗୋଷ୍ଠୀ ଭାବେ ବିବେଚନା କରନ୍ତି । ଏହାର ପ୍ରତିକାର ନିମନ୍ତେ ଶିକ୍ଷକମାନେ କୌଣସି ଭେଦଭାବ ନରଖି ପିଲାମାନଙ୍କୁ ଶ୍ରେଣୀରେ ତଥା ଶ୍ରେଣୀ ବାହାରେ ହେଉଥିବା ସମସ୍ତ କାର୍ଯ୍ୟରେ ସାମିଲ୍ କରିବା ଆବଶ୍ୟକ । ପିଲାମାନଙ୍କୁ ଦକ୍ଷତା, ଜାତି, ଧର୍ମ, ବର୍ଣ୍ଣ କିମ୍ବା କୁଷ୍ଠ ଏବଂ ଏଚ୍.ଆଇ.ଭି. ଭଳି ବ୍ୟାଧିଗୁଡ଼ିକ ଆଧାରରେ ସାଙ୍ଗସାଥିଙ୍କ ପ୍ରତି ଖରାପ ବ୍ୟବହାର ନକରିବାକୁ ବୁଝାଇବା ଆବଶ୍ୟକ । ସବୁପିଲାଙ୍କ ମତାମତକୁ ଶିକ୍ଷକମାନଙ୍କ ଦ୍ୱାରା ଗୁରୁତ୍ୱ ଦିଆଗଲେ ଏହାର ପ୍ରଭାବ ଦ୍ୱାରା ଭେଦଭାବ ହ୍ରାସ ପାଇବ ।

## ନିୟମ ଏବଂ ମୂଲ୍ୟବୋଧ ସୃଷ୍ଟି କରିବା

- ଉତ୍ତମ ବ୍ୟବହାର ପାଇଁ ନିର୍ଦ୍ଦେଶ ଏବଂ ଉଦାହରଣ ।
- ପିଲାମାନଙ୍କଠାରୁ ଆଶା କରାଯାଉଥିବା ଆଚରଣ ସମ୍ବନ୍ଧରେ ସୂଚନା
- ନିୟମ ସପକ୍ଷରେ ତର୍କ ଏବଂ ଭଲ ଫଳର ପରିଣାମ ନିୟମ ପାଳନ ପାଇଁ ଛାତ୍ରଛାତ୍ରୀଙ୍କୁ ସହାୟତା, ପିଲାଙ୍କ ସ୍ୱତନ୍ତ୍ର ଭାବନା, ଆଦର ଏବଂ ସମ୍ମାନ ।
- ଆଲୋଚନା ମାଧ୍ୟମରେ ନିୟମଗୁଡ଼ିକର ସ୍ୱୀକୃତି ଏବଂ ପାଳନ ।

ବିଦ୍ୟାଳୟ ପରିବେଶରେ ଏକ ସକରାତ୍ମକ ପରିବର୍ତ୍ତନ ପାଇଁ ପିଲାମାନଙ୍କୁ ବିଭିନ୍ନ ନିୟମ ପାଳନ ଦ୍ୱାରା ମିଳୁଥିବା ଲାଭ ଏବଂ ସେଗୁଡ଼ିକ ଭଲଫଳ ଦ୍ୱାରା କ୍ଷତି ସମ୍ପର୍କରେ ବୁଝାନ୍ତି । ନଳକୂପ ଠାରେ ଭିଡ଼ଥିଲେ କଳିନଲାଗି ଜଣକ ପରେ ଜଣେ ଧାଡ଼ିରେ ଆସି ଏହାର ବ୍ୟବହାର କରିବା ଦ୍ୱାରା ପିଲାମାନେ କଳି ରୋକିବାରେ ଶୃଙ୍ଖଳାର ଭୂମିକାକୁ ବୁଝିପାରିବେ । ସେମାନଙ୍କ ମନରେ ଦାୟିତ୍ୱବୋଧ ଜାତହେବା ସହ ସେମାନେ ସ୍ୱୟଂ ନିଜକୁ ନିୟନ୍ତ୍ରିତ କରିବା ଶିଖିବେ ।

## ଉପାଦେୟ କାର୍ଯ୍ୟକ୍ରମ ଏବଂ ସୁଯୋଗ ଦ୍ୱାରା ବାତାବରଣ ନିର୍ମାଣ

ଏହାଦ୍ୱାରା ପିଲାମାନେ ନିଜର ରୁଚି ଏବଂ ଦକ୍ଷତା ଅନୁସାରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ । ଏଥିପାଇଁ ଅଭିନୟ, ବୌଦ୍ଧିକ ପ୍ରତିଯୋଗିତା, ଚିତ୍ରାଙ୍କନ, ଖେଳ ତଥା ଅନ୍ୟାନ୍ୟ ସୃଜନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରେ । ନିଜର ଇଚ୍ଛାମତେ ଯେ କୌଣସି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ପିଲାମାନେ ସୁଯୋଗ ପାଇବା ଉଚିତ୍ । ପ୍ରଧାନ ଶିକ୍ଷକ ତଥା ବିଭିନ୍ନ ସହଯୋଗୀ ଗୋଷ୍ଠୀ ସବୁପ୍ରକାର ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ପାଇଁ ଯତ୍ନ ନେବା ଉଚିତ୍ । ଭାଙ୍ଗି ଯାଉଥିବା ଜିନିଷର ମରାମତି ଯଥା ନୂତନ ସାମଗ୍ରୀ କ୍ରୟ ଦ୍ୱାରା ଆବଶ୍ୟକତାଗୁଡ଼ିକୁ ପୂରଣ କରାଯାଇପାରେ ।



## ସହଭାଗୀ କାର୍ଯ୍ୟକ୍ରମ - ଶିଶୁ ଏବଂ ବୟସ୍କଙ୍କ ଦ୍ୱାରା ସକ୍ରିୟ ଅଂଶ ଗ୍ରହଣ

### ଶିକ୍ଷକଙ୍କ କର୍ତ୍ତବ୍ୟ:

ଆମେ ପିଲା ଏବଂ ବିଦ୍ୟାଳୟ ପ୍ରତି ନିଜର ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ସଚେତନ ହେବା ଉଚିତ୍ । ଶିକ୍ଷକ ଏବଂ ଶିଶୁମାନଙ୍କ ମଧ୍ୟରେ ସମ୍ପର୍କକୁ ବୁଝିବା ଆବଶ୍ୟକ । ସମୟ ନଥିବା ଆଳରେ ଶିଶୁଙ୍କ ପ୍ରତି ଧ୍ୟାନ ନଦେବା କିମ୍ବା ସେମାନଙ୍କ କଥା ନଶୁଣିବା ଅନୁଚିତ୍ । ବରଂ ଶିକ୍ଷକମାନେ ଶିଶୁମାନଙ୍କର ପ୍ରତିଭା ଓ ଦକ୍ଷତା ବୃଦ୍ଧି ପାଇଁ ଅଧିକ ଯତ୍ନବାନ୍ ହେବା ସହ ଯଥେଷ୍ଟ ସମୟ ବିନିଯୋଗ କରିବା ଆବଶ୍ୟକ ।

### ଶିଶୁଙ୍କ କର୍ତ୍ତବ୍ୟ:

ଶିଶୁମାନେ ନିଜକୁ ସୁରକ୍ଷିତ ମଣିବା ସହ ପ୍ରତ୍ୟେକ କାର୍ଯ୍ୟରେ ସକ୍ରିୟ ଭାଗିଦାରୀ ପାଇଁ ଆଗ୍ରହୀ ହେବା ଉଚିତ୍ । କିଛି ଶିଶୁ କୌଣସି ଏକ ଦୁଃର୍ଭାବନାଗ୍ରସ୍ତ ହୋଇ ନିଜକୁ ଅଲଗା ରଖିବା ପାଇଁ ଚେଷ୍ଟା କରି ପାରନ୍ତି । ସାଧାରଣତଃ ଝିଅ ଏବଂ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଅନ୍ୟ ସହ ସହଜରେ ଚଳିପାରନ୍ତି ନାହିଁ। କିନ୍ତୁ ସେମାନେ ଏଭଳି ଭାବନାରୁ ମୁକ୍ତ ହେବା ଉଚିତ୍ । ଶିକ୍ଷକ ଏଥିପାଇଁ ବିଭିନ୍ନ ମାର୍ଗରେ ସାହାଯ୍ୟ କରିବା ଆବଶ୍ୟକ । ପ୍ରତ୍ୟେକ ଶିଶୁ ବିଭିନ୍ନ କାରଣରୁ ଶିଖିବା ଏବଂ ବଢ଼ିବା ପ୍ରକ୍ରିୟାରେ ଶିକ୍ଷକଙ୍କ ଠାରୁ ସ୍ୱତନ୍ତ୍ର ସହାୟତା ଲୋଡ଼ନ୍ତି, ଯାହା ଯୋଗାଇଦେବା ଆବଶ୍ୟକ ।

### ମୁଖ୍ୟ ପ୍ରସଙ୍ଗ

ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ଆବଶ୍ୟକୀୟ ଉପାଦାନ

(ନିୟମ ଏବଂ ମୂଲ୍ୟବୋଧ ସୃଷ୍ଟି କରିବାରୁ.... )

### ସ୍ୱେଚ୍ଛାକୃତ ଅନୁଶାସନ ଶିଶୁଙ୍କୁ ନିମ୍ନଲିଖିତ ବିଷୟଗୁଡ଼ିକୁ ବୁଝିବାରେ ସାହାଯ୍ୟ କରେ

- ସେମାନଙ୍କ ପାଇଁ ମୁଖ୍ୟ ଆବଶ୍ୟକ କ'ଣ ?
- ସେମାନଙ୍କ ଦ୍ୱାରା ହେଉଥିବା ଭୁଲର ଚିହ୍ନଟ ଏବଂ ସୁଧାରିବାର ବାଟ ।
- ଭୂଲ୍ ନ କରିବା ପାଇଁ ଏବଂ ଆଚରଣଗତ ସଫଳତା ପାଇଁ ସୂଚନା ।
- ସମସ୍ୟାର ସମାଧାନ ପାଇଁ ସ୍ୱୟଂ ନିଷ୍ପତ୍ତି ଗ୍ରହଣ କରିବା ।
- ସହମତିଭିତ୍ତିରେ ଅନୁଶାସନ ପାଇଁ ନିୟମ ସୃଷ୍ଟି ଏବଂ ସେସବୁର ପାଳନ କରିବା ।

### ଏଥିପାଇଁ ଆବଶ୍ୟକ ପଦକ୍ଷେପ:

- ଶିକ୍ଷକମାନେ ପିଲାଙ୍କ ପ୍ରତି ମନୋଭାବ ଏବଂ ଆଚରଣକୁ ସମୀକ୍ଷା କରି ସେଥିରେ କୌଣସି ତୃଟି ଥିଲେ ସୁଧାରିବା ଆବଶ୍ୟକ ।
- ପିଲାଙ୍କୁ ନିଜର ମତାମତ ବ୍ୟକ୍ତ କରିବାର ଅଧିକାର ଦେବା ସହ ନିୟମ ପ୍ରଣୟନ ଏବଂ ଏଗୁଡ଼ିକର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ ।
- ଗ୍ରାମ ଶିକ୍ଷା ସମିତି, ଗ୍ରାମ ପରିଚାଳନା ସମିତି, ଅବିଭାବକ ଶିକ୍ଷକ ସଂଘଗୁଡ଼ିକର ସକ୍ରିୟ ସହଭାଗିତା ଦ୍ୱାରା ବିଦ୍ୟାଳୟର ପରିବେଶକୁ ପିଲାମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ କରାଇବା, ସେମାନଙ୍କର ପ୍ରତିଭାର ବିକାଶ ପାଇଁ ସବୁ ପ୍ରକାର ସାହାଯ୍ୟ ଯୋଗାଇଦେବା ଆବଶ୍ୟକ ।

### ଶିଶୁଙ୍କ ସହଭାଗିତା ସ୍ୱେଚ୍ଛାକୃତ ଅନୁଶାସନର ମୂଳଦୁଆ

ସେମାନଙ୍କୁ ବିକଳ୍ପ ବିଷୟରେ ଚିନ୍ତା କରିବା ଏବଂ ସଠିକ୍ ନିର୍ଣ୍ଣୟ କରିବା ପାଇଁ ସହଯୋଗ କରିବା । ସେମାନଙ୍କୁ ତର୍କ ଏବଂ ଆଲୋଚନା



ମାଧ୍ୟମରେ ସମାଧାନ ପାଇଁ ଦକ୍ଷତା ସୃଷ୍ଟି କରିବା । ସେମାନଙ୍କୁ ସମ୍ମାନ ଏବଂ ଗୁରୁତ୍ୱ ଦେବା ସହ ନିଷ୍ପତ୍ତି ଗ୍ରହଣର ଦାୟିତ୍ୱ ଦେଲେ ସେମାନଙ୍କ ଆତ୍ମବିଶ୍ୱାସ ଏବଂ ଆତ୍ମସମ୍ମାନ ବୃଦ୍ଧି ପାଇବ । ସେମାନେ ନିଜେ ନିଷ୍ପତ୍ତି ନେଉଥିବାରୁ ନିଷ୍ପତ୍ତିଗୁଡ଼ିକୁ ସଫଳ ଭାବେ କାର୍ଯକାରୀ କରିବା ସହଜ ହେବ ।

**ଅଭ୍ୟାସ - ୧୭** **ସମୟ - ୪୦ମିନିଟ୍**

**ଉଦ୍ଦେଶ୍ୟ -: ଶିକ୍ଷାର୍ଥୀ/ନୀ ମାନଙ୍କୁ ଭେଦଭାବପୂର୍ଣ୍ଣ ଆଚରଣ ବିଷୟରେ ସଚେତନ କରିବା ।**

**ସୂଚନା -:** ଶିକ୍ଷାର୍ଥୀ/ନୀମାନଙ୍କୁ ଆଖି ବନ୍ଦ କରି ନିଜେ ଅନୁଭବ କରିଥିବା ବା ଜାଣିଥିବା ଭେଦଭାବପୂର୍ଣ୍ଣ ଘଟଣାଗୁଡ଼ିକ ମନେ ପକାଇବାକୁ କହନ୍ତୁ। ଶିଶୁ ଜୀବନରେ ବିଶେଷ କରି ଶ୍ରେଣୀଗୃହ ଓ ବିଦ୍ୟାଳୟରେ ଘଟୁଥିବା ସେପରି ଘଟଣାଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେବାକୁ କହନ୍ତୁ । ପଚାରି ବୁଝନ୍ତୁ ଏପରି କୌଣସି ଶିଶୁ ସମୁଦାୟ ବିଷୟରେ ଜାଣିଛନ୍ତି କି ? ଯେଉଁମାନେ ଅନ୍ୟମାନଙ୍କ ପରି ଅଂଶଗ୍ରହଣ ପାଇଁ ସମାନ ସୁଯୋଗ ପାଉ ନଥିଲେ । ନିମ୍ନଲିଖିତ ପ୍ରଶ୍ନ ପଚାରନ୍ତୁ -

କ) ଅନ୍ୟ ପିଲାମାନେ ସେମାନେ କିପରି ବ୍ୟବହାର କରନ୍ତି ?

ଖ) ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଆପଣ କ'ଣ ପଦକ୍ଷେପ ନେବେ ?

ଯଦି ପଦକ୍ଷେପ ନ ନିଆଯାଏ ତା'ହେଲେ କେତେକ ଶିଶୁ ସବୁଦିନ ଅଂଶଗ୍ରହଣରୁ ବାଦ୍ ପଡ଼ିଯିବେ ଏବଂ ତାଙ୍କ ଉପରେ ଏହାର କୁପ୍ରଭାବଗୁଡ଼ିକ ଭଲ ଭାବେ ଆଲୋଚନା କରାନ୍ତୁ । ଏପରି ପରିସ୍ଥିତିର ସମାଧାନ ପାଇଁ ଅତିକମ୍‌ରେ ୩୦ଟି ପନ୍ଥା ବା ପଦକ୍ଷେପ ଚିହ୍ନଟ କରିବାକୁ କହନ୍ତୁ ।

**ଅଭ୍ୟାସ - ୧୮** **ସମୟ - ୬୦ମିନିଟ୍**

**ଉଦ୍ଦେଶ୍ୟ : ଶିକ୍ଷାର୍ଥୀ/ନୀମାନେ ପିଲାମାନଙ୍କ ସହଭାଗିତାର ଦିଗ ବିଷୟରେ ଅବଗତ ହେବେ ।**

**ସୂଚନା:** ୪ରୁ ୫ଜଣ ଶିକ୍ଷାର୍ଥୀ/ନୀଙ୍କୁ ନେଇ କେତୋଟି ଦଳ ଗଠନ କରନ୍ତୁ । ବର୍ତ୍ତମାନ ବିଦ୍ୟାଳୟ, ଶ୍ରେଣୀଗୃହ, ବ୍ୟକ୍ତିଗତ ଆଭିମୁଖ୍ୟ, ଆଚରଣ ଇତ୍ୟାଦିରେ ଶିଶୁଙ୍କୁ ନେଇ ଉପୁଜୁଥିବା ସମସ୍ୟାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ପ୍ରତ୍ୟେକ ଦଳକୁ ଦୁଇଟି ସମସ୍ୟାର ବିଶ୍ଳେଷଣ କରି ସମାଧାନ ବାହାର କରିବାକୁ କହନ୍ତୁ । ନିମ୍ନଲିଖିତ ତିନୋଟି ପ୍ରସଙ୍ଗ କିପରି ସବୁ ସମସ୍ୟା ଆଲୋଚନା କଲାବେଳେ କାମରେ ଲାଗିପାରେ ବୁଝାନ୍ତୁ । ଏହି ପ୍ରସଙ୍ଗଗୁଡ଼ିକ ସହ ଶିଶୁ ଓ ବୟସ୍କମାନଙ୍କ ସଂପୃକ୍ତିକୁ ଆଲୋଚନା କରନ୍ତୁ ।

**ପ୍ରସଙ୍ଗ**

କ) ପିଲାଙ୍କ ସହଭାଗିତା ବୃଦ୍ଧି କରିବା ସହ ସେମାନଙ୍କ ବିକାଶ ଓ ଦକ୍ଷତା ବୃଦ୍ଧିରେ ଏହାର ଗୁରୁତ୍ୱକୁ ବୁଝିବା ।

ଖ) ବୟସ୍କମାନେ ଶିଶୁଙ୍କୁ କିପରି ସହଯୋଗ କରିବା ଉଚିତ୍ ଏବଂ ଏହାର ଆବଶ୍ୟକତା କାହିଁକି ?

ଗ) କୌଣସି ବିଷୟ ଉପରେ ମତବ୍ୟକ୍ତ କଲାବେଳେ ବା ସମାଧାନ ଖୋଜିବା ସମୟରେ ବୟସ୍କମାନେ ଶିଶୁର ଦୃଷ୍ଟିକୋଣ ଏବଂ ସମ୍ବେଦନଶୀଳତାକୁ କାହିଁକି ଧ୍ୟାନ ଦେବା ଆବଶ୍ୟକ ।

ଶିକ୍ଷାର୍ଥୀ/ନୀମାନଙ୍କୁ ପ୍ରତ୍ୟେକ ସମସ୍ୟାର ଉତ୍ତରଗୁଡ଼ିକୁ ଫ୍ଲିପ୍ ଚାର୍ଟରେ ଲେଖିବାକୁ କହନ୍ତୁ । ଶେଷରେ ସବୁ ଦଳକୁ ନିଜର ମତାମତ ଉପସ୍ଥାପନ କରି ଆଲୋଚନା କରିବାକୁ କହନ୍ତୁ । ସେମାନେ ଯେପରି ତିନୋଟି ମୁଖ୍ୟ ପ୍ରସଙ୍ଗଗୁଡ଼ିକୁ ଭଲଭାବେ ବୁଝିପାରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।



**ଅଭ୍ୟାସ - ୧୯**

**ସମୟ - ୬୦ମିନିଟ୍**

**ଉଦ୍ଦେଶ୍ୟ : ସ୍ୱେଚ୍ଛାକୃତ ଅନୁଶାସନ ସମ୍ବନ୍ଧରେ ଶିକ୍ଷାର୍ଥୀ/ନୀମାନଙ୍କୁ ସଚେତନ କରିବା**

**ସୂଚନା :** ଶିକ୍ଷାର୍ଥୀ/ନୀମାନଙ୍କୁ ଛୋଟ ଦଳରେ ବିଭକ୍ତ କରି କହନ୍ତୁ "ଗତ ଆଲୋଚନାଗୁଡିକ ନିଜ ମତାମତ ଦେଇଥିବାରୁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି । ଆସନ୍ତୁ ପୁଣିଥରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଉପୁଜିଥିବା ସମସ୍ୟାଗୁଡ଼ିକୁ ମନେ ପକାଇବା । ପ୍ରତ୍ୟେକ ଦଳ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମଧ୍ୟରେ ଥିବା ପାଞ୍ଚଟି ଭଲ ଅନୁଭବ ଓ ପାଞ୍ଚଟି ସମସ୍ୟାକୁ ଚିହ୍ନଟ କରି ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଉଦାହରଣ ସ୍ୱରୂପ ଜଣେ ଛାତ୍ର ଗୃହକାର୍ଯ୍ୟ (ହୋମ୍‌ୱାର୍କ) ଠିକ୍ ଭାବେ କରୁଥିବାରୁ ଶିକ୍ଷକଙ୍କ ଦ୍ୱାରା ପ୍ରଶଂସିତ ହୋଇପାରେ କିମ୍ବା ଅନ୍ୟ ଉପରେ କାଳି ଫିଙ୍ଗି ଥିବାରୁ ଆଉ ଜଣେ ଛାତ୍ର ଶିକ୍ଷକଙ୍କ ଦ୍ୱାରା ଦଣ୍ଡିତ ହୋଇପାରେ । ଆସନ୍ତା ୨୦ ମିନିଟ୍‌ରେ ଆପଣମାନେ ଦଳ ଭିତରେ ଆଲୋଚନା କରି ତାଲିକା ପ୍ରସ୍ତୁତ କରିବାକୁ ଶିକ୍ଷାର୍ଥୀ/ନୀମାନଙ୍କୁ କହନ୍ତୁ । ପ୍ରତ୍ୟେକ ଦଳ ତାଲିକା ଉପସ୍ଥାପନା କଲାବେଳେ ସ୍ୱେଚ୍ଛାକୃତ ଅନୁଶାସନ ସମ୍ବନ୍ଧରେ ଉଦାହରଣଗୁଡ଼ିକ ଫ୍ଲିପ୍ ଚାର୍ଟରେ ଲେଖନ୍ତୁ । ଏହାପରେ ଶିକ୍ଷାର୍ଥୀ/ନୀମାନଙ୍କୁ ନିମ୍ନଲିଖିତ ତିନୋଟି ପ୍ରଶ୍ନ ପଚାରନ୍ତୁ -

କ) ସକାରାତ୍ମକ ଘଟଣାଗୁଡ଼ିକରେ ପିଲାଙ୍କ ଅନୁଭୂତି କିପରି ଥିଲା ?

ଖ) ଶିକ୍ଷକମାନେ ନକରାତ୍ମକ ଘଟଣାଗୁଡ଼ିକୁ ଆଉ ଭଲ ଭାବରେ କିପରି ସମାଧାନ କରିପାରନ୍ତେ ?

ଗ) ପିଲାମାନେ ନକରାତ୍ମକ ଘଟଣାଗୁଡ଼ିକୁ ପ୍ରତିରୋଧ ବା ସମାଧାନ କରିବାରେ କ'ଣ ଭୂମିକା ଗ୍ରହଣ କରି ପାରିବେ ?

ପ୍ରତ୍ୟେକ ଦଳକୁ ପ୍ରଶ୍ନଗୁଡ଼ିକ ଉପରେ ଦଶମିନିଟ୍ ଆଲୋଚନା କରିବାକୁ କୁହନ୍ତୁ । ଦଳଗତ ଉପସ୍ଥାପନା ସମୟରେ ଅନୁଶାସନ ସୁଦୃଢ଼ କରିବାରେ ଶିଶୁମାନଙ୍କ ଭୂମିକା ଏବଂ ଭଲ ଉଦାହରଣ ସୃଷ୍ଟି ଦ୍ୱାରା ସେମାନେ ପାଉଥିବା ଆନନ୍ଦ, ଆତ୍ମବିଶ୍ୱାସ ଓ ପ୍ରୋତ୍ସାହନଗୁଡ଼ିକୁ ଫ୍ଲିପ୍‌ଚାର୍ଟରେ ଲେଖନ୍ତୁ । ଏପରି କହି ଆଲୋଚନା ଶେଷ କରନ୍ତୁ "ସମସ୍ୟାର ସମାଧାନ କଲାବେଳେ ଶିଶୁମାନଙ୍କ ଉପରେ ନକାରାତ୍ମକ ପ୍ରଭାବକୁ ଏଡ଼ାଇବାର ବାଟ ଅଛି । କିଛି ପଦକ୍ଷେପ ଶିଶୁମନରେ ଅନୁଶାସନ ପ୍ରତି ଆଦର ଏବଂ ପ୍ରତିବଦ୍ଧତା ସୃଷ୍ଟି କରିପାରେ । ସ୍ୱେଚ୍ଛାକୃତ ଅନୁଶାସନ ସଂସ୍କୃତି ଶିଶୁମାନଙ୍କୁ ଅଧିକ ଉତ୍ତରଦାୟୀ ହେବା ପାଇଁ ସୁଯୋଗ ଦେବା ସହ ନିୟମ ପାଳନ ପାଇଁ ପ୍ରେରଣା ଯୋଗାଏ ।

## ସ୍ୱେଚ୍ଛାକୃତ ଅନୁଶାସନର ଉପାଦାନ

**ଅଭ୍ୟାସ - ୨୦**

**ସମୟ -୩୦ମିନିଟ୍**

**ଉଦ୍ଦେଶ୍ୟ : ଶିକ୍ଷାର୍ଥୀ/ନୀମାନେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ସମ୍ପର୍କକୁ ସୁଦୃଢ଼ କରିବା ଦ୍ୱାରା ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ବିଷୟରେ ଅବଗତ ହେବେ ।**

**ସୂଚନା:** ଛାତ୍ର ଏବଂ ଶିକ୍ଷକଙ୍କ ଭିତରେ ଥିବା ସମ୍ପର୍କକୁ ଆଲୋଚନା କରିବା ପାଇଁ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରନ୍ତୁ ।

- ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ନେଇ ଦଳଗତ କାର୍ଯ୍ୟ ଆୟୋଜନ କରିବା ଉଚିତ୍ ।
- ଶିକ୍ଷକମାନେ ପର୍ଯ୍ୟାୟକ୍ରମେ ବିଭିନ୍ନ ଦଳରେ ନିଜକୁ ସାମିଲ୍ କରି ସବୁ ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ଗଢ଼ିବା ଉଚିତ୍ । ଗଛ ଲଗାଇବା, ଅଭିନୟ କରିବା, କୁଇଜ୍ ବା କମିକ୍ ପ୍ରତିଯୋଗିତାର ଆୟୋଜନ କରିବା ଏବଂ ଏପରି ବିଭିନ୍ନ କାର୍ଯ୍ୟକ୍ରମରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟ କଥା ବୃଦ୍ଧି କରାଯାଇପାରେ ।
- ବେଳେ ବେଳେ ଛାତ୍ରଛାତ୍ରୀଙ୍କୁ ଶିକ୍ଷକଙ୍କ ଭୂମିକାରେ ଅଭିନୟ କରିବାକୁ ଉତ୍ସାହିତ କରାଯାଇପାରେ । ଛାତ୍ରଛାତ୍ରୀମାନେ ଶ୍ରେଣୀରେ ପଢ଼ାଇଲା ବେଳେ ଶିକ୍ଷକମାନେ ଛାତ୍ରଙ୍କ ଭୂମିକା ଗ୍ରହଣ କଲେ ସମ୍ବନ୍ଧ ସୁଦୃଢ଼ ହୁଏ ।



● ଶିକ୍ଷକ ନିଜେ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ନାମ ଡାକି ସେଦିନ ସେମାନଙ୍କ ଉପସ୍ଥିତି ଲିପିବଦ୍ଧ ନକରି ଛାତ୍ରଛାତ୍ରୀଙ୍କୁ ଏପରି କରିବାର ସୁଯୋଗ ଦେବା ଉଚିତ୍ । କିଛି ସ୍ୱତନ୍ତ୍ର ଆଲୋଚନାର ଆୟୋଜନ କରି ଶିକ୍ଷକମାନେ ପାଠ୍ୟ ବିଷୟବସ୍ତୁ ବାହାରେ ଥିବା ଅନେକ ରୁଚିକର ପ୍ରସଙ୍ଗ ଯଥା ବର୍ତ୍ତମାନ ଘଟୁଥିବା କିଛି ବିଶେଷ ଘଟଣା, ପିଲାମାନଙ୍କ ମନଲାଖି ଖାଦ୍ୟ, ସିନେମା, ସେମାନଙ୍କ ମହତ୍ ଆକାଂକ୍ଷା ଇତ୍ୟାଦି ଉପରେ ଚର୍ଚ୍ଚା କଲେ ସମ୍ବନ୍ଧରେ ଉନ୍ନତି ଅଣାଯାଇପାରେ ।

● ବିଦ୍ୟାଳୟ ପରିଚାଳନାରେ ପିଲାଙ୍କୁ ସାମିଲ୍ କରି ସେମାନଙ୍କର ଯୁକ୍ତିଯୁକ୍ତ ମତାମତକୁ ଗ୍ରହଣ କଲେ ସେମାନେ ନିଜକୁ ଉତ୍ତରଦାୟୀ ମନେ କରନ୍ତି ତଥା ଅନୁଶାସନ ବଜାୟ ରଖିବାରେ ସହାୟ ହୁଅନ୍ତି ।

**ଅଭ୍ୟାସ - ୨୧** **ସମୟ -୪୫ମିନିଟ୍**

**ଉଦ୍ଦେଶ୍ୟ : ଶିକ୍ଷାର୍ଥୀ/ନୀମାନେ ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ନିୟମ ପ୍ରଣୟନ କରିବାର ବିଭିନ୍ନ ପଦ୍ଧତି ବିଷୟରେ ଅବଗତ ହେବେ ।**

**ସୂଚନା :** ପ୍ରଶିକ୍ଷକ ଏପରି କହି ଆଲୋଚନା ଆରମ୍ଭ କରିପାରନ୍ତି ଯଥା :- "ବିଦ୍ୟାଳୟରେ ଘଟୁଥିବା ଏପରି କିଛି ଘଟଣା ବା ବ୍ୟବହାର ମନେପକାନ୍ତୁ, ଯେଉଁଥିରେ ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ଅନୁଶାସନମୂଳକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ପଡ଼େ । ଶିକ୍ଷାର୍ଥୀ/ନୀମାନେ କହୁଥିବା ଉଦାହରଣଗୁଡ଼ିକ ଫ୍ଲିପ୍‌ଚାର୍ଟରେ ଲେଖନ୍ତୁ ।

**ନମୁନା :**

- ଗୋଟିଏ ଶିଶୁ ଅନ୍ୟକୁ ଠେଲି ପକାଇ ଦେବା,
- ଗାଳିଗୁଲଜ କରିବା,
- ମାଡ଼ଗୋଳ ଲାଗିବା,
- ଧାଡ଼ି ଭାଙ୍ଗିବା ଏବଂ ଜବରଦସ୍ତି ଆଗକୁ ଯାଇ ସୁବିଧା ହାସଲ କରିବା,
- ଘରେ କରିବା ପାଇଁ ଦିଆଯାଇଥିବା ପଢ଼ାକାର୍ଯ୍ୟ ନକରିବା,
- ୟୁନିଫର୍ମ ନ ପିନ୍ଧି ସ୍କୁଲ୍‌କୁ ଆସିବା,

● ଶିକ୍ଷାର୍ଥୀ/ନୀମାନଙ୍କୁ ଚିହ୍ନଟ କରୁଥିବା ଉଦାହରଣଗୁଡ଼ିକୁ ଆଲୋଚନା କରି ଏହାର ସକରାତ୍ମକ ସମାଧାନ ବାହାର କରିବା ପାଇଁ କୁହନ୍ତୁ, ଏହି ସମାଧାନଗୁଡ଼ିକ ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ବେଶ୍ ସହାୟକ ହୋଇପାରିବ ।

**ଅଭ୍ୟାସ - ୨୨** **ସମୟ -୪୫ମିନିଟ୍**

**ଉଦ୍ଦେଶ୍ୟ : ଶିକ୍ଷାର୍ଥୀ/ନୀମାନେ ସ୍ୱେଚ୍ଛାକୃତ ଅନୁଶାସନ ପ୍ରତିଷ୍ଠା ପାଇଁ ଅଭିନବ ଉପାୟଗୁଡ଼ିକ ବିଷୟରେ ଅବଗତ ହେବେ ।**

**ସୂଚନା :** ପ୍ରଶିକ୍ଷକ ଏପରି କହି ଆଲୋଚନା ଆରମ୍ଭ କରିପାରନ୍ତି ଯଥା :- "ମୁଁ ବର୍ତ୍ତମାନ ପିଲାମାନଙ୍କ ମନରେ ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ଆଗ୍ରହ ସୃଷ୍ଟି କରିବାରେ ସହାୟକ ହେବା ଭଳି କିଛି ଅଭିନବ ପଦ୍ଧତି ବିଷୟରେ ଆଲୋଚନା କରିବି । ଉଦାହରଣ ସ୍ୱରୂପ - ଶିକ୍ଷକ ଅନୁଶାସନ ମାନି ଚଳୁଥିବା ଶ୍ରେଣୀ ପାଇଁ ଏକ ପୁରସ୍କାର ଘୋଷଣା କରିପାରନ୍ତି । ଯେଉଁ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅନୁଶାସନ ସମ୍ବନ୍ଧୀୟ ସବୁ ନିୟମକାନୁନ୍ ମାନି ଚଳିବେ ସେମାନଙ୍କୁ ଏହି ପୁରସ୍କାର ଦିଆଯିବ । ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ସେହି ନିୟମ ତିଆରି କରିବା ପାଇଁ କହିବା ଉଚିତ୍ । ନିମ୍ନଲିଖିତ କେତୋଟି ସମସ୍ୟା ଉପରେ ଛାତ୍ରଛାତ୍ରୀମାନେ ନିଜେ ନିୟମ ସୃଷ୍ଟି କରି ଏହାର ପାଳନ ପାଇଁ ସମସ୍ତଙ୍କୁ ଅନୁରୋଧ କରିବା ଉଚିତ୍ ।



**ନିୟମ:**

- ଜଣେ ଆଉ ଜଣଙ୍କୁ ଠେଲିବା ବା ଆଘାତ ଦେବା ଉଚିତ୍ ନୁହେଁ ।
- ଗାଳି ଦେବା କିମ୍ୱା ଖରାପ ଭାଷା ବ୍ୟବହାର କରିବା ଅନୁଚିତ୍ ।
- ଧାଡ଼ି ଭାଙ୍ଗିବା ଅନୁଚିତ୍ ।
- ବିଦ୍ୟାଳୟକୁ ୟୁନିଫର୍ମ ପିନ୍ଧି ଆସିବା ଉଚିତ୍ ।

ଛାତ୍ରଛାତ୍ରୀମାନେ ଅନ୍ୟ ପ୍ରାସଙ୍ଗିକ ବିଷୟକୁ ନେଇ ଅଧିକ ନିୟମ ସୃଷ୍ଟି କରି ପାରନ୍ତି । ଚୂଡ଼ାନ୍ତ ହେବା ପରେ ବିଦ୍ୟାଳୟର ସବୁ ଛାତ୍ରଛାତ୍ରୀଙ୍କୁ ଏ ବିଷୟରେ ଯଥେଷ୍ଟ ସୂଚନା ଦିଆଯିବା ଉଚିତ୍ । ପ୍ରତ୍ୟେକ ଶ୍ରେଣୀଗୃହରେ ଘୋଷଣା କରିବା ଦ୍ୱାରା ସମସ୍ତେ ସହଜରେ ଜାଣିପାରିବେ । ପ୍ରତିଯୋଗିତାର ଅବଧି ୨ରୁ ୪ ସପ୍ତାହ ହୋଇପାରେ । ସେହି ସମୟ ଭିତରେ ପିଲାମାନେ ଅନୁଶାସନ ଭଙ୍ଗ କଲେ ଶ୍ରେଣୀ ଅନୁଯାୟୀ ଏହାର ତାଲିକା କରାଯିବ । ଯେଉଁ ଶ୍ରେଣୀ ସମୟ ଶେଷ ହେବା ପର୍ଯ୍ୟନ୍ତ ନିୟମ ଭାଙ୍ଗି ନଥିବ କିମ୍ବା ସବୁଠୁ କମ୍ ଥର ନିୟମ ଭାଙ୍ଗିଥିବ ସେ ହିଁ ପୁରସ୍କାର ପାଇବ । ଏଥିପାଇଁ ପିଲାମାନଙ୍କୁ ନେଇ ନିରୀକ୍ଷକ ଦଳ ଗଠନ କରାଯିବା ଉଚିତ୍ ଏବଂ ଆରୋପଗୁଡ଼ିକର ସତ୍ୟାସତ୍ୟକୁ ପରୀକ୍ଷା କରାଯାଇ ତଦନୁସାରେ ତାଲିକା ପ୍ରସ୍ତୁତ କରିବା ଉଚିତ୍ ।

## ଶ୍ରେଣୀଗୃହରେ ସ୍ୱେଚ୍ଛାକୃତ ଅନୁଶାସନ ପ୍ରତିଷ୍ଠାର ଉପାୟ

ପିଲାମାନଙ୍କ ସହ କାହାଣୀ ମାଧ୍ୟମରେ ବିଭିନ୍ନ ଚରିତ୍ରଗୁଡ଼ିକୁ ଆଲୋଚନା କରିବା ଉଚିତ୍ ଏବଂ ଅନୁଚିତ୍ ଆଚରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଉଚିତ୍ । ଏଥିପାଇଁ ପିଲାମାନେ ଜାଣିଥିବା ନିକଟସ୍ଥ କୌଣସି ଦୁଷ୍ଟବ୍ୟକ୍ତିର ଉଦାହରଣ ଦିଆଯାଇପାରେ; ଯଥା:- ଏପରି ଏକ ବ୍ୟକ୍ତି ଯିଏ ବିଭିନ୍ନ ଦୁଷ୍କର୍ମ କରିଥିବାରୁ ବିଭିନ୍ନ ନିର୍ଯ୍ୟାତନାର ଶିକାର ହେବା ସହ ଆଇନ୍ ଦ୍ୱାରା ଦଣ୍ଡିତ ହୋଇଛି - ଏହାଦ୍ୱାରା ପିଲାଙ୍କ ମନରେ ଅନୁଶାସନହୀନତା ବିରୁଦ୍ଧରେ ଦୃଢ଼ମତ ବୃଦ୍ଧି ପାଇବ । ପିଲାମାନେ ଦେଖିଥିବା କୌଣସି ଚଳଚିତ୍ରର ନାୟକ ଏବଂ ଖଳନାୟକଙ୍କ ଦ୍ୱାରା ପ୍ରଦର୍ଶିତ ଚରିତ୍ରରେ ଥିବା ଗୁଣ ଏବଂ ଦୋଷଗୁଡ଼ିକୁ ଚିହ୍ନଟ କରାଯାଇପାରେ । ଏହା ମାଧ୍ୟମରେ ନାୟକ ଦ୍ୱାରା ପ୍ରଦର୍ଶିତ ଆଦର୍ଶକୁ ସହଜରେ ଗ୍ରହଣ କରିବା ସହିତ ଖଳନାୟକର ଦୁଷ୍ଟ ପ୍ରବୃତ୍ତିଗୁଡ଼ିକରୁ ନିବୃତ୍ତ ରହିବା ପାଇଁ ଛାତ୍ରଛାତ୍ରୀମାନେ ପ୍ରେରଣା ପାଇବେ ।

ଶିକ୍ଷାର୍ଥୀ/ନୀମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ସେହିପରି ଆଉ କିଛି ଉଦାହରଣ ମାଧ୍ୟମରେ ଚରିତ୍ରର ଭଲ ଏବଂ ଖରାପ ଦିଗ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବାର ଉପାୟ ପ୍ରସ୍ତୁତ କରିବାକୁ କୁହନ୍ତୁ । ସେମାନଙ୍କ ପରାମର୍ଶଗୁଡ଼ିକୁ ବୃହତ୍ତ ଦଳରେ ଆଲୋଚନା କରନ୍ତୁ ଏବଂ କାହାଣୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ସ୍ୱେଚ୍ଛାକୃତ ଅନୁଶାସନ ପ୍ରତି ଆଦର ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଅନ୍ତୁ ।

## ଅଭ୍ୟାସ ୨୩ ପାଇଁ ଶିକ୍ଷଣୀୟ ସାମଗ୍ରୀ

୧୯୭୦ ପୂର୍ବରୁ ପିଲାମାନଙ୍କୁ ଦୁର୍ବଳ, ଅସହାୟ, ନିରୀହ ଏବଂ ବୟସ୍କମାନଙ୍କ ସହାୟତା ଉପରେ ନିର୍ଭର କରୁଥିବା ଗୋଷ୍ଠୀ ଭାବେ ଚିନ୍ତା କରାଯାଉଥିଲା । ଏହି ମାନସିକତାରେ ଏବେ ପରିବର୍ତ୍ତନ ଘଟିଛି । ନାଗରିକ ଭାବେ ସେମାନଙ୍କର ସାମାଜିକ ଦାୟିତ୍ୱ ଏବଂ ଭୂମିକାକୁ ସ୍ୱୀକୃତି ମିଳିଛି । ବୟସ ବଢ଼ିବା ସହ ପିଲାମାନେ ନିମ୍ନଲିଖିତ ପ୍ରକ୍ରିୟା ଦେଇ ଜୀବନରେ ଅଗ୍ରଗତି କରନ୍ତି ।

- ଶାରୀରିକ ଅଭିବୃଦ୍ଧି
- ମାନସିକ ପରିବର୍ତ୍ତନ
- ଅନ୍ୟମାନଙ୍କ ସହ ସମ୍ବାଦ ଓ ଯୋଗାଯୋଗ
- ନୂତନ ଜ୍ଞାନ ଆହରଣ
- ସ୍ୱତନ୍ତ୍ର ପରିଚୟ ଏବଂ ଆତ୍ମସମ୍ମାନବୋଧ
- ସାମାଜିକ ସହଭାଗିତା ପାଇଁ ଆଗ୍ରହ



ଶିଶୁଙ୍କ ପରିବର୍ତ୍ତନଶୀଳ ଜୀବନରେ ଉପରୋକ୍ତ ଉପାଦାନଗୁଡ଼ିକର ବିକାଶ ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବା ଆବଶ୍ୟକ । ସେମାନଙ୍କ ଭାଗିଦାରିତାକୁ ନିଶ୍ଚିତ ଏବଂ ସକ୍ରିୟ କରିବା ପାଇଁ ସେମାନଙ୍କ ରୁଚି ଏବଂ ମତାମତକୁ ଗ୍ରହଣ କରିବା ଉଚିତ୍ । ଏହା ସହ ସହଭାଗିତା ଏବଂ ସମ୍ପୂର୍ଣ୍ଣ ସ୍ୱାଧୀନତା ଭିତରେ ଫରକ ଜାଣିବା ଉଚିତ୍ । ସହଭାଗିତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ । ପିଲାମାନେ ଯାହା ଚାହିଁବେ ତାହା ହିଁ ହେବ, ଏପରି ଭାବିବା ଭୂଲ୍। କିନ୍ତୁ ସେମାନେ ନିଜର ମତାମତକୁ ଠିକ୍ ଭାବେ ବୁଝିବା ଏବଂ ଏଥିରେ ଥିବା ତ୍ରୁଟିକୁ ସୁଧାରିବା ପାଇଁ ବୟସ୍କମାନଙ୍କଠାରୁ ସାହାଯ୍ୟ ପାଇବା ଉଚିତ୍ । ଏହା ଦ୍ୱାରା ସେମାନେ ଅଧିକ ଉତ୍ତରଦାୟୀ ହେବେ ତଥା ଆତ୍ମବିଶ୍ୱାସ ଏବଂ ଆତ୍ମସମ୍ମାନ ବୋଧ ସହ ବିଭିନ୍ନ ସାମାଜିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । ଏପରି ହେଲେ ପିଲାମାନଙ୍କୁ କଥା କଥାରେ ତାଗିଦ୍ କରିବା ଅବା ନିର୍ଦ୍ଦେଶ ଦେବାର ଆବଶ୍ୟକତା ପଡ଼ିବ ନାହିଁ । ଶିକ୍ଷକ ଅଭିଭାବକ କିମ୍ବା ବୟସ୍କ ଲୋକମାନେ ପିଲାଙ୍କ ଦୃଷ୍ଟିକୋଣ ପ୍ରତି ସମ୍ମାନ ଦେଲେ, ଧୈର୍ଯ୍ୟର ସହିତ ତାଙ୍କର କଥା ଶୁଣିଲେ ଏବଂ ସେମାନଙ୍କୁ ଉଚିତ୍ ତଥା ଅନୁଚିତ୍‌ର ଫରକ୍ ବୁଝାଇ ପାରିଲେ ସ୍ୱେଚ୍ଛାକୃତ ଅନୁଶାସନ ପ୍ରତିଷ୍ଠା ସମ୍ଭବପର ହୋଇ ପାରିବ ।

**ଅଭ୍ୟାସ - ୨୩** | **ସମୟ - ୩୦ ମିନିଟ୍**

**ଉଦ୍ଦେଶ୍ୟ : ଶିକ୍ଷାର୍ଥୀ/ନୀମାନେ ସହଭାଗିତା ଦ୍ୱାରା ପିଲାମାନଙ୍କ ମଧ୍ୟରେ ଆଦର୍ଶ ମୂଲ୍ୟବୋଧ ସୃଷ୍ଟି କରିବାର ଉପାୟ ବିଷୟରେ ସଚେତନ ହେବେ ।**

**ସୂଚନା :** ପ୍ରଶିକ୍ଷଣ ଶିକ୍ଷାର୍ଥୀ/ନୀମାନଙ୍କୁ ୩,୪ ଜଣ ବିଶିଷ୍ଟ ଦଳରେ ବିଭକ୍ତ କରି ସହଭାଗିତା ଦ୍ୱାରା କିପରି ଶିଶୁମାନଙ୍କ ମନରେ ଆଦର୍ଶ ମୂଲ୍ୟବୋଧ ସୃଷ୍ଟି କରି ହେବ ତାହା ଆଲୋଚନା କରିବାକୁ କୁହନ୍ତୁ । ପ୍ରତ୍ୟେକ ଦଳ କିଛି ଭଲ ଉଦାହରଣ ଫ୍ଲିପ୍ ଚାର୍ଟରେ ଲେଖି ବଡ଼ ଦଳରେ ଉପସ୍ଥାପନା କରିବେ । ଉଦାହରଣଗୁଡ଼ିକରେ ଅନୁଶାସନ ଏବଂ ଗୁଣାତ୍ମକ ଶିକ୍ଷା ମଧ୍ୟରେ ସମ୍ବନ୍ଧକୁ ଗୁରୁତ୍ୱ ଦେବା ଆବଶ୍ୟକ । ପ୍ରଶିକ୍ଷକ ଉପସ୍ଥାପନା ସମୟରେ ସମୂହ ଦ୍ୱାରା ଚିହ୍ନଟ କରାଯାଇଥିବା ମୁଖ୍ୟ ଉପାଦାନଗୁଡ଼ିକୁ ଏକ ସ୍ୱତନ୍ତ୍ର ଫ୍ଲିପ୍ ଚାର୍ଟରେ ଲିପିବଦ୍ଧ କରନ୍ତୁ ।

**ଅଭ୍ୟାସ - ୨୪** | **ସମୟ - ୯୦ ମିନିଟ୍**

**ଉଦ୍ଦେଶ୍ୟ : ଶିକ୍ଷାର୍ଥୀ/ନୀମାନେ ସ୍ୱେଚ୍ଛାକୃତ ଅନୁଶାସନ ପାଇଁ ପିଲାମାନଙ୍କ ଦ୍ୱାରା ନିୟମ ପ୍ରସ୍ତୁତି, ଏହାର ପାଳନ ତଥା ନିୟମ ଭାଙ୍ଗୁଥିବା ପିଲାମାନଙ୍କ ପ୍ରତି ପଦକ୍ଷେପ ବିଷୟରେ ଅବଗତ ହେବେ ।**

**ସୂଚନା :** ଶିକ୍ଷାର୍ଥୀ/ନୀମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ନିମ୍ନଲିଖିତ କାର୍ଯ୍ୟ କରିବାକୁ କୁହନ୍ତୁ ।

- ଉଦ୍ଦେଶ୍ୟ ହାସଲ ପାଇଁ ପ୍ରତ୍ୟେକ ଦଳ ତିନୋଟି ପଦକ୍ଷେପ ଚିହ୍ନଟ କରିବେ,
- ଚିହ୍ନଟ କରାଯାଇଥିବା ପଦକ୍ଷେପଗୁଡ଼ିକୁ ଦଳର ନାମ ସହ କାଗଜ ଉପରେ ଲେଖି କାନ୍ଥରେ ଲଗାଇବେ,
- ପ୍ରତ୍ୟେକ ଦଳର ପରାମର୍ଶ ଉପରେ ଆଲୋଚନା ବେଳେ ତିନୋଟିରୁ କେଉଁଟି ସବୁଠୁ ଜରୁରୀ ଏବଂ ଏଥିରେ ଶିଶୁ, ଶିକ୍ଷକ ଅଭିଭାବକ ଏବଂ ଅଧିକାରୀମାନଙ୍କ ଭୂମିକା ସମ୍ପର୍କରେ ଗୁରୁତ୍ୱ ଦେବା ଆବଶ୍ୟକ ।

ପିଲାମାନଙ୍କ ସହ ମିଶି ଉଦ୍ୟମ କଲେ ଲିଖିତ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ବା ଆଶିଂକ ଭାବେ ସଫଳ ହୋଇପାରିବ । ତଳେ ଦିଆଯାଇଥିବା ତାଲିକା ଅନୁସାରେ ପିଲାମାନଙ୍କ ପାଇଁ କାର୍ଯ୍ୟ ନିରୂପଣ କରାଯାଇପାରେ। ଏଥିପାଇଁ ଜଣେ ଶିକ୍ଷକ ତଥା ସେ ପଢ଼ାଉଥିବା ପିଲାମାନେ କ'ଣ ଦାୟିତ୍ୱ ବା ଭୂମିକା ଗ୍ରହଣ କରିବେ ପ୍ରଦତ୍ତ ତାଲିକାଟିକୁ ଫର୍ମାଟ୍‌ଟି କିପରି ପୂରଣ କରିବେ ତାହା ବୁଝାନ୍ତୁ । ଏଥିପାଇଁ ୩୦ମିନିଟ୍ ସମୟ ଦିଅନ୍ତୁ ଏବଂ ସବୁ ଦଳ କାର୍ଯ୍ୟ ସରିବା ପରେ ନିଜ ନିଜ ତଥ୍ୟକୁ ଉପସ୍ଥାପନା କରିବାକୁ କୁହନ୍ତୁ ।



ଫର୍ମାଟ୍ - ୧

ବିଦ୍ୟାଳୟର ନାମ : ....................

ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟସୂଚୀ

ଶ୍ରେଣୀ ଗୃହରେ ପରିବର୍ତ୍ତନ ଅବଧି ମଇ ରୁ ଜୁନ୍ ୨୦୧୦

| ପରିବର୍ତ୍ତନର ଲକ୍ଷ୍ୟ (୧) | କେଉଁ ତାରିଖ ଏବଂ ମାସ ସୁଦ୍ଧା (୨) | ସୂତ୍ରଧର (୩) | ପରିବର୍ତ୍ତନର ସ୍ୱରୂପ (୪) | ଆବଶ୍ୟକ ସାହାଯ୍ୟ(୫) | ସାହାଯ୍ୟକାରୀ (୬) |
|---|---|---|---|---|---|
| ୧ | | | | | |
| ୨ | | | | | |
| ୩ | | | | | |
| ୪ | | | | | |

## ତୃତୀୟ ବିଭାଗ (Part - 3)

# ପରିବର୍ତ୍ତନ ପ୍ରବନ୍ଧନ

## ଅଭ୍ୟାସ ୨୭ ଏବଂ ୨୬ ପାଇଁ ଶିକ୍ଷଣ ସାମଗ୍ରୀ

### ନିଜ ବିଦ୍ୟାଳୟରେ ଛୋଟ ଛୋଟ ପରିବର୍ତ୍ତନ ଆଣିବା

ଏଯାବତ୍ ଆଲୋଚନାରୁ ଆମେ ବିଭିନ୍ନ ପ୍ରକାରର ମାନସିକ ଚାପ, ହିଂସା ସୃଷ୍ଟିର କାରଣ ସଂପର୍କରେ ଜାଣିଲେ । ଏହା ଉଭୟ ପିଲା ଏବଂ ଶିକ୍ଷକମାନଙ୍କ ପାଇଁ ପ୍ରଜୁଜ୍ୟ । ହିଂସାକୁ ରୋକିବା ପାଇଁ ଏହା ଘଟିବା ପୂର୍ବରୁ କିପରି ବିଭିନ୍ନ ପନ୍ଥାରେ ଧ୍ୟାନକୁ ଅନ୍ୟତ୍ର କେନ୍ଦ୍ରିତ କରାଯାଇପାରେ ତାହା ମଧ୍ୟ ଜାଣିବେ । ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ବିଦ୍ୟାଳୟର ପ୍ରତିକୂଳ ବାତାବରଣ ତଥା ଅତିଶୟ କାର୍ଯ୍ୟଭାର ଯୋଗୁ ଅନେକ ସମୟରେ ରାଗିଯାଇ ହିଂସାତ୍ମକ ଆଚରଣ କରିଥାଆନ୍ତି । କିନ୍ତୁ ସେମାନେ ମାନନ୍ତି, ଟିକିଏ ସଂଯମ ରକ୍ଷା କରାଗଲେ ହିଂସାକୁ ଏଡ଼ା ଯାଇପାରେ। କାରଣ ସ୍ୱଭାବ ଦୃଷ୍ଟିରୁ ସେମାନେ ଆଦୌ ହିଂସ୍ର ନୁହନ୍ତି ।

### ନିଜ ବ୍ୟବହାରକୁ ନିୟନ୍ତ୍ରଣ କରନ୍ତୁ

ରାଗ ସବୁବେଳେ ଖରାପ ନୁହେଁ। କିନ୍ତୁ ଏହା ସେତେବେଳେ ବିପଦଜନକ, ଯେତେବେଳେ ଏହା ଆମର କିମ୍ୱା ଅନ୍ୟର କ୍ଷତିକରେ। କିନ୍ତୁ କୌଣସି କଥାରେ ଅସନ୍ତୋଷ ବ୍ୟକ୍ତ କରି ଶୁଭକାର୍ଯ୍ୟ କରିବା ପାଇଁ ସଂକଳ୍ପ ନେବା ଗୁଣ ଯୋଗୁଁ ହେଲେ ମଧ୍ୟ ଗ୍ରହଣୀୟ ଅଟେ । ରାଗକୁ ଉପଶମ କରିବା ପାଇଁ ଏହା ଉଦ୍ରେକ କରୁଥିବା ଭାବନାଗୁଡ଼ିକ ଉପରେ ନିୟନ୍ତ୍ରଣ କରି ଶିଖିବା ଆବଶ୍ୟକ । ଆମେ ଧ୍ୟାନ ଦେଲେ ଜାଣି ପାରିବା; ଜଣେ ଶିକ୍ଷକ ନିଜର ବିଭିନ୍ନ ସମୟରେ ଏବଂ ବିଭିନ୍ନ କାର୍ଯ୍ୟରେ ଅନେକ ପ୍ରକାରର ମାନସିକ ଚାପ ଦେଇ ଗତି କରନ୍ତି, କିଛି କଥାରେ ସେ ଚିଡ଼ନ୍ତି ବା ରାଗିଯାଆନ୍ତି । ଏହା ସକାଳେ, କିମ୍ୱା ଦ୍ୱିପହରେ କିମ୍ୱା ସଂଧ୍ୟାରେ ଘଟୁଛି ତାହା ଜାଣିବା ଭଲ। ଅତ୍ୟଧିକ ଚାପ ସୃଷ୍ଟି କରୁଥିବା ସମୟଗୁଡ଼ିକୁ ଚିହ୍ନଟ କଲେ ନିୟନ୍ତ୍ରଣ କରିବା ସହଜ ହେବ । ସେହି ସମୟ ଆସିବା ପୂର୍ବରୁ ନିଜକୁ ମାନସିକ ଦୃଷ୍ଟିରୁ ପ୍ରସ୍ତୁତ କଲେ ରାଗିବା କମିବ । ସେହି ସମୟରେ ଛାତ୍ରଛାତ୍ରୀମାନେ କୌଣସି ପ୍ରଶ୍ନ ପଚାରିଲେ ବା ପରାମର୍ଶ ଚାହୁଁଥିଲେ ସେମାନଙ୍କୁ ପରେ ଆସିବାକୁ କୁହାଯାଇପାରେ । ବେଳେ ବେଳେ ହସକୌତୁକ କରିବା ଦ୍ୱାରା ମନ ହାଲୁକା ହୁଏ ଏବଂ ରାଗ କମିଯାଏ।



## ଶିକ୍ଷାଦାନ ପାଇଁ ସକରାତ୍ମକ ବାତାବରଣ

ଶିକ୍ଷଣ ସାମଗ୍ରୀର ଅଧିକ ବ୍ୟବହାର ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାଦାନ ଫଳରେ ପିଲାମାନେ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି । କାର୍ଯ୍ୟକ୍ରମଗୁଡ଼ିକରେ ଚିତ୍ରାଙ୍କନ, ବିଭିନ୍ନ ବସ୍ତୁ ନିର୍ମାଣ, ବଗିଚା କାମ, ନାଚ, ଗୀତ, ଖେଳ, ଅଭିନୟ ଇତ୍ୟାଦିକୁ ସାମିଲ୍ କରାଯାଇପାରେ । ପିଲାମାନଙ୍କ ମତାମତ ଅନୁସାରେ ଶ୍ରେଣୀଗୃହ, ବାରଣ୍ଡା, କାନ୍ଥ, ପାଚେରୀ ଆଦିର ସୌନ୍ଦର୍ଯ୍ୟକରଣ କରାଯାଇପାରେ । ଏଥିପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ବ୍ୟବହାର କରି ସୁଲଭ ମୂଲ୍ୟରେ ମିଳୁଥିବା ଆଞ୍ଚଳିକ ଉପାଦାନ ସାହାଯ୍ୟରେ ଭଲ ଭଲ ଉପକରଣ ପ୍ରସ୍ତୁତ କରାଯାଇପାରେ ।

## ପିଲାଙ୍କ ସକ୍ରିୟ ସହଭାଗିତା ପାଇଁ ପ୍ରସ୍ତୁତି

ପିଲାମାନେ ନିଷ୍ପତ୍ତିରେ ସାମିଲ୍ ଥିଲେ ସେଗୁଡ଼ିକ ଲାଗୁ କରିବା ସହଜ ହୁଏ । ସେହିପରି ବିଦ୍ୟାଳୟ ନିୟମ ପିଲାଙ୍କ ସହ ପରାମର୍ଶ କରି ଚୂଡ଼ାନ୍ତ କରିବା ଉଚିତ୍ । ଏହାଦ୍ୱାରା ସେମାନେ ନିୟମର ଗୁରୁତ୍ୱ ଏବଂ ଉପକାରିତାକୁ ବୁଝିପାରିବେ । ପୁଣି ତାଙ୍କ ସହ ପରାମର୍ଶ କରି ନିୟମ ଭାଙ୍ଗୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସକରାତ୍ମକ ସୁଧାର ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ଏହାଦ୍ୱାରା ପିଲାଙ୍କର ଭରସା, ଆତ୍ମସମ୍ମାନ ଏବଂ ସକରାତ୍ମକ ମନୋଭାବ ବୃଦ୍ଧି ପାଏ ।

## ପିଲା ଏବଂ ଶିକ୍ଷକମାନଙ୍କ ପାଇଁ ବିଭିନ୍ନ ମାଧ୍ୟମ ସୃଷ୍ଟି

ସମାନ ଆର୍ଥୀକ ସ୍ତରରେ ପିଲାଙ୍କ ଭାଗିଦାରୀ ବୃଦ୍ଧି ପାଇଁ ସରକାର ଅନେକ ଅଭିନବ କୌଶଳ ପ୍ରସ୍ତୁତ କରିଛନ୍ତି । ପିଲାମାନଙ୍କ ଦ୍ୱାରା ପରିଚାଳିତ ଡାକଘର, ସ୍ୱଚ୍ଛତା ସମିତି ଏବଂ ଲିଖିତ ଡାଏରୀ ଏଭଳି କାର୍ଯ୍ୟଗୁଡ଼ିକୁ ସରକାର ସବୁପିଲାଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି ।

## କାର୍ଯ୍ୟ ସମ୍ପାଦନ ପାଇଁ ଶିକ୍ଷକଙ୍କ ଆବଶ୍ୟକତା

- ଶିକ୍ଷଣ ସାମଗ୍ରୀ ଏବଂ ଉପକରଣ,
- ପିଲାଙ୍କ କଥା ଶୁଣିବା ଏବଂ ପରାମର୍ଶ ଦେବା ପାଇଁ ଯଥେଷ୍ଟ ସମୟ,
- ଗ୍ରାମ୍ୟ ଶିକ୍ଷା ସମିତି, ବିଦ୍ୟାଳୟ ଶିକ୍ଷା ସମିତି ଏବଂ ଅବିଭାବକ ସଂଘଠାରୁ ସାହାଯ୍ୟ ଓ ସହଯୋଗ,
- ଜଣେ ସଫଳ ଶିକ୍ଷକ ହେବା ପାଇଁ ଦୃଢ଼ ମନୋବଳ ।

## ନିଜ ଦାୟିତ୍ୱ ଏବଂ କାର୍ଯ୍ୟକୁ ଗୁରୁତ୍ୱ ଦେବା

ବିଦ୍ୟାଳୟ ସହିତ ସଂପୃକ୍ତ ବ୍ୟକ୍ତି ଏକ ଉତ୍ତମ ପରିବେଶ ଏବଂ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଯତ୍ନବାନ୍ ହେବା ଆବଶ୍ୟକ । ବର୍ତ୍ତମାନ ଆମେ ଗ୍ରାମ୍ୟ ଶିକ୍ଷା ସମିତି, ବିଦ୍ୟାଳୟ ପରିଚାଳନା ସମିତି ଏବଂ ଅବିଭାବକ ଶିକ୍ଷକ ସଂଘର ଦାୟିତ୍ୱ ଓ କାର୍ଯ୍ୟ ସମ୍ପର୍କରେ ବୁଝିବା ।

୧) ଶୀକ୍ଷାର୍ଥୀ/ନୀମାନଙ୍କୁ ତିନୋଟି ଦଳରେ ବିଭକ୍ତ କରି ଗ୍ରାମ୍ୟ ଶିକ୍ଷା ସମିତି, ବିଦ୍ୟାଳୟ ଶିକ୍ଷା ସମିତି ଏବଂ ଅବିଭାବକ ଶିକ୍ଷକ ସଂଘ ବିଷୟରେ ଚର୍ଚ୍ଚା କରିବାକୁ କୁହନ୍ତୁ ।

ପ୍ରତ୍ୟେକ ଦଳକୁ ଗୋଟିଏ ସ୍ୱତନ୍ତ୍ର ଗୋଷ୍ଠୀର କାର୍ଯ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କରିବାକୁ କୁହନ୍ତୁ । ଏଗୁଡ଼ିକର ଉପସ୍ଥାପନା ବେଳେ ବିଦ୍ୟାଳୟ ସହିତ ସଂପୃକ୍ତ ଏହି ଗୋଷ୍ଠୀମାନଙ୍କ ମଧ୍ୟରେ ଆପୋଷ ବୁଝାମଣା, ତାଳମେଳ ଏବଂ ବିଚାର ବିନିମୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଅନ୍ତୁ ।

୨) ସମିତି ବା ସଂଘର ସଭାରେ ସବୁ ସଦସ୍ୟ ଏବଂ ସଦସ୍ୟା ଭାଗ ନେବା ଉଚିତ୍ । ଅଧିକାଂଶ ଅନୁପସ୍ଥିତ ଥାଇ କେବଳ ୨, ୪ ଜଣ ଏହାର ପରିଚାଳନା କରୁଥିଲେ ସୁଫଳ ମିଳିବ ନାହିଁ । ସଭିଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ସଂପର୍କରେ ବୁଝାନ୍ତୁ ।

୩) ସମିତି ବା ସଂଘର ପ୍ରତ୍ୟେକ ସଭ୍ୟଙ୍କୁ ନିଜ କର୍ତ୍ତବ୍ୟ ଏବଂ ଦାୟିତ୍ୱ ବିଷୟରେ ବୁଝାଇବା ଆବଶ୍ୟକ । ସେମାନଙ୍କୁ ସହଜ ହେଲାଭଳି ପ୍ରକ୍ରିୟା ଯଥା :- ସଭା, ସ୍ଥାନ, ସମୟ ଆଦି ନିର୍ଦ୍ଧାରଣ କରାଗଲେ ଅଂଶଗ୍ରହଣ ସମ୍ଭବପର ହେବ ।



୪) ସମିତି ବା ସଂଘ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ମତଭେଦ କିମ୍ବା ପରସ୍ପରକୁ ଦୋଷାରୋପ କରିବା ଠିକ୍ ନୁହେଁ ।

୫) ସମସ୍ତେ ମିଳିମିଶି ବିଦ୍ୟାଳୟର ଉନ୍ନତି ଏବଂ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ଉଚିତ୍ ।

୬) ସମିତି ଏବଂ ସଂଘର ସଭ୍ୟମାନେ ସେମାନଙ୍କ ଭୂମିକା ଏବଂ କାର୍ଯ୍ୟ ବିଷୟରେ ଜାଣିନଥିଲେ ତାଲିମ୍ ବ୍ୟବସ୍ଥା କରିବା ଉଚିତ୍ ।

କୌଣସି ବ୍ୟକ୍ତି ଶୂନ୍ୟରେ କାର୍ଯ୍ୟ କରେନି । ବ୍ୟକ୍ତି ଭିତରେ ଥିବା ଗୁଣ ଏବଂ ବାହାରର ପରିସ୍ଥିତି ବ୍ୟକ୍ତିର ଭୂମିକାକୁ ନିର୍ଦ୍ଧାରିତ କରିଥାଏ । ଏଗୁଡ଼ିକୁ ଜଣେ ବ୍ୟକ୍ତିର ବ୍ୟବହାର ପାଇଁ ନିର୍ଣ୍ଣାୟକ କୁହାଯାଏ । ଏଣୁ ବ୍ୟକ୍ତିଙ୍କୁ ପରିବର୍ତ୍ତନ କରିବା ପାଇଁ ହେଲେ ଏହି ନିର୍ଣ୍ଣାୟକ ତତ୍ତ୍ୱଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ ।

ଯଥେଷ୍ଟ ସଂଖ୍ୟକ ଶିକ୍ଷକଙ୍କ ଅଭାବ, ଅଧିକ କାର୍ଯ୍ୟଭାର, ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଦାୟିତ୍ୱ, ପଠନ ଓ ପଠନ ସାମଗ୍ରୀର ଅଭାବ ଏବଂ ଭିତ୍ତିଭୂମିର ଅଭାବ ଶିକ୍ଷକମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଏ । ଏଗୁଡ଼ିକ ହିଂସା ସୃଷ୍ଟି କରିବାର ପ୍ରମୁଖ କାରଣ ଅଟନ୍ତି । ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସଂପୃକ୍ତ ଅନ୍ୟ ସମସ୍ତ ଗୋଷ୍ଠୀ ମିଳିତ ଭାବେ ଉଦ୍ୟମ କରି ଅସୁବିଧାଗୁଡ଼ିକୁ ଦୂର କଲେ ଏକ ହିଂସାମୁକ୍ତ ବାତାବରଣ ନିର୍ମାଣ କରିବା ସହଜ ହୁଅନ୍ତା ।

## ବ୍ୟବହାର ପରିବର୍ତ୍ତନ ପାଇଁ ଉଦ୍ୟମ

ସ୍ୱେଚ୍ଛାକୃତ ଅନୁଶାସନ ସୃଷ୍ଟି ପାଇଁ ପ୍ରଧାନ ଶିକ୍ଷକ, ଶିକ୍ଷକ ଛାତ୍ରଛାତ୍ରୀ ନିଜ ବ୍ୟବହାରକୁ ସମୀକ୍ଷା କରିବା ସହ ଏଥିରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଦରକାର । ଏଥିପାଇଁ ନିର୍ଣ୍ଣାୟକ ତତ୍ତ୍ୱଗୁଡ଼ିକୁ ଭଲ ଭାବେ ବୁଝିବା ଆବଶ୍ୟକ । ତତ୍ତ୍ୱ ଦୁଇ ପ୍ରକାରର । ତାହାହେଲା :-

(କ) **ଆଭ୍ୟନ୍ତରୀଣ** – ବିଶ୍ୱାସ, ଚଳଣୀ, ପ୍ରଥା, ଦୃଷ୍ଟିକୋଣ ଇତ୍ୟାଦି

(ଖ) **ବାହ୍ୟ** – ଶ୍ରେଣୀ ଏବଂ ବିଦ୍ୟାଳୟ ପରିବେଶ ତଥା ଭିତ୍ତିଭୂମି ସହ ଜଡ଼ିତ ଥିବା ବିଭିନ୍ନ ସମସ୍ୟା

ବାଧକ ତତ୍ତ୍ୱଗୁଡ଼ିକୁ ଚିହ୍ନଟ କରିପାରିଲେ ଦୂରଗାମୀ ସକରାତ୍ମକ ପରିବର୍ତ୍ତନ ସମ୍ଭବ ।

**ଅଭ୍ୟାସ – ୨୫** | **ସମୟ – ୬୦ ମିନିଟ୍**

**ଉଦ୍ଦେଶ୍ୟ :** ବିଦ୍ୟାଳୟ ପରିଚାଳନାରେ ଆଞ୍ଚଳିକ ସମିତି ଏବଂ ସଂଘମାନଙ୍କର ଭୂମିକା ଓ ଦାୟିତ୍ୱ ବିଷୟରେ ସଚେତନ କରିବା

**ସୂଚନା :**

## (କ) କାର୍ଯ୍ୟ ଓ ଦାୟିତ୍ୱର ବାଖ୍ୟା

ଗୋଷ୍ଠୀ ସାଧନ କେନ୍ଦ୍ରର ଅଧିକାରୀଙ୍କୁ ଡାକି ଗ୍ରାମ୍ୟ ଶିକ୍ଷା ସମିତି, ବିଦ୍ୟାଳୟ ପରିଚାଳନା ସମିତି ଏବଂ ଅଭିଭାବକ ଶିକ୍ଷକ ସଂଘମାନଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇବାକୁ କୁହନ୍ତୁ । ସେମାନଙ୍କ ଠାରୁ ଆଶା କରାଯାଉଥିବା ସହଯୋଗ ଓ ଫଳାଫଳ ବିଷୟରେ ସ୍ପଷ୍ଟ ସୂଚନା ମିଳିବା ଆବଶ୍ୟକ । ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ପଚାରି ବୁଝନ୍ତୁ ।

- ଗ୍ରାମ୍ୟ ଶିକ୍ଷା ସମିତି ଏବଂ ବିଦ୍ୟାଳୟ ପରିଚାଳନା ସମିତି ମଧ୍ୟରେ କୌଣସି ଯୋଗାଯୋଗ ଓ ସମନ୍ୱୟ ଥାଏ କି ?
- ଏହି ସମିତିମାନଙ୍କର ସଭାକାର୍ଯ୍ୟ ତଥା ପରିଚାଳନାର ନିୟମଗୁଡ଼ିକ କ'ଣ ?
- ସେମାନେ କେଉଁ କେଉଁ ବିଷୟରେ ନିଷ୍ପତ୍ତି ନେଇ ପାରିବେ ?
- ସେମାନଙ୍କ ଦ୍ୱାରା ପ୍ରେରିତ ଚିଠା ପ୍ରସ୍ତାବଗୁଡ଼ିକୁ କେଉଁଠାକୁ ପଠାଇବେ ?



## (ଖ) ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ

ବିଦ୍ୟାଳୟ ସହିତ ଜଡ଼ିତ ସମସ୍ତ ସମିତି ଏବଂ ସଂଘଙ୍କ ସମସ୍ତ ସଦସ୍ୟ ଏବଂ ସଦସ୍ୟାମାନଙ୍କୁ ନେଇ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ କଲେ ସେମାନଙ୍କୁ ନିଜ ଦାୟିତ୍ୱ ଏବଂ କାର୍ଯ୍ୟ ବିଷୟରେ ବୁଝାଇବା ସମ୍ଭବ ହେବ ।

## (ଗ) ତାଲିମ ପରବର୍ତ୍ତୀ କାର୍ଯ୍ୟ

ନିମ୍ନଲିଖିତ ତଥ୍ୟ ସଂଗ୍ରହ କରନ୍ତୁ । ସମିତି ଏବଂ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କର ନାମ, ସେମାନଙ୍କର ଠିକଣା ଏବଂ ବାସସ୍ଥାନ, ଯୋଗାଯୋଗ ନମ୍ବର ।

ଗୋଟିଏ ଚାର୍ଟ ତିଆରି କରି ନାମ ଓ ଠିକଣାକୁ ସ୍କୁଲ୍ କାନ୍ଥରେ ଲଗାଇ ପାରନ୍ତି ।

**ଅଭ୍ୟାସ - ୨୬** | ସମୟ - ୩୦ ମିନିଟ୍

**ଉଦ୍ଦେଶ୍ୟ :** ଶିକ୍ଷାର୍ଥୀ/ନୀମାନେ ଜଣେ ବ୍ୟକ୍ତି ନିଜ ଉଦ୍ୟମ ଫଳରେ କ'ଣ କରିପାରିବ ସେ ବିଷୟରେ ଅବଗତ ହେବେ ।

**ସୂଚନା :** ଏପରି କହି ଆରମ୍ଭ କରନ୍ତୁ ।

"ଆସନ୍ତୁ ଏଭଳି କାର୍ଯ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କରିବା, ଯାହା ଜଣେ ସହଜରେ କରିପାରିବ ଏବଂ ଏହାଦ୍ୱାରା କିଛି ପରିବର୍ତ୍ତନ ଘଟିବ । ପରିବର୍ତ୍ତନଟି ବ୍ୟକ୍ତିର ସ୍ୱଭାବ, ପିଲାମାନଙ୍କ ସ୍ୱଭାବ, ସମ୍ପର୍କ, ଶିକ୍ଷାଦାନ ସମୟରେ ଆଚରଣ, ଶ୍ରେଣୀଗୃହରେ ପିଲାଙ୍କ ବସିବା ଢଙ୍ଗ, ବିଦ୍ୟାଳୟ ସାଜସଜ୍ଜା ଏବଂ ଏହାର ପରିସରକୁ ନିର୍ମଳ ରଖିବା ଆଦି ଅନେକ ପ୍ରକାର କାର୍ଯ୍ୟରେ ପରିଲକ୍ଷିତ ହୋଇପାରେ । ପରିବର୍ତ୍ତନ ପାଇଁ ଗୋଟିଏ ୩ମାସ ଅବଧିର ଯୋଜନା ପ୍ରସ୍ତୁତ କରନ୍ତୁ । ଏହା କାର୍ଯ୍ୟକାରୀ କରିବା ପରେ ଉପଲବଧିଗୁଡ଼ିକୁ ଭଲ ଭାବେ ସମୀକ୍ଷା କରି ପରବର୍ତ୍ତୀ ୩ ମାସ ପାଇଁ ଯୋଜନା କରାଯାଇପାରେ । ଅଭ୍ୟାସ ପାଇଁ ଫର୍ମାଟ୍ -୨ ବ୍ୟବହାର କରନ୍ତୁ ।

### ଫର୍ମାଟ - ୨

**ବିଦ୍ୟାଳୟ ପରିବର୍ତ୍ତନ ଯୋଜନା ମଇ ରୁ ଜୁନ୍ ୨୦୧୦**

| ମୁଁ କରିପାରିବି | କାର୍ଯ୍ୟ ସମ୍ପାଦନ ତାରିଖ ବା ମାସ | ମୁଁ ..... ଙ୍କ ସାହାଯ୍ୟରେ କରିପାରିବି | ସାହାଯ୍ୟକାରୀ ଏବଂ କାହିଁକି | କାର୍ଯ୍ୟ ସମ୍ପାଦନ ତାରିଖ / ମାସ |
|---|---|---|---|---|
| | | | | |
| | | | | |

**ଅଭ୍ୟାସ - ୨୭** | ସମୟ - ୩୦ ମିନିଟ୍

**ଉଦ୍ଦେଶ୍ୟ :** ଶିକ୍ଷାର୍ଥୀ/ନୀମାନେ ଜଣେ ବ୍ୟକ୍ତି ଅନ୍ୟମାନଙ୍କ ସାହାଯ୍ୟରେ କରୁଥିବା ପରିବର୍ତ୍ତନ କାର୍ଯ୍ୟ ସମ୍ପର୍କରେ ଅବଗତ ହେବେ ।



ଫର୍ମାଟ - ୩

**ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ପରିବର୍ତ୍ତନ ଯୋଜନା ।**

**ବିଦ୍ୟାଳୟର ନାମ : ....................................**

**ପରିବର୍ତ୍ତନ ସୂଚୀ ମଇ ରୁ ଜୁନ୍ ୨୦୧୦**

| ଆମେ ନିମ୍ନଲିଖିତ ପରିବର୍ତ୍ତନ କରିବୁ | କେଉଁ ତାରିଖ ମାସ ସୁଦ୍ଧା | କିଏ ନେତୃତ୍ୱ ନେବେ | କିଏ ପରିବର୍ତ୍ତନ କର୍ତ୍ତାଙ୍କୁ ସାହଯ୍ୟ କରିବ ଏବଂ କିପରି କରିବ | VEC/GCMC ଠାରୁ ଆବଶ୍ୟକ ସାହାଯ୍ୟ | କାର୍ଯ୍ୟ ସମ୍ପାଦନ ତାରିଖ |
|---|---|---|---|---|---|
| | | | | | |
| | | | | | |
| | | | | | |

## ଶ୍ରେଣୀ ଗୃହରେ କାର୍ଯ୍ୟ ସମ୍ପାଦନ ପାଇଁ ଶିକ୍ଷକମାନଙ୍କୁ ସୂଚନା

### ନିୟମ ଗଢ଼ିବା

ଯଦି ପିଲାମାନେ ଧାଡ଼ିବାନ୍ଧି କୌଣସି କାର୍ଯ୍ୟ କରିବା ଶିଖି ନାହାଁନ୍ତି, ତାହେଲେ ଏପରି କରିବାକୁ କହିବା ଉଚିତ୍ । ଏଭଳି ଛୋଟ ଛୋଟ ପରିବର୍ତ୍ତନ ଆଣିବା ଦ୍ୱାରା ସ୍ୱେଚ୍ଛାକୃତ ଅନୁଶାସନ ପାଇଁ କ୍ଷେତ୍ର ପ୍ରସ୍ତୁତ ହେବ ।

### ସପ୍ତାହ କିମ୍ବା ମାସରେ ସବୁପିଲାଙ୍କୁ ଭେଟିବା

ସପ୍ତାହକୁ ଥରେ ଅଥବା ମାସ ଶେଷରେ ସବୁପିଲାଙ୍କୁ ଏକତ୍ରିତ କରି ପିଲାମାନଙ୍କ ଦ୍ୱାରା କରାଯାଇଥିବା ଭଲ ଆଚରଣଗୁଡ଼ିକୁ ପ୍ରଶଂସା କରାଯିବା ଆବଶ୍ୟକ । ଏହାଦ୍ୱାରା ସେମାନେ ସର୍ବଦା ଭଲ ଆଚରଣ ପ୍ରଦର୍ଶନ ପାଇଁ ଉତ୍ସାହିତ ହେବେ । ନିୟମ ଭାଙ୍ଗିଥିବା ପିଲାଙ୍କ ବିଷୟରେ ଏହି ସଭାରେ ଉଲ୍ଲେଖ ନ କରିବା ଭଲ । ଏଥିଯୋଗୁ ସେମାନେ ନିଜର ଭୁଲ୍ ବୁଝିପାରି ଅନ୍ୟମାନଙ୍କ ପରି ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ମନ ବଳାଇବେ । ଅର୍ଥାତ୍ ଏଭଳି ସଭା ମାଧ୍ୟମରେ କୌଣସି ପିଲାଙ୍କୁ ଅପମାନିତ ବା ନିର୍ଯ୍ୟାତିତ ନକରି ଭଲ ଭଲ ଉଦାହରଣକୁ ସମସ୍ତଙ୍କ ଆଗରେ ପ୍ରଶଂସା କରାଗଲେ ସ୍ୱେଚ୍ଛାକୃତ ଅନୁଶାସନ ପ୍ରତିଷ୍ଠା ହୋଇପାରିବ ।

### ପ୍ରତ୍ୟେକ ଦିନ ଗୋଟିଏ ବିଶେଷ ପରିବର୍ତ୍ତନ କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦେବା

- ଅଭିଭାବକ, ପରିବାର ବର୍ଗ ଏବଂ ଗ୍ରାମ ତଥା ଗୋଷ୍ଠୀ ମୁରବୀମାନଙ୍କ ସହ ଆଲୋଚନା କରିବା ।
- ଉଦ୍ୟାନର ଫୁଲ, ଗଛ ଏବଂ ବଗିଚାର ଅନ୍ୟାନ୍ୟ ଜିନିଷପତ୍ରର ଯତ୍ନନେବା
- ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରିବା ଇତ୍ୟାଦି

ଶିକ୍ଷାର୍ଥୀ/ନୀମାନେ ୫ମିନିଟ୍ ଭାବି ସେମାନେ ବିଦ୍ୟାଳୟକୁ ଫେରିବା ପରେ କେଉଁ କେଉଁ କାର୍ଯ୍ୟ କରିବେ ତାହାର ଏକ ତାଲିକା ପ୍ରସ୍ତୁତ କରିବା ଉଚିତ୍ । ପରେ ତାଲିକାଗୁଡ଼ିକରୁ ଉପସ୍ଥାପନା ସହ ମୁଖ୍ୟକାର୍ଯ୍ୟଗୁଡ଼ିକୁ ସହମତି ଭିତ୍ତିରେ ବାଛି ମିଳିତ ପ୍ରସ୍ତାବ ଭାବେ ଗ୍ରହଣ କରାଯାଇପାରେ ।



## ଅଭ୍ୟାସ ୨୮ ଏବଂ ୨୯ ପାଇଁ ଶିକ୍ଷଣ ସାମଗ୍ରୀ

**କ୍ଷମତା :-** ବ୍ୟବହାର ଏବଂ ଅପବ୍ୟବହାର

ବ୍ୟକ୍ତି ବ୍ୟକ୍ତିର ସମ୍ବନ୍ଧରେ କ୍ଷମତାର ପ୍ରଭାବ ଦେଖିବାକୁ ମିଳେ । କ୍ଷମତା ସମ୍ପର୍କକୁ ବିଭିନ୍ନ ଉପାୟରେ ପ୍ରଭାବିତ କରେ ଯଥା :-

(କ) ଜଣେ ବ୍ୟକ୍ତିର ନିଜସ୍ୱ ବିକାଶ

### (ଖ) ଏହାଦ୍ୱାରା ଅପର ବ୍ୟକ୍ତି କିମ୍ବା ଅନ୍ୟର ବିକାଶ

କ୍ଷମତାର ସକରାତ୍ମକ ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଆମେ କ୍ଷମତାର ବ୍ୟବହାର ଜଣେ ବ୍ୟକ୍ତିର ସୁରକ୍ଷା, ସ୍ୱାଧିନତା ଏବଂ ସଫଳତା ପାଇଁ ବ୍ୟବହାର କରିପାରୁ ଅଥବା ହିଂସାର ପ୍ରୟୋଗ ଫଳରେ କ୍ଷମତାର ଅପବ୍ୟବହାର କରି ବ୍ୟକ୍ତିର ବିକାଶକୁ କ୍ଷତି କରାଯାଇପାରେ । କ୍ଷମତା ସାଧାରଣତଃ ଶକ୍ତି ପ୍ରଦର୍ଶନ କିମ୍ବା ସ୍ନେହ ଦ୍ୱାରା ପ୍ରାପ୍ତ ହୋଇଥାଏ । ଜଣେ ଶକ୍ତିଶାଳୀ ବ୍ୟକ୍ତି ଦୁର୍ବଳ ବ୍ୟକ୍ତି ଉପରେ ଅତ୍ୟାଚାର କରିପାରେ କିମ୍ବା ତାକୁ ସୁରକ୍ଷା ଯୋଗାଇ ଦେଇ ସ୍ନେହ ଓ ଶ୍ରଦ୍ଧା ମଧ୍ୟ ଅର୍ଜନ କରିପାରେ । ସାମାଜିକ ସ୍ତରରେ କ୍ଷମତା ଲୋକ ଚଳଣୀ, ଆସ୍ଥା କିମ୍ବା ପରମ୍ପରା ଉପରେ ପର୍ଯ୍ୟବସିତ । ଅନେକ ସ୍ଥାନରେ ଏହା ଦ୍ୱାରା ଭେଦଭାବ ସୃଷ୍ଟି ହୁଏ । ରାଷ୍ଟ୍ରର ପ୍ରତିନିଧି ଯଥା :- ସରକାର, ପୋଲିସ ଏବଂ ଶିକ୍ଷକ ଆଦି କର୍ମଚାରୀମାନେ କ୍ଷମତାର ବ୍ୟବହାର ବିଭିନ୍ନ ସେବା ଯୋଗାଇବା କିମ୍ବା ନିଜର ସ୍ୱାର୍ଥ ହାସଲ ପାଇଁ କରିପାରନ୍ତି ।

VEC / SCME ମାନେ ମଧ୍ୟ କ୍ଷମତାର ସୁ ବା କୁର ଉପଯୋଗ କରି ବିଦ୍ୟାଳୟର ପରିବେଶ ଓ ପରିଚାଳନାକୁ ପ୍ରଭାବିତ କରିପାରନ୍ତି । ଉଚ୍ଚଶିକ୍ଷା, ଉଚ୍ଚଜାତି, ଅଧିକ ଜନ, ବୟସ ଇତ୍ୟାଦି ସାମାଜିକ କ୍ଷମତା ବଣ୍ଟନରେ ନିର୍ଣ୍ଣାୟକ ଭୂମିକା ବହନ କରନ୍ତି ।

ଶିକ୍ଷକ ଛାତ୍ରଛାତ୍ରୀ ସମ୍ପର୍କରେ ଶିକ୍ଷକ ସର୍ବକ୍ଷମତା ସମ୍ପନ୍ନ ଥିଲାବେଳେ ଅନେକ ସ୍ଥାନରେ ପିଲାମାନେ ତାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ହୁଅନ୍ତି । ଶ୍ରଦ୍ଧା, ଶକ୍ତି, ସାମାଜିକ ପ୍ରତିଷ୍ଠା ଏବଂ ସରକାରୀ ସ୍ୱୀକୃତି ଶିକ୍ଷକମାନଙ୍କୁ ଅଧିକ କ୍ଷମତା ପୂର୍ଣ୍ଣ କରିଥାଏ । ପ୍ରାୟତଃ ଶିକ୍ଷକ ଅଭିଭାବକ ଏବଂ ଅନ୍ୟ ବୟସ୍କମାନେ କ୍ଷମତାର ଦୂରୁପଯୋଗ କରି ପିଲାମାନଙ୍କୁ ମାନସିକ କିମ୍ବା ଶାରୀରିକ ନିର୍ଯ୍ୟାତନା ଦେଇଥାନ୍ତି । କ୍ଷମତାର ଦୂରୁପଯୋଗ ହେଉଥିବା ବିଦ୍ୟାଳୟର ସ୍ୱେଚ୍ଛାକୃତ ଅନୁଶାସନ ଆଣିବା କଷ୍ଟକର । ଏଣୁ ସେଭଳି ଦୂରୁପଯୋଗ ଶିଶୁ ବିକାଶରେ ବାଧକ ହୋଇଥିବାରୁ ଏହାକୁ ରୋକିବା ପାଇଁ ସବୁ ପ୍ରକାର ଉଦ୍ୟମ ହେବା ଆବଶ୍ୟକ ।

### ସମିତି ଏବଂ ସଂଘମାନଙ୍କର ଭୂମିକା

ଏମାନେ ସ୍ଥାନୀୟ କର୍ତ୍ତୃପକ୍ଷ ହୋଇଥିବାରୁ ବିଦ୍ୟାଳୟର ପରିବେଶ ନିର୍ମାଣରେ ସକ୍ରିୟ ଅଂଶଗ୍ରହଣ କରିପାରିବେ । ଛାତ୍ରଛାତ୍ରୀ ଏବଂ ଗୋଷ୍ଠୀ ସମୁଦାୟ ପ୍ରତି ଉତ୍ତରଦାୟୀ ଥିବାରୁ ସେମାନଙ୍କର ସକ୍ରିୟ ଭାଗିଦାରୀ ବେଶ୍ ଫଳଦାୟକ ହୋଇଥାଏ । ପ୍ରାପ୍ତ ସୂଚନାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏହି ସମିତି ବା ସଂଘମାନେ ସକରାତ୍ମକ କିମ୍ବା ନକରାତ୍ମକ ଭୂମିକା ଗ୍ରହଣ କରିପାରନ୍ତି । ଶିକ୍ଷକ ତଥା କର୍ତ୍ତୃପକ୍ଷମାନଙ୍କ ଉଦ୍ୟମ ଫଳରେ ଏହି ସମିତି ବା ସଂଘମାନଙ୍କୁ ପରିବର୍ତ୍ତନ କାର୍ଯ୍ୟରେ ସାମିଲ କରି ସ୍ୱେଚ୍ଛାକୃତ ଅନୁଶାସନ ପ୍ରତିଷ୍ଠା କରାଯାଇପାରେ ।

### ଅଭ୍ୟାସ -୨୮

**ସମୟ -୯୦ ମିନିଟ୍**

**ଉଦ୍ଦେଶ୍ୟ** – ଶିକ୍ଷାର୍ଥୀ/ନୀମାନେ ସମିତି ଏବଂ ସଂଘଗୁଡ଼ିକର ଦାୟିତ୍ୱ ଓ କାର୍ଯ୍ୟ ସମ୍ପର୍କରେ ପୁନଃ ସମୀକ୍ଷା କରିବା ସହ କେତୋଟି ମହତ୍ତ୍ୱପୂର୍ଣ୍ଣ ବିଷୟବସ୍ତୁ ଜାଣିବେ ।

**ସୂଚନା** – ବିଦ୍ୟାଳୟ ପରିଚାଳନାରେ ସଂପୃକ୍ତ ସବୁ ବ୍ୟକ୍ତି, ସମିତି ଏବଂ ସଂଘ ଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ ଏବଂ ପ୍ରତ୍ୟେକ ବର୍ଗର କାର୍ଯ୍ୟ ତଥା ଦାୟିତ୍ୱଗୁଡ଼ିକୁ ଚିହ୍ନଟ କରନ୍ତୁ । ପରସ୍ପର ମଧ୍ୟରେ ଥିବା ସମ୍ପର୍କ ପ୍ରତି ଧ୍ୟାନ ଦିଅନ୍ତୁ ।

ବିଦ୍ୟାଳୟରେ ଥିବା କ୍ଷମତା ଚକ୍ର ସମ୍ପର୍କରେ ଆଲୋଚନା କରନ୍ତୁ । ସରପଞ୍ଚ ଉଭୟ ଗ୍ରାମ ଶିକ୍ଷା ସମିତି ତଥା ପରିଚାଳନା ସମିତିର ସଦସ୍ୟ ଥାଇ ଏକ ନକରାତ୍ମକ ଭୂମିକାରେ କାର୍ଯ୍ୟ କରୁଥାଇ ପାରନ୍ତି । କେହି ସରପଞ୍ଚକୁ ବାଧା ଦେବା ପାଇଁ ସାହସ କରନ୍ତି ନାହିଁ । କିନ୍ତୁ ଅନେକ ଭଲ ଉଦାହରଣ ଅଛି ।



### ଦାୟିତ୍ୱ ଶୃଙ୍ଖଳା

- ଦାୟିତ୍ୱ ଓ କାର୍ଯ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ।
- ପ୍ରତ୍ୟେକ କାର୍ଯ୍ୟ ଏକ ଦାୟିତ୍ୱରୁ ଜନ୍ମ ନିଏ ।
- ବିଦ୍ୟାଳୟ ସହ ସଂପୃକ୍ତ ଗୋଷ୍ଠୀମାନଙ୍କ ଭିତରେ କ୍ଷମତା ଓ ଦାୟିତ୍ୱ କ୍ଷେତ୍ରରେ ଥିବା ସମାନତା ଏବଂ ପରସ୍ପର ଉପରେ ନିର୍ଭରଶୀଳତାକୁ ଚର୍ଚ୍ଚା କରନ୍ତୁ ।
- ସେମାନେ ଗୋଟିଏ ଶୃଙ୍ଖଳାର ଅଂଶ ହୋଇଥିବାରୁ ସମ୍ପୂର୍ଣ୍ଣ ଭିନ୍ନ ବା ସ୍ୱାଧୀନ ହେବା ଅସମ୍ଭବ ।
- ଅବଶ୍ୟ ଶୃଙ୍ଖଳାଟି ଦୁର୍ବଳ ହେଲେ ଏଥିରେ ଥିବା ଗୋଷ୍ଠୀଗୁଡ଼ିକର ସଂଯୋଗ ହ୍ରାସ ପାଏ । ଏହା ଲକ୍ଷ୍ୟ ହାସଲ ପାଇଁ ଅସୁବିଧା ସୃଷ୍ଟି କରେ ।

### ଏହାର ପ୍ରତିକାର

- ସମସ୍ତ ନିଜ ଦାୟିତ୍ୱ ଓ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିବା ଉଚିତ୍ ।
- ସବୁକାର୍ଯ୍ୟ ସମୟ ଅନୁସାରେ ହେବା ଉଚିତ୍ ।
- ସବୁକାର୍ଯ୍ୟ ନିଷ୍ଠା ଓ ଦକ୍ଷତାର ସହ କରିବା ଉଚିତ୍ ।
- ପ୍ରତ୍ୟେକ କାର୍ଯ୍ୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବା ଉଚିତ୍ ।

## ଅଭ୍ୟାସ -୨୯

**ସମୟ - ୨୫ ମିନିଟ୍**

**ଉଦ୍ଦେଶ୍ୟ** – ଶିକ୍ଷାର୍ଥୀ/ନୀମାନେ (କ) କ୍ଷମତା ଓ ହିଂସା ମଧ୍ୟରେ ସମ୍ପର୍କକୁ ଜାଣିବେ ଏବଂ (ଖ) ବ୍ୟକ୍ତି ଉପରେ ଅନ୍ୟର ପ୍ରଭାବ ବିଷୟରେ ଅବଗତ ହେବେ ।

**ଉପକରଣ** – ଫ୍ଲିପ୍ ଚାର୍ଟ, ମାର୍କର କଲମ

**କାର୍ଯ୍ୟ**– ଶିକ୍ଷାର୍ଥୀ/ନୀମାନଙ୍କୁ ଏପରି ଲୋକଙ୍କ ନାମ କହିବାକୁ କହନ୍ତୁ ଯେ ତାଙ୍କ ଠାରୁ ଅଧିକ କ୍ଷମତା ପୂର୍ଣ୍ଣ, ସେ କାହିଁକି ଅଧିକ କ୍ଷମତା ପୂର୍ଣ୍ଣ, ତାର କାରଣଗୁଡ଼ିକୁ ଚିହ୍ନଟ କରିବାକୁ କହନ୍ତୁ । ସମୀକ୍ଷକ କାରଣଗୁଡ଼ିକୁ ବିଶ୍ଳେଷଣ କରି ସମସ୍ତଙ୍କୁ ବୁଝାନ୍ତୁ ।

### ଶିକ୍ଷକଙ୍କ ଠାରୁ ଅଧିକ କ୍ଷମତାପୂର୍ଣ୍ଣ ବ୍ୟକ୍ତି

- ତାଙ୍କୁ ସ୍ନେହ ଓ ଶ୍ରଦ୍ଧା କରୁଥିବା ବ୍ୟକ୍ତି
- ତାଙ୍କୁ ନିୟନ୍ତ୍ରିତ କରୁଥିବା ବ୍ୟକ୍ତି
- ଶାରୀରିକ ବା ସାମାଜିକସ୍ତରରେ ତାଙ୍କ ଠାରୁ ବଳଶାଳୀ ବ୍ୟକ୍ତି ।

ଶିକ୍ଷକ ମଧ୍ୟ ସେ ସ୍ନେହ କରୁଥିବା କିମ୍ବା ନିୟନ୍ତ୍ରଣ କରୁଥିବା ବ୍ୟକ୍ତିଙ୍କ ଉପରେ କ୍ଷମତା ପ୍ରୟୋଗ କରିଥାଆନ୍ତି । ପ୍ରତି ବ୍ୟକ୍ତି କାହା ଉପରେ କ୍ଷମତା ଜାହିର କରୁଥିବା ବେଳେ ଆଉ କିଛିଙ୍କ ନିୟନ୍ତ୍ରଣର ଶିକାର ହୁଏ । କ୍ଷମତା ସଭିଙ୍କ ପାଖରେ କିଛି ପରିମାଣରେ ଥାଏ । କ୍ଷମତାର ସଦୁପଯୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

### ସାରକଥା

ଆମେ ଜାଣୁ ଆମ ଚତୁଃପାର୍ଶ୍ୱରେ ଥିବା କିଛି ବ୍ୟକ୍ତିଙ୍କ ଉପରେ ଆମେ କ୍ଷମତା ପ୍ରୟୋଗ କରୁ । ସେହିପରି ଆଉ କିଛି ଲୋକ ଆମ ଉପରେ



କ୍ଷମତା ପ୍ରୟୋଗ କରିପାରନ୍ତି । ଆମେ ବିଭିନ୍ନ ପରିସ୍ଥିତିର ମୁକାବିଲା ପାଇଁ ପ୍ରତିଦିନ ଏହାର ପରିଣାମ ବିଷୟରେ ଅବଗତ ନଥାଇ କ୍ଷମତା ପ୍ରୟୋଗ କରିଥାଉ । ବେଳେବେଳେ କ୍ଷମତାର ପ୍ରୟୋଗ ହିଂସାତ୍ମକ ହୋଇପାରେ, ଏଥିପ୍ରତି ସଚେତନ ହେବା ଆବଶ୍ୟକ ।

**ଅଭ୍ୟାସ - ୩୦** **ସମୟ- ୬୦ ମିନିଟ୍**

**ଉଦ୍ଦେଶ୍ୟ** – ଶିକ୍ଷାର୍ଥୀ/ନୀମାନଙ୍କୁ ବିଦ୍ୟାଳୟ ଏବଂ କାର୍ଯ୍ୟ କ୍ଷେତ୍ରରେ ସୁଧାର ଆଣିବା ପାଇଁ ପ୍ରଭାବଶାଳୀ ଢ଼ଙ୍ଗରେ ଉଦ୍ୟମ କରିବା ସମ୍ପର୍କରେ ଅବଗତ କରିବା ।

**ସୂଚନା** – ଶିକ୍ଷାର୍ଥୀ/ନୀ ମାନଙ୍କୁ କ୍ଷୁଦ୍ର ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ପ୍ରତୀକ କାହାଣୀ ଦିଅନ୍ତୁ । କାହାଣୀ ଅନୁସାରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖିବାକୁ କହନ୍ତୁ ।

- ଆପଣ ଶ୍ୟାମ ଓ ସରିତାକୁ କ'ଣ ପରାମର୍ଶ ଦେବେ ?

ପ୍ରତ୍ୟେକ ଦଳ କାହାଣୀ ଆଧାରରେ ଗୋଟିଏ ଅଭିନୟ ପ୍ରସ୍ତୁତ କରିବେ । ଅଭିନୟ ପରେ ମତାମତ ଦେବା ପାଇଁ ସବୁ ଦଳକୁ ୧୦ ମିନିଟ୍ ଲେଖାଏଁ ସମୟ ମିଳିବ । ଉପସ୍ଥାପନ ସମୟରେ ଜଣେ ବ୍ୟକ୍ତି କିପରି ନିଜ ମତ ଦ୍ୱାରା ଅନ୍ୟକୁ ପ୍ରଭାବିତ କରେ ବୁଝାନ୍ତୁ । ମିଳିଥିବା ତଥ୍ୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କୁ ଜଣାନ୍ତୁ । ଏହାଦ୍ୱାରା ଭିନ୍ନକ୍ଷମ କିମ୍ବା ଅନ୍ୟ ଦୃଷ୍ଟିରୁ ପଛରେ ପଡୁଥିବା ପିଲାମାନେ ନିଜ ପରିସ୍ଥିତିରେ ପରିବର୍ତ୍ତନ ପାଇଁ ଉଦ୍ୟମ କରି ପାରିବେ ।

**କାହାଣୀ (କ)** ଶ୍ୟାମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପଢ଼ାଏ । ସେ ଭାବେ ଗ୍ରାମ ଶିକ୍ଷା ସମିତି ଠିକ୍ ଭାବେ କାର୍ଯ୍ୟ କରୁନାହିଁ । ସେ ବିଶ୍ୱାସ କରେ ଯେ ଗୋଷ୍ଠୀ ସାଧନ କେନ୍ଦ୍ର ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ବିକାଶରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇ ପାରିବ । ଏଥିପାଇଁ ସରପଞ୍ଚଙ୍କ ସହଯୋଗ ଆବଶ୍ୟକ । ଏହା ତା ଦ୍ୱାରା ସମ୍ଭବ ନୁହେଁ ସେ ଜାଣେ । କିନ୍ତୁ ପିଲାଙ୍କୁ ଗୁଣାତ୍ମକ ଶିକ୍ଷାର ସୁଯୋଗ ଦେବା ପାଇଁ ସେ ସରପଞ୍ଚଙ୍କୁ ସାକ୍ଷାତ କରିବାର ନିଷ୍ପତ୍ତି କରେ । ଶ୍ୟାମ ସରପଞ୍ଚଙ୍କୁ କ'ଣ କହିବ ଏବଂ ତାଙ୍କ ସମର୍ଥନ କିପରି ହାସଲ କରିବ ।

**କାହାଣୀ (ଖ) :** ସରିତା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ାଏ । ସେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଅଛି । ସେଥିପାଇଁ ବହୁତ ସମୟ ନଷ୍ଟ ହେଉଛି, ସେ ଭାବେ ପ୍ରଧାନ ଶିକ୍ଷକଙ୍କ ସହ ଏ ବିଷୟ ଆଲୋଚନା କରିବାକୁ ଚାହେଁ । କିନ୍ତୁ ସାହସ ଜୁଟାଇ ପାରେ ନାହିଁ । ପ୍ରଧାନ ଶିକ୍ଷକ ରୁକ୍ଷ ପ୍ରକୃତିର । ଶିକ୍ଷକମାନଙ୍କ ଠାରୁ ସେ ଦୂରତା ପସନ୍ଦ କରନ୍ତି । ଦିନେ ସରପଞ୍ଚ, ଯେ ଗ୍ରାମ ଶିକ୍ଷା ସମିତିର ଅଧ୍ୟକ୍ଷ ଅଟନ୍ତି । ତାଙ୍କୁ ଡ଼ାକି ମଧ୍ୟାହ୍ନ ଭୋଜନର ରେକର୍ଡ଼ ପତ୍ର ଠିକ୍ ଭାବେ ରଖା ଯାଇନଥିବା ଅଭିଯୋଗ କରନ୍ତି । ଏଥିପାଇଁ ସେ ଜଣେ ବ୍ୟକ୍ତିକୁ ନିଯୁକ୍ତି ଦେଇଛନ୍ତି ଯେ କାଲିଠାରୁ ଦାୟିତ୍ୱ ସମ୍ଭାଳିବ । ଏଣୁ ସବୁ କାଗଜ ପଛରେ ସ୍ୱାକ୍ଷର କରି ଦାୟିତ୍ୱ ହସ୍ତାନ୍ତର କରିବାକୁ ଆଦେଶ ଦିଅନ୍ତି । ସରିତା ଚିନ୍ତାରେ ଅଛି । ସରପଞ୍ଚଙ୍କୁ କ'ଣ ଜବାବ ଦେବ ଏବଂ ପ୍ରଧାନ ଶିକ୍ଷକଙ୍କ ଠାରୁ କିପରି ସାହାଯ୍ୟ ନେବ ।

## ପିଲାଙ୍କ ପାଇଁ ପ୍ରତୀକ କାହାଣୀ

ରାମ ଏବଂ ଶ୍ୟାମ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ଶ୍ୟାମ ପ୍ରତ୍ୟେକ କଥାରେ ରାମକୁ ହଇରାଣ କରେ । ବେଳେବେଳେ ତାକୁ ମାଡ଼ ମାରେ, ଖାଦ୍ୟ ଛଡ଼ାଇ ଖାଇଦିଏ ଏବଂ ପଢ଼ିବାକୁ ଦିଏ ନାହିଁ । ରାମ ଶାରୀରିକ ଦୃଷ୍ଟିରୁ ଅଧିକ ଦୃଢ଼ ଥିବାରୁ ରାମ ପ୍ରତିବାଦ କରିବାକୁ ଡ଼ରେ । ଦିନେ ସେ ଭାବେ ଆଜି ଶ୍ୟାମକୁ ଜବାବ୍ ଦେବ ଏବଂ ସବୁଦିନ ପାଇଁ ସମସ୍ୟାର ସମାଧାନ କରିବ । ଭାବନ୍ତୁ! ରାମ ଏହା କିପରି କରିବ ?

ଶିକ୍ଷାର୍ଥୀ/ନୀ ମାନଙ୍କୁ ପ୍ରତ୍ୟେକ କାହାଣୀ ବିଷୟରେ ଭାବି ନିଜର ଉତ୍ତର ଲେଖିବାକୁ କୁହନ୍ତୁ । ସେଥିପାଇଁ ସେମାନଙ୍କୁ କ୍ଷୁଦ୍ର ଦଳରେ ବିଭକ୍ତ କରି ଅଭିନୟ ଦ୍ୱାରା ଉତ୍ତର ଦେବାକୁ କୁହାଯାଇପାରେ । ପ୍ରତ୍ୟେକ ଦଳ ନିଜର ଉପସ୍ଥାପନା କଲା ପରେ ମୁଖ୍ୟ କଥାବସ୍ତୁକୁ ଫ୍ଲିପ ଚାର୍ଟରେ ଲେଖି ରଖନ୍ତୁ ।



## ଅଭ୍ୟାସ -୩୧

**ସମୟ -୯୦ ମିନିଟ୍**

**ଉଦ୍ଦେଶ୍ୟ - ଶିକ୍ଷାର୍ଥୀ/ନୀମାନେ ସହଭାଗୀ ବ୍ୟକ୍ତି ବା ଗୋଷ୍ଠିକୁ ଚିହ୍ନଟ କରିବା ସହ ସହଯୋଗର ପନ୍ଥା ବିଷୟରେ ଜାଣିବେ ।**

### ଉପକରଣ

୨୦ ପ୍ୟାକେଟ୍ ବିନ୍ଦି (୧୦ ନାଲି, ୧୦ ସବୁଜ), ଧଳା କାଗଜ, ୧ ପ୍ୟାକେଟ୍ ଚାର୍ଟ କାଗଜ ଏବଂ ମାର୍କର କଲମ ।

**ସୂଚନା :-** ଶିକ୍ଷାର୍ଥୀ/ନୀମାନଙ୍କୁ କ୍ଷୁଦ୍ର ଦଳରେ ବିଭକ୍ତ କରି ପ୍ରତ୍ୟେକ ରଙ୍ଗର ଗୋଟିଏ ଗୋଟିଏ ବିନ୍ଦ ପ୍ୟାକେଟ୍ ଦିଅନ୍ତୁ । କାନ୍ଥରେ ୧ ଫୁଟ ବ୍ୟବଧାନରେ ୯ଟି ଧଳା କାଗଜ ଫର୍ଦ୍ଦ ତଳକୁ ତଳ ସଜାଇ ରଖନ୍ତୁ । ୬ ଫୁଟ ଦୂରରେ ସମାନ୍ତରାଳ ସ୍ଥାନରେ ସେହିଭଳି ଆଉ ୨,୩ ଟି ସେଟ୍ କାଗଜ ସଜାନ୍ତୁ । ପ୍ରତ୍ୟେକ କାଗଜ ଉପରେ ନିମ୍ନକ୍ରମ ଅନୁସାରେ ଲେଖନ୍ତୁ ।

### କାଗଜ ଶୀର୍ଷକ

- ନିର୍ଦ୍ଧାରିତ ପଦ୍ଧତି
- ପିଲାମାନେ
- ସହାୟକ
- ଶିକ୍ଷକ
- ପ୍ରଧାନଶିକ୍ଷକ
- ଗ୍ରାମ୍ୟ ଶିକ୍ଷା ସମିତି
- ବିଦ୍ୟାଳୟ ଶିକ୍ଷା ପରିଚାଳନା ସମିତି
- ଅଭିଭାବକ ଶିକ୍ଷକ ସଂଘ
- ଅଭିଭାବକ

ପ୍ରତ୍ୟେକ ଦଳକୁ ସହଭାଗୀ ବ୍ୟକ୍ତି ବା ଗୋଷ୍ଠୀ ଚିହ୍ନଟ କରି ସେମାନଙ୍କ ସହଯୋଗ ହାସଲ ପାଇଁ ଆବଶ୍ୟକ ପଦକ୍ଷେପ କାନ୍ଥରେ ଥିବା କାଗଜ ଉପରେ ଉଦ୍ଦିଷ୍ଟ ଶୀର୍ଷକ ତଳେ ଲେଖିବାକୁ କୁହନ୍ତୁ । ଆପଣ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଉଥିବା ବ୍ୟକ୍ତି ବା ଗୋଷ୍ଠୀ ଶୀର୍ଷକରେ ନାଲି ବିନ୍ଦି ଲଗାନ୍ତୁ ଏବଂ ଅନ୍ୟମାନଙ୍କ ପାଇଁ ସବୁଜ ବିନ୍ଦି ଉପଯୋଗ କରନ୍ତୁ । ଆପଣଙ୍କ ଅନୁସାରେ କୌଣସି ଭୂମିକା ନଥିବା ବ୍ୟକ୍ତି ବା ଗୋଷ୍ଠୀ ପାଇଁ ବିନ୍ଦି ବ୍ୟବହାର କରନ୍ତୁ ନାହିଁ । ଦଳମାନଙ୍କ ମତକୁ ଆଧାର କରି ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ଓ ଗୋଷ୍ଠୀକୁ ଚିହ୍ନଟ କରନ୍ତୁ ଓ ସାହାଯ୍ୟ କରିଥିବାରୁ ଶିକ୍ଷାର୍ଥୀ/ନୀମାନଙ୍କୁ ଧନ୍ୟବାଦ ଜଣାନ୍ତୁ ।

ଏହାପରେ ଦଳମାନଙ୍କୁ ଭି.ଇ.ସି., ପି.ଟି.ଏ., ଏ.ସି.ଏମ୍.ସି ଭୂମିକାରେ ଅଭିନୟ କରିବାକୁ କୁହନ୍ତୁ । ଅଭିନୟ ପୂର୍ବରୁ ୩ଟି ଫ୍ଲିପ୍ ଚାର୍ଟରେ ପ୍ରତ୍ୟେକ ଦଳ ଯେଉଁ ଗୋଷ୍ଠୀର ଅଭିନୟ କରୁଥିବେ ତାଙ୍କ ଭୂମିକା ସମ୍ପର୍କରେ ଲେଖିବେ । ଏହାକୁ ଆଧାର କରି ସେମାନେ ଅଭିନୟ ଦ୍ୱାରା ସେଇ ଗୋଷ୍ଠୀମାନଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିବେ ।

ଏହାପରେ ବିନ୍ଦି ଲାଗି ନଥିବା କାଗଜଗୁଡ଼ିକରୁ କାଢ଼ି କାନ୍ଥର ଗୋଟିଏ କୋଣରେ ଲଗାନ୍ତୁ । ଏଥିରେ ଉଲ୍ଲେଖ ଥିବା ଗୋଷ୍ଠୀମାନଙ୍କ ବିଷୟରେ ଆଲୋଚନା କଲେ ସେମାନଙ୍କ ଗୌଣ ଭୂମିକା ବୁଝିହେବ । ଏହି ପ୍ରକ୍ରିୟାରେ ସହଯୋଗ କରି ମୁଖ୍ୟ ଏବଂ ଗୌଣ ସହଯୋଗୀମାନଙ୍କୁ ସାହାଯ୍ୟ କରିଥିବାରୁ ଶିକ୍ଷାର୍ଥୀ/ନୀମାନଙ୍କୁ ଧନ୍ୟବାଦ ଦିଅନ୍ତୁ ।



## ଅଭ୍ୟାସ ୩୨

**ସମୟ - ୨୦ ମିନିଟ୍**

**ଉଦ୍ଦେଶ୍ୟ** - ନିଜ କର୍ମକ୍ଷେତ୍ରର ପରିବର୍ତ୍ତନ ଆଣିବା ପାଇଁ ସ୍ୱୟଂ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ସମ୍ପର୍କରେ ଶିକ୍ଷାର୍ଥୀ/ନୀ ମାନଙ୍କୁ ସଚେତନ କରିବା ।

### ଉପକରଣ

ଫର୍ମାଟ ୨ର ନକଲ (ପ୍ରତ୍ୟେକଙ୍କ ପାଇଁ ୬ଟି ଫର୍ମାଟ୍)

କଲମ ଏବଂ ମାର୍କର

**ସୂଚନା :-** ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବା ପାଇଁ ଶିକ୍ଷକମାନଙ୍କୁ ପ୍ରେରିତ କରିବା ଦିଗରେ ଅନେକ ପଦକ୍ଷେପ ନେବା ବାକି ଅଛି । ଏଥିପାଇଁ କେବଳ ପରାମର୍ଶ ଦେଲେ ଚଳିବ ନାହିଁ, ଉପଯୁକ୍ତ ବିଦ୍ୟାଳୟ ବାତାବରଣ ନିର୍ମାଣ ସହ ସେମାନଙ୍କ ଦୃଷ୍ଟିକୋଣରେ ସକରାତ୍ମକ ପରିବର୍ତ୍ତନ ଆଣିବା ଆବଶ୍ୟକ ।

ଏଥିପାଇଁ ଏଭଳି କିଛି ବ୍ୟକ୍ତି ବା ଅନୁଷ୍ଠାନମାନଙ୍କର ସହଯୋଗ ଲୋଡ଼ା; ଯାହାଙ୍କ ଉପରେ ପ୍ରାୟତଃ ଶିକ୍ଷକମାନଙ୍କ ନିୟନ୍ତ୍ରଣ ନଥାଏ । ଏଣୁ ଶିକ୍ଷକ ନିଜେ କ'ଣ କରିପାରିବେ ଏବଂ କେଉଁମାନେ ଏହି ପରିବର୍ତ୍ତନ ଆଣିବା ପାଇଁ ସାହାଯ୍ୟ କରିବେ ତାହା ଜାଣିବା ପରେ ଏଥିପାଇଁ ପଦକ୍ଷେପ ନେବା ଆବଶ୍ୟକ । ଏହି ପ୍ରସଙ୍ଗ ଉପରେ ଶିକ୍ଷାର୍ଥୀ/ନୀ ମାନଙ୍କ ମଧ୍ୟରେ ଏକ ଆଲୋଚନା କରନ୍ତୁ ଏବଂ ସେମାନଙ୍କ ମତାମତକୁ ଲେଖନ୍ତୁ । ଏଥିପାଇଁ ଫର୍ମାଟ୍ ୨ ବ୍ୟବହାର କରିବା ଉଚିତ୍ । ଏହାଦ୍ୱାରା ପ୍ରତ୍ୟେକ ଦଳ ୩ଟି ମୁଖ୍ୟ ପ୍ରସଙ୍ଗ ଉପରେ ଶିକ୍ଷକ ତଥା ସହଯୋଗୀ ସଂସ୍ଥାଙ୍କ ଭୂମିକା ଓ କାର୍ଯ୍ୟ ବିଷୟରେ ତଥ୍ୟ ପ୍ରସ୍ତୁତି କରିପାରିବେ । ଏହି ତଥ୍ୟାବଳୀ ବିଶ୍ଳେଷଣ କହେ ଜଣେ ଶିକ୍ଷକ ନିଜ ଲକ୍ଷ୍ୟ ହାସଲ ପାଇଁ ସ୍ୱୟଂ ଉଦ୍ୟମ କରିବା ସହ ଅନ୍ୟମାନଙ୍କ ଠାରୁ ଆଶାନୁରୂପ ସାହାଯ୍ୟ ପାଇବା ସମ୍ଭବ ହେବ । ଏହାପରେ ଶିକ୍ଷାର୍ଥୀ/ନୀମାନଙ୍କୁ ଆସନ୍ତା ୬ ମାସ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ କୁହନ୍ତୁ । ପ୍ରତ୍ୟେକ କାର୍ଯ୍ୟ ନିର୍ଦ୍ଦିଷ୍ଟ ଏକ ସମୟ ସୀମା ଭିତରେ କରିବା ସମ୍ଭବ ହେବା ଉଚିତ୍ । ପ୍ରତ୍ୟେକ ଦଳ କାର୍ଯ୍ୟ ସମାପ୍ତି ପରେ ତା ଡାହଣ ପାର୍ଶ୍ୱରେ ଥିବା ଦଳକୁ ନିଜ ଲେଖା ଦେବ । ଦ୍ୱିତୀୟ ଦଳଟି ଏହାର ସମୀକ୍ଷା କରି ନିଜର ପରାମର୍ଶ ସହ କିଛି ସମୟ ପରେ ପ୍ରଥମ ଦଳର କାର୍ଯ୍ୟକ୍ରମ ଉପସ୍ଥାପନ କରିବ । ଏପରି କରିବା ଦ୍ୱାରା ବିଷୟବସ୍ତୁ ଉପରେ ଅଧିକ ଚର୍ଚ୍ଚା ସହ ହେବା ସହ ଶିକ୍ଷାର୍ଥୀ/ନୀମାନଙ୍କୁ ଧନ୍ୟବାଦ ଜଣାଇ ସେମାନେ ବିଦ୍ୟାଳୟକୁ ଫେରିବା ପରେ ଏଭଳି ମାସିକ ଯୋଜନା ପ୍ରସ୍ତୁତ କରି ନିଜର ଲକ୍ଷ୍ୟ ପୂରଣ କରିବା ଦିଗରେ ସେମାନଙ୍କୁ ଉତ୍ସାହିତ କରନ୍ତୁ ।

## ଶ୍ରେଣୀ ଗୃହରେ ପିଲାମାନଙ୍କ ଭାଗିଦାରୀ ବଢ଼ାଇବା ପାଇଁ ସୂଚନା

● ଇତିହାସ ପଢ଼ାଇବା ବେଳେ ଚରିତ୍ରଗୁଡ଼ିକର ଅଭିନୟ କରିବା ଦ୍ୱାରା ଶିକ୍ଷକ କଥାବସ୍ତୁକୁ ପ୍ରାଞ୍ଜଳଭାବରେ ବୁଝାଇ ପାରିବେ । ଛାତ୍ରଛାତ୍ରୀଙ୍କର ଧ୍ୟାନ ଆକର୍ଷଣ କରିବାରେ ସଫଳ ହେବେ ।

● ପିଲାମାନଙ୍କୁ ଅଭିନୟ କରିବା ପାଇଁ ଉତ୍ସାହିତ କରନ୍ତୁ। ଏହାଦ୍ୱାରା ସେମାନଙ୍କ ଭାଗିଦାରୀ ବଢ଼ିବା ସହ ଶିକ୍ଷାଦାନ ଆନନ୍ଦଦାୟକ ହେବ ।

● ପ୍ରତ୍ୟେକ କାର୍ଯ୍ୟ ଦିବସରେ ପିଲାମାନଙ୍କଠାରୁ ସେମାନେ ଚାହୁଁଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାନ୍ତୁ । ସେମାନଙ୍କ ସହ ପରାମର୍ଶ ପରେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିଶ୍ଚିତ କରି ସବୁ ପ୍ରକାର ସହାୟତା ଯୋଗାଇ ଦିଅନ୍ତୁ । ଏହାଦ୍ୱରା ପିଲାମାନଙ୍କ ଠାରେ ସୃଜନଶୀଳତାର ବିକାଶ ଘଟିବା ସହ ବିଦ୍ୟାଳୟରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କ ରୁଚି ବଢ଼ିବ ।

● ଛାତ୍ରଛାତ୍ରୀଙ୍କୁ ଶ୍ରେଣୀରେ ଶିକ୍ଷକ ଭୂମିକା ଗ୍ରହଣ କରି ବେଳେବେଳେ ସହପାଠୀ କିମ୍ବା ତଳ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ପଢ଼ାଇବା ପାଇଁ କୁହନ୍ତୁ । ଏହା ଦ୍ୱାରା ସେମାନେ ଶିକ୍ଷକଙ୍କ ଭୂମିକା ଓ ଦୃଷ୍ଟିକୋଣରୁ ବୁଝିବା ସହଜ ହେବ ଏବଂ ଆତ୍ମବିଶ୍ୱାସ ସହ ସେମାନେ ଏଭଳି ରୁଚିକର ସହଭାଗିତା ପାଇଁ ଆଗ୍ରହୀ ହେବେ ।



● ବେଳେବେଳେ ଖେଳ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇପାରେ । ଉଦାହରଣ ସ୍ୱରୂପ ଶିକ୍ଷକ ସମସ୍ତଙ୍କୁ ଛାତ୍ରଛାତ୍ରୀଙ୍କୁ ଗୋଲ୍ କରି ବସିବାକୁ କୁହନ୍ତୁ । ସେ ନିଜେ ଗୋଟିଏ ବଲ୍ ଧରି ବସନ୍ତୁ । ଏହାପରେ ଖେଳର ନିୟମ ବୁଝାନ୍ତୁ । ପ୍ରତ୍ୟେକ ଖେଳାଳୀ ବଲ୍ ଫିଙ୍ଗିବା ସମୟରେ ଏକ ଶବ୍ଦ କହିବ । ବଲ୍ ପାଇଥିବା ଖେଳାଳୀ ତୁରନ୍ତ ଉକ୍ତ ଶବ୍ଦର ଶେଷ ଅକ୍ଷରରୁ ଆରମ୍ଭ କରି ନୂତନ ଶବ୍ଦଟିଏ କହି ଅନ୍ୟପାଖକୁ ବଲ୍ ଫିଙ୍ଗିବ । ଯେ ଶବ୍ଦ କହିବାରେ ଅସମର୍ଥ ହେବ ସେ ବାଦ୍ ପଡ଼ିବ । ଏହିପରି ଭାବରେ ଖେଳକୁ ଖେଳ ମାଧ୍ୟମରେ ପିଲାମାନଙ୍କ ଜ୍ଞାନ ବୃଦ୍ଧି କରିବା ସହ ସହଭାଗିତା ଲାଭ କରି ହେବ ।

● ଗୋଟିଏ ବ୍ୟାଗ୍‌ରେ ଥିବା କିଛି ଜିନିଷକୁ ନଦେଖି ପିଲାମାନେ ହାତଭର୍ତ୍ତି କରି ଅନୁମାନ ଲଗାଇବେ ଏବଂ ଏ ସମ୍ପର୍କରେ ବର୍ଣ୍ଣନା କରିବେ। ପରେ ଜିନିଷଟିକୁ ବାହାରକୁ ଆଣିବା ଦ୍ୱାରା ସତ୍ୟାସତ୍ୟ ପ୍ରମାଣିତ ହେବ । ଏପରି ଖେଳ ପିଲାଙ୍କ ଠାରେ ବେଶ୍ କୌତୁହଳ ଓ ଆନନ୍ଦ ସୃଷ୍ଟି କରିପାରେ ।

● ପିଲାମାନଙ୍କୁ କାହାଣୀ କହିବା ପ୍ରତିଯୋଗିତାରେ ସାମିଲ୍ କରାଯାଇପାରେ । ଜଣେ ପିଲା ୨,୩ ଟି ବାକ୍ୟ କହିବା ପରେ ପରବର୍ତ୍ତୀ ପିଲା ଏହାକୁ ଆଗକୁ ନେବ ଏବଂ କହିନପାରିଲେ ପ୍ରତିଯୋଗିତାରୁ ବାଦ୍ ପଡ଼ିବ । ଏହାଦ୍ୱାରା ସେମାନଙ୍କ ଉପସ୍ଥିତ ବୁଦ୍ଧି, ଭାବନା ଶକ୍ତି ବୃଦ୍ଧି ପାଇବା ସହ ବିଦ୍ୟାଳୟରେ ଆନନ୍ଦର ଏକ ସକରାତ୍ମକ ବାତାବରଣ ସୃଷ୍ଟି କରାଯାଇପାରେ ।

● ମଝିରେ ମଝିରେ ପିଲାମାନେ ବିଦ୍ୟାଳୟରେ ପ୍ରଦର୍ଶନୀ ଆୟୋଜନ କରି ନିଜେ ପ୍ରସ୍ତୁତ କରିଥିବା ସାମଗ୍ରୀ ଏବଂ ମଡ଼େଲ ଦେଖାଇବା ସହ କିଛି ଜିନିଷପତ୍ର ମଧ୍ୟ ବିକ୍ରି କରିପାରନ୍ତି । ଏହି ସମୟରେ ଚା, ଜଳଖିଆ, ପାନୀୟ ଜଳ, ସଫେଇ ଏବଂ ଶୌଚାଳୟର ଦାୟିତ୍ୱ ତୁଲାଇବା ଦ୍ୱାରା ସେମାନେ ପରିଚାଳନାଗତ ଦକ୍ଷତା ଲାଭ କରିବା ସହ ବଡ଼ମାନଙ୍କ ଠାରୁ ସ୍ୱୀକୃତି ଏବଂ ସମ୍ମାନ ପାଆନ୍ତି ।

## ଅଭ୍ୟାସ ୩୩

**ସମୟ - ୨୦ ମିନିଟ୍**

**ଉଦ୍ଦେଶ୍ୟ** - ସ୍ୱେଚ୍ଛାକୃତ ଅନୁଶାସନ ପ୍ରଶିକ୍ଷଣ ଅନ୍ତର୍ଗତ ବିଷୟବସ୍ତୁ ସାରାଂଶ ଆଲୋଚନା କରିବା ଏହି ଅଭ୍ୟାସର ଉଦ୍ଦେଶ୍ୟ ଅଟେ।

**ଆବଶ୍ୟକ ଉପକରଣ :**

- ଶିକ୍ଷାର୍ଥୀ/ନୀଙ୍କ ପାଇଁ ଗଛର ଚିତ୍ର
- ପ୍ରଶିକ୍ଷଣ ପାଇଁ ସୂଚନା

ପ୍ରଶିକ୍ଷଣ ଶେଷରେ ପୁଣିଥରେ ମୁଖ୍ୟ ବିଷୟବସ୍ତୁ ଗୁଡିକର ସାରାଂଶ ବୁଝାନ୍ତୁ। ପିଲାମାନେ ଆଶ୍ୱସ୍ତ ଅନୁଭବ କଲେ ଏବଂ ନିଜ ଆଚରଣ ଦ୍ୱାରା ଆନନ୍ଦଲାଭ କଲେ ବଡମାନେ ମଧ୍ୟ ଏହାର ସୁଫଳ ପାଇବେ। ବିଦ୍ୟାଳୟରୁ ସନ୍ଦେହ, କ୍ରୋଧ ଓ ଦଣ୍ଡକୁ ଦୂର କରିବାକୁ ହେଲେ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅନ୍ୟ ସମସ୍ତ ସଂଲଗ୍ନ ବୟସ୍କ ବ୍ୟକ୍ତି ନିଜର ଦୃଷ୍ଟିକୋଣ, ବିଚାର ଓ ବ୍ୟବହାରରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଚେର ଯେପରି ଗଛର ବିକାଶକୁ ନିୟନ୍ତ୍ରଣ କରେ, ଠିକ୍ ସେହିପରି ବୟସ୍କମାନେ ନିମ୍ନଲିଖିତ କାର୍ଯ୍ୟଦ୍ୱାରା ପିଲାଙ୍କୁ ସ୍ୱେଚ୍ଛାକୃତ ଅନୁଶାସନ ଏବଂ ଉତ୍ତମ ଆଚରଣ ପାଇଁ ପ୍ରେରିତ କରିବା ଉଚିତ୍।

- ପିଲାଙ୍କ ଠାରେ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସବୋଧ ସୃଷ୍ଟି କରନ୍ତୁ।
- ପିଲାଙ୍କ କଥା, ତର୍କ ବା ନିବେଦନକୁ ଧ୍ୟାନ ଦେଇ ଶୁଣନ୍ତୁ।
- ପିଲାଙ୍କ ମଧ୍ୟରେ ଜାତି,ବର୍ଣ୍ଣ, ଧର୍ମ, ଭାଷା, ଶାରୀରିକ ଅକ୍ଷମତା ଆଦିକୁ ନେଇ ପାତର ଅନ୍ତର କରନ୍ତୁ ନାହିଁ।
- ପିଲାମାନଙ୍କ ଆବଶ୍ୟକତା ଓ ସମସ୍ୟା ପ୍ରତି ସମ୍ବେଦନଶୀଳ ହୁଅନ୍ତୁ।
- ଆମ୍ଭେ ନିଜ କାର୍ଯ୍ୟର ଫଳାଫଳ ପ୍ରତି ଧ୍ୟାନ ଦେଇ ପିଲାଙ୍କୁ ମଧ୍ୟ ସେମାନେ କରୁଥିବା କାର୍ଯ୍ୟକଳାପର ଫଳାଫଳ ବିଷୟରେ ଚିନ୍ତା କରିବାକୁ କୁହନ୍ତୁ।
- ଅହିଂସାର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଏହାକୁ ସମ୍ପୂର୍ଣ୍ଣଭାବେ ନିଷେଧ କରନ୍ତୁ।



ଏକ ସକରାତ୍ମକ ପରିବେଶର ଭିତ୍ତିଭୂମି ନିର୍ମାଣ କଲେ, **ହୃଷ୍ଟପୁଷ୍ଟ ଚେର ଦ୍ୱାରା ବଳିଷ୍ଠ କାଣ୍ଡ ସୃଷ୍ଟି ହୋଇ ଶାଖା ପ୍ରଶାଖା** ମେଲାଇବା ଭଳି ନିମ୍ନଲିଖିତ ପରିବର୍ତ୍ତନ ଲକ୍ଷ୍ୟ କରିହେବ :-

- ପିଲାଙ୍କ ଚାହିଦା ଏବଂ ମନୋଭାବକୁ ବୁଝି ଶିକ୍ଷା ପଠନ ପାଇଁ ଏବଂ ଆନନ୍ଦଦାୟକ ପରିବେଶ ସୃଷ୍ଟି କରିବା।
- ପିଲାଙ୍କୁ ସହଜରେ ଏବଂ ବିନା ଭୟରେ ଶିଖିବା ଏବଂ ବିଭିନ୍ନ ଗଠନାତ୍ମକ କାର୍ଯ୍ୟକ୍ରମରେ ଭାଗ ନେବାକୁ ସୁଯୋଗ ଦେବା।
- ପିଲାଙ୍କ ଠାରେ ଆତ୍ମସମ୍ମାନବୋଧ ଏବଂ ଉତ୍ତମ ଆଚରଣ ସୃଷ୍ଟି କରିବା।

**କାଣ୍ଡଗୁଡିକ ଆହୁରି ପ୍ରସାରିତ ଓ ସୁଦୃଢ଼ ହେବ ଯେତେବେଳେ ପିଲାଙ୍କ ସଂସ୍ପର୍ଶରେ ଆସୁଥିବା ସବୁ ବୟସ୍କ ବ୍ୟକ୍ତି ତଥା ଶିକ୍ଷକ, ଶିକ୍ଷୟତ୍ରୀମାନେ ନିମ୍ନଲିଖିତ ବିଷୟଗୁଡିକ ଉପରେ ଧ୍ୟାନ ଦେବେ।**

- ନକରାତ୍ମକ ଭାବନା ଓ ବ୍ୟବହାର ସୃଷ୍ଟି କରୁଥିବା କାରଣଗୁଡିକୁ ଚିହ୍ନଟକରି ସେଗୁଡିକର ପ୍ରତିକାର କରିବା।
- ଏକ ମୁକ୍ତ ପରିବେଶ ଯେଉଁଠି ପିଲାମାନେ ନିର୍ଭୟରେ ଏବଂ ଆନନ୍ଦରେ ଶିକ୍ଷାଲାଭ କରିପାରିବେ ସେଭଳି ଅବସ୍ଥା ଏବଂ ଏହାର ସୁପରିଣାମ ବିଷୟରେ ଚିନ୍ତା କରିବା।
- ବିଭିନ୍ନ କାର୍ଯ୍ୟକ୍ରମ ଏବଂ ବିଭାଗରେ ପିଲାଙ୍କୁ ଅଂଶ ଗ୍ରହଣ ପାଇଁ ସୁଯୋଗ ଦେବା ଦ୍ୱାରା ମିଳିବାକୁଥିବା ଲାଭ ବିଷୟରେ ଭାବିବା।
- ଗୋଷ୍ଠୀ ସହଭାଗିତାକୁ ପ୍ରୋତ୍ସାହନ ଦେବା ଦ୍ୱାରା ବିଦ୍ୟାଳୟ ପରିଚାଳନାରେ ହେବାକୁଥିବା ସୁବିଧାଗୁଡିକୁ ଚିହ୍ନଟ କରିବା।
- ଦଳଗତ ଆଲୋଚନା ଓ କାର୍ଯ୍ୟ ଜରିଆରେ ପାଠ ପଢ଼ାଯିବାର ସୁଫଳଗୁଡ଼ିକୁ ଚିହ୍ନଟ କରିବା।
- ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ବିଦ୍ୟାଳୟ ସ୍ତରରେ ଜଡିତ ସମସ୍ତ ବୟସ୍କ ବ୍ୟକ୍ତି ହିଂସା ଏବଂ ଦଣ୍ଡକୁ ନିଷେଧ କଲେ ଏହାଦ୍ୱାରା ସୃଷ୍ଟି ହେଉଥିବା ସକରାତ୍ମକ ବାତାବରଣ ବିଷୟରେ ଚିନ୍ତା କରିବା।
- ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ବିକାଶ ଖସଡା ପ୍ରସ୍ତୁତ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରାଗଲେ ହେବାକୁ ଥିବା ସକରାତ୍ମକ ପ୍ରଭାବ ବିଷୟରେ ଚିନ୍ତା କରିବା।

ଏଭଳି ଭାବରେ ଉତ୍ତରଦାୟିତ୍ୱ ସହ ସମସ୍ତେ ନିଜ ଭୂମିକା ପାଳନ କଲେ ଗୋଟିଏ ବିକଶିତ ଗଛରେ ଫୁଲ ଓ ଫଳ ଧରିବା ଭଳି, ସମାଜରେ ପିଲାମାନେ ଓ ବୟସ୍କ ବ୍ୟକ୍ତିମାନେ ସୁନାଗରିକ ହେବା ସହ ଆନନ୍ଦରେ ନିଜ ନିଜ କାର୍ଯ୍ୟ ସଂପାଦନା କରି ସମ୍ମାନ ଓ ଆତ୍ମବିଶ୍ୱାସର ସହ ବଞ୍ଚିବାର ସୁଯୋଗ ପାଇବେ।



bhubaneswar.pu.qplan-international.org




ପ୍ରକାଶକ : ସି.ୱାଇ.ଏସ୍.ଡି. - ପ୍ଲାନ୍, କରଡିଆ ରୋଡ, କରଞ୍ଜିଆ, ମୟୂରଭଞ୍ଜ
ପ୍ରକାଶ କାଳ : ଜୁନ୍, ୨୦୧୧